

ଯା ଦେବୀ ସର୍ବଭୂତେଷୁ............

ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net

email: pratidhwani.dhwani@gmail.com

ବାଲେଶ୍ୱର ■ ରବିବାର ୦୬ ନଭେମ୍ବର ୨୦୨୨ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ SUNDAY 06 NOVEMBER 2022

Vol.No. 33 ■ No. 288 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore(Odisha)/005/2019



ପ୍ରକାଶ ପାଇଛି ପୂଜା ସଂଖ୍ୟା

ସାଗରିକା

ଯୋଗାଯୋଗ କରନ୍ତୁ :

ମୁଖ୍ୟ ସମ୍ପାଦକ ସାଗରିକା

ଜେଲ ରୋଡ, ବାଲେଶ୍ୱର-୭୫୬୦୦୧


# ଭାରତ ଉପରେ ନଜର ରଖୁଛି ଚୀନ !



ନୂଆଦିଲ୍ଲୀ, ୦୫/୧୧ : ୩ମାସ ନପୁରୁଣୁ ପୁଣି ଥରେ ଭାରତ ବିରୋଧରେ ନିଜର ସେହି ଚିରାଚରିତ ଗୁଇନ୍ଦାଗୀରି ଆରମ୍ଭ କରିଛି ଚୀନ । ଚୀନ ନୌସେନା ଭାରତ ମହାସାଗରେ ଏକ ଜାହଜ ମୃତୟନ କରିଛି ଓ ଏହା ସମ୍ପୂର୍ଣ୍ଣ ଭାବେ ଭାରତର ଗତିବିଧି ଉପରେ ନଜର ରଖୁଥିବା ଭାରତୀୟ ଗୁଇନ୍ଦା ସଂସ୍ଥା ପ୍ରମାଣ ସହ ଦାବି କରିଛି । ଭାରତର ଜାହଜ, ବୁଡାଜାହଜର ଗତିବିଧି, ମହାସାଗରେ କ୍ଷେପଣାସ୍ତ୍ର ଗୁଡିକର ପରୀକ୍ଷଣ ଉପରେ କଡ଼ା ନଜର ରଖୁଥିବା ସୂଚନା ମିଳିଛି । ଭାରତୀୟ ପ୍ରତିରକ୍ଷା ବିଶେଷଜ୍ଞଙ୍କ ମତରେ ଭାରତର ସାମରିକ କ୍ଷମତା ମାପିବା ପାଇଁ ଚୀନ ସବୁବେଳେ ଚାହୁଁଛି । ତେଣୁ ଜଳ,ସ୍ଥଳ ଓ ବାୟୁସୀମାରେ ଗୁଇନ୍ଦାଗିରୀ କରି ତଥ୍ୟ ସଂଗ୍ରହ ପାଇଁ ଦିନରାତି ପ୍ରୟାସ କରୁଛି । ଇଣ୍ଡୋନେସିଆ ନିକଟରେ ଚୀନର ଏହି ଗୁଇନ୍ଦା ଜାହାଜ ମୁତୟନ କରାଯାଇଛି । ଭାରତ ମହାସାଗରରେ ମୁତୟନ ଏହି ଗୁଇନ୍ଦା ଜାହାଜ ଭାରତ ଉପରେ ନଜର ରଖୁଛି । ଯୁଦ୍ଧପୋତ, ବୁଡାଜାହାଜ,ସମୁଦ୍ରର ଗଭୀରତା ପରୀକ୍ଷା ପାଇଁ ବ୍ୟବହୃତ ମିସାଇଲ ଉପରେ ନଜର ରଖୁଛି । ଚୀନର ଏହି ଗୁଇନ୍ଦା ଜାହାଜର ନାଁ 'ୟୁଆନ ୱାଙ୍ଗ ୬' ଅଟେ । ମେରାଇନ ଟ୍ରାଫିକ୍କୁ ମିଳିଥିବା ସୂଚନା ଅନୁସାରେ ଏହା ନଭେମ୍ବର ୪ତାରିଖରେ ଇଣ୍ଡୋନେସିଆ ନିକଟରେ ଦେଖିବାକୁ ମିଳିଥିଲା । ଅକ୍ଟୋବର ୨୧ରେ ଚୀନର ଝିଆଁଗାୟିନଠୁ ଇଣ୍ଡୋନେସିଆ ଅଭିମୁଖେ ଯାତ୍ରା ଆରମ୍ଭ କରିଥିଲା । ମେରାଇନ ଟ୍ରାଫିକ୍ କହିଛି ଏହା ଏକ ରିସର୍ଚ୍ଚ ଭେସେଲ ଅଟେ । ଏହାର ନିର୍ମାଣ ଚୀନ ୨୦୦୮ ମସିହା ଅର୍ଥାତ ୧୪ବର୍ଷ ପୂର୍ବରୁ କରିଛି । ଚୀନ ପାଖରେ ଏଭଳି ୬ଟି ଗୁଇନ୍ଦା ଜାହାଜ ରହିଛି । ଗୁଇନ୍ଦା ଜାହାଜର ଲମ୍ବ ୨୨୨ ମିଟର ଓ ଚଉଡ଼ା ୨୫ ମିଟର ଅଟେ । କିଛି ଦିନ ପୂର୍ବରୁ ଶ୍ରୀଲଙ୍କାର ହମ୍ବନତୋଟାରେ ଚୀନର ନିଜର ଗୁଇନ୍ଦା ଜାହଜ ମୃତୟନ କରିଥିଲା । ଭାରତର ଅନୁରୋଧ ପରେ ଶ୍ରୀଲଙ୍କା ଚୀନକୁ ଜଳସୀମାରେ ଜାହାଜକୁ ପ୍ରବେଶ ନକରିବା ପାଇଁ କହିଥିଲା । ହେଲେ ଭାରତ ମହାସାଗର ଉପରେ ଦବଦବା ଜାହିର କରୁଥିବା ଚୀନ, ଶ୍ରୀଲଲଙ୍କାର କଥାକୁ ଖାତିର ନକରି ହମ୍ବନତୋଟାରେ ଗୁଇନ୍ଦା ଜାହଜ ମୃତୟନ କରିଥିଲା । ୩ମାସ ନପୁରୁଣୁ ପୁଣି ଥରେ ସମାନ ଘଟଣା ଘଟିବା ପରେ ଉଭୟ ପକ୍ଷର କଣ ରହୁଛି ପ୍ରତିକ୍ରିୟା ଏହା ଆଗାମୀ ଦିନରେ ଜଣାପଡିଛି ।

# ଆଜି ଧାମନଗର ଉପନିର୍ବାଚନ ଫଳାଫଳ : ସକାଳ ୮ଟାରୁ ଭୋଟ ଗଣତି



ଭୁବନେଶ୍ୱର, ୦୫/୧୧ (ନି.ପ୍ର): ଆସନ୍ତାକାଲି (ରବିବାର) ଧାମନଗର ଉପନିର୍ବାଚନ ଫଳାଫଳ ପ୍ରକାଶ ପାଇବ। ଏସମ୍ପର୍କରେ ସୂଚନା ଦେଇ ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ ସୁଶୀଲ ଲୋହାନୀ କହିଛନ୍ତି ରବିବାର ସକାଳ ୮ଟାରୁ ଭୋଟ ଗଣତି ଆରମ୍ଭ ହେବ। ଭଦ୍ରକ ସଂସ୍କୃତି ଭବନରେ ଭୋଟ୍ ଗଣତି ପାଇଁ ବ୍ୟବସ୍ଥା କରାଯାଇଛି। ଭୋଟ ଗଣତି ପାଇଁ ୧୪ଟି ଟେବୁଲର ବ୍ୟବସ୍ଥା କରାଯାଇଛି। କାଉଂଟିଙ୍ଗ ପାଇଁ ପ୍ରତି ଟେବୁଲରେ ଜଣେ ସୁପରଭାଇଜର, ଜଣେ ଆସିଷ୍ଟାଂଟ ସୁପରଭାଇଜର ଓ ଜଣେ ମାଇକ୍ରୋ ଅବଜରଭର ରହିବେ। ୧୮ଟି ରାଉଣ୍ଡରେ ଭୋଟ୍ ଗଣତି ହେବ। ଏଥିପାଇଁ ଜିଲ୍ଲା ପ୍ରଶାସନ ପକ୍ଷରୁ ଭଦ୍ରକ ସଂସ୍କୃତି ଭବନରେ ବ୍ୟାପକ ବ୍ୟବସ୍ଥା କରାଯାଇଛି। ପ୍ରଥମେ ପୋଷ୍ଟାଲ ବାଲାଟ ଗଣତି ଆରମ୍ଭ ହେବ। ଭୋଟ ଗଣତି ପାଇଁ ତ୍ରିସ୍ତରୀୟ ସୁରକ୍ଷା ବ୍ୟବସ୍ଥା କରାଯାଇଛି। କେନ୍ଦ୍ରୀୟ ସୁରକ୍ଷାବଳ ଓ ରାଜ୍ୟ ପୁଲିସ ନିୟୋଜିତ ହୋଇଛନ୍ତି। ଷ୍ଟ୍ରଙ୍ଗରୁମରେ କଡ଼ା ସୁରକ୍ଷା ବଳୟରେ ଇଭିଏମ ରଖାଯାଇଛି। ଭୋଟଗ୍ରହଣ ପରେ ୨୫୨ଗୋଟି ବୁଥ୍ ରୁ ଫେରିଥିବା ଇଭିଏମ୍ ଭୋଟଗୁଡ଼ିକୁ ସମୁଦାୟ ୧୮ଟି ରାଉଣ୍ଡରେ ଗଣତି କରାଯିବ ଓ ସବାଶେଷରେ ଭିଭିପ୍ୟାଟ୍ ସ୍ଲିପ୍ ଗୁଡ଼ିକୁ ଗଣତି କରାଯିବ ବୋଲି ମୁଖ୍ୟ ନିର୍ବାଚନ ଅଧିକାରୀ ସାମ୍ବାଦିକ ସମ୍ମିଳନୀରେ ପ୍ରକାଶ କରିଛନ୍ତି। ଇଭିଏମ୍ ଭୋଟଗଣନା ପାଇଁ ସମୁଦାୟ ୧୪ଗୋଟି ଟେବୁଲର ବ୍ୟବସ୍ଥା କରାଯାଇଥିବାବେଳେ ପୋଷ୍ଟାଲ ବାଲାଟ ଗଣତି ପାଇଁ ରିଟର୍ଣ୍ଣିଂ ଅଧିକାରୀଙ୍କ ପାଖରେ ଅନ୍ୟ ଗୋଟିଏ ଟେବୁଲର ବ୍ୟବସ୍ଥା କରାଯାଇଛି। ନିର୍ବାଚନ ଆୟୋଗଙ୍କ ଦ୍ୱାରା ନିଯୁକ୍ତ ହୋଇଥିବା ପର୍ଯ୍ୟବେକ୍ଷକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ସମସ୍ତ ପ୍ରକାରର ଗଣତି କାର୍ଯ୍ୟ କରାଯିବ। ପ୍ରତ୍ୟେକ କାଉଂଟିଂ ଟେବୁଲ୍ ପାଇଁ ଜଣେ କାଉଂଟିଂ ସୁପରଭାଇଜର ଓ ଜଣେ କାଉଂଟିଂ ଆସିଷ୍ଟାଂଟ ନିଯୁକ୍ତ ହୋଇଛନ୍ତି । ▶▶ପୃଷ୍ଠା ୭

## ପଦ୍ମପୁର ଉପନିର୍ବାଚନ ନିମନ୍ତେ କଂଗ୍ରେସର କମିଟି ଗଠନ

ଭୁବନେଶ୍ୱର, ୦୫/୧୧ (ନି.ପ୍ର): ଆଗାମୀ ପଦ୍ମପୁର ଉପନିର୍ବାଚନ ନିମନ୍ତେ ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି ସଭାପତି ଶରତ ପଟ୍ଟନାୟକ ଏକ କମିଟି ଗଠନ କରିଛନ୍ତି। ଏହି କମିଟିରେ ପୂର୍ବତନ ମନ୍ତ୍ରୀ କିଶୋର ଚନ୍ଦ୍ର ପଟେଲ ଅଧକ୍ଷ ରହିଥିଲା ବେଳେ ବିଧାୟକ ସନ୍ତୋଷ ସିଂ ସାଲୁଜା ଆବାହକ ଭାବରେ ଓ ବିଧାୟକ ଅଧିରାଜ ମୋହନ ପାଣିଗ୍ରାହୀ ଏବଂ ବିଧାୟକ ଡ. ସି. ଏସ ରାଜନ ଏକା ସଭ୍ୟ ଭାବରେ ରହିଛନ୍ତି। ଉକ୍ତ କମିଟି ଖୁବଶୀଘ୍ର ପଦ୍ମପୁର ଅଂଚଳ ଗ୍ରସ୍ତକରି ଜିଲ୍ଲା କଂଗ୍ରେସ କମିଟି ସଭାପତି ନିହାର ରଞ୍ଜନ ମହାନନ୍ଦ, ଜିଲ୍ଲା କଂଗ୍ରେସ ସାମ୍ମୁଖ୍ୟ, ବିଭାଗ ଓ ପ୍ରକୋଷ୍ଠର ମୁଖ୍ୟ ଏବଂ ଅନ୍ୟାନ୍ୟ କର୍ମକର୍ତାଙ୍କୁ ଭେଟି ସମ୍ଭାବ୍ୟ ବିଜୟୀ ପ୍ରାର୍ଥୀ ମାନଙ୍କ ନାମ ପ୍ରସ୍ତାବ ପ୍ରଦେଶ କଂଗ୍ରେସ କମିଟିକୁ ପ୍ରଦାନ କରିବାପାଇଁ ଶ୍ରୀ ପଟ୍ଟନାୟକ ଅନୁରୋଧ କରିଛନ୍ତି ବୋଲି ପିସିସି କାର୍ଯ୍ୟାଳୟ ସୂତ୍ରରୁ ଏକ ପ୍ରେସ ବିଜ୍ଞପ୍ତିରେ ପ୍ରକାଶ କରାଯାଇଛି।

# ହିମାଚଳ ନିର୍ବାଚନ ପାଇଁ ଘୋଷଣାପତ୍ର ଜାରିକଲା କଂଗ୍ରେସ



ଭୁବନେଶ୍ୱର, ୦୫/୧୧ (ନି.ପ୍ର): ଶୁକ୍ରବାର ହିମାଚଳପ୍ରଦେଶରେ ପହଁଚି କ୍ୟାମ୍ପେନ କରିଥିଲେ କଂଗ୍ରେସର ସାଧାରଣ ସମ୍ପାଦକ ପ୍ରିୟଙ୍କା ଗାନ୍ଧୀ ବାଡ୍ରା । ରାଜ୍ୟବାସୀଙ୍କୁ ଆକୃଷ୍ଟ କରିବା ପାଇଁ ଏଭଳି କିଛି ପ୍ରତିଶ୍ରୁତି ଦେଇଥିଲେ ଓ ବିଜେପି ସରକାରଙ୍କ ବିରୋଧରେ ବର୍ଷିଥିଲେ । ପ୍ରତିଶ୍ରୁତିର ୨୪ଘଂଟା ନପୁରୁଣ ଦଳ ନିର୍ବାଚନୀ ଇସ୍ତାହାର ଜାରି କରିଛି । ଏହି ନିର୍ବାଚନୀ ଇସ୍ତାହାର ନାଁ ରହିଛି କଂଗ୍ରେସ ପ୍ରତିଜ୍ଞା ପତ୍ର । ଛତିଶଗଡ ମୁଖ୍ୟମନ୍ତ୍ରୀ ଭୂପେଶ ବଘେଲ, ଏଆଇସିସି ଇନଚାର୍ଜ ରାଜୀବ ଶୁକ୍ଳା, ପ୍ରଦେଶ ସଭାପତି ପ୍ରତିଭା ସିଂ, କଂଗ୍ରେସ ନିର୍ବାଚନ ପ୍ରଚାର କମିଟି ଅଧକ୍ଷ ସୁଖବିନ୍ଦର ସିଂଙ୍କ ଉପସ୍ଥିତିରେ ଦଳ ଏହି ନିର୍ବାଚନୀ ଇସ୍ତାହା ଜାରି କରିଛି । ୫ବର୍ଷରେ ୫ଲକ୍ଷ ଯୁବକଯୁବତୀଙ୍କୁ ନିଯୁକ୍ତି ଦିଆଯିବ । ପ୍ରତିମାସରେ ପ୍ରତ୍ୟେକ ମହିଳାଙ୍କୁ ୧୫ଶହଙ୍କ ଟଙ୍କା ମିଳିବ । ପୁରୁଣା ପେନସନ ସ୍କିମ ଲାଗୁ ହେବ । ୩ଶହ ୟୁନିଟ ପର୍ଯ୍ୟନ୍ତ ମିଳିବ ମାଗଣା ବିଦ୍ୟୁତ । ରାଜ୍ୟରେ ନୂଆ ନିଯୁକ୍ତି ବୋର୍ଡ ଗଠନ କରାଯିବ । ବିଜ୍ଞପ୍ତି ପ୍ରକାଶର ୬ମାସ ମଧ୍ୟରେ ସବୁ ପଦବୀ ପୂରଣ ହେବ । ସବୁ ସରକାରୀ କର୍ମଚାରୀଙ୍କୁ ବକେୟା ଅର୍ଥ ମିଳିବ । ସମସ୍ତ ଠିକା କର୍ମଚାରୀଙ୍କୁ ୨ବର୍ଷ ଭିତରେ ନିୟମିତ କରାଯିବ । କଂଗ୍ରେସ କ୍ଷମତାକୁ ଆସିଲେ ହିମାଚଳରୁ ଅଗ୍ନିବୀର ଯୋଜନା ବନ୍ଦ ହେବ । ଏଥିସହ କଂଗ୍ରେସ କହିଛି ଯୁବବର୍ଗଙ୍କ ଶିକ୍ଷାଠୁ ନେଇ ଚାକିରି ସମସ୍ୟା ବୁଝି ସମାଧାନ ରାଜ୍ୟରେ ଗଠନ ହେବ ଯୁବ କମିଶନ ଦରବୃଦ୍ଧି, ବେକାରୀ, ସରକାରୀ ଚାକିରିଆଙ୍କ ସମସ୍ୟାକୁ ଗୁରୁତ୍ୱ ଦେବ ଦଳ । ମହିଳା, ଯୁବବର୍ଗ, ଅବସରପ୍ରାପ୍ତ କର୍ମଚାରୀଙ୍କୁ ଗୁରୁତ୍ୱ ଦିଆଯିବ । ▶▶ପୃଷ୍ଠା ୭

# ଡିସେମ୍ବର ୫ରେ ପଦ୍ମପୁର ଉପନିର୍ବାଚନ : ୧୦ ରେ ପ୍ରକାଶ ପାଇବ ବିଜ୍ଞପ୍ତି

ଭୁବନେଶ୍ୱର, ୦୫/୧୧ (ନି.ପ୍ର): ଭାରତର ନିର୍ବାଚନ କମିସନ ଶନିବାର ଦିନ ପଦ୍ମପୁର ଉପନିର୍ବାଚନ ଲାଗି ଭୋଟ୍ ଗ୍ରହଣର ତାରିଖ ଘୋଷଣା କରିଛନ୍ତି। ଆଗାମୀ ଡିସେମ୍ବର ୫ ତାରିଖରେ ପଦ୍ମପୁର ଉପନିର୍ବାଚନ ଲାଗି ଭୋଟ୍ ହେବ। ୧-ପଦମ୍ପୁର ବିଧାନସଭା ମଣ୍ଡଳୀର ଉପନିର୍ବାଚନ ତାରିଖ ଘୋଷଣା ହେବା ଦିନଠାରୁ ଅର୍ଥାତ୍ ଆଜିଠାରୁ ପଦମ୍ପୁର ନିର୍ବାଚନ ମଣ୍ଡଳୀ ସହ ସମଗ୍ର ବରଗଡ଼ ଜିଲ୍ଲାରେ ଆଦର୍ଶ ଆଚରଣବିଧି ଲାଗୁ କରାଯାଇଛି । ନିର୍ବାଚନ କମିଶନଙ୍କ ପକ୍ଷରୁ ଦିଆଯାଇଥିବା ସୂଚନା ଅନୁସାରେ ପଦ୍ମପୁରରେ ଡିସେମ୍ବର ୫ରେ ଉପନିର୍ବାଚନ ପାଇଁ ଭୋଟ୍ ଗ୍ରହଣ ହେବ। ଏଥିପାଇଁ ନଭେମ୍ବର ୧୦ରେ ବିଜ୍ଞପ୍ତି ପ୍ରକାଶ ପାଇବ, ନଭେମ୍ବର ୧୭ ସୁଦ୍ଧା ନାମାଙ୍କନପତ୍ର ଦାଖଲ, ନଭେମ୍ବର ୧୮ରେ ପ୍ରାର୍ଥିପତ୍ର ଯାଂଚ, ନଭେମ୍ବର ୨୧ ସୁଦ୍ଧା ପ୍ରାର୍ଥିପତ୍ର ପ୍ରତ୍ୟାହାର ହେବ। ଡିସେମ୍ବର ୮ରେ ଭୋଟ୍ ଗଣତି ଓ ଡିସେମ୍ବର ୧୦ ସୁଦ୍ଧା ନିର୍ବାଚନ ପ୍ରକ୍ରିୟା ଶେଷ ହେବ। ସୂଚନାଯୋଗ୍ୟ, ପଦ୍ମପୁର ବିଧାୟକ ବିଜୟ ରଂଜନ ସିଂହ ବରିହାଙ୍କର ଗତ ମାସ ୩ତାରିଖରେ ପରଲୋକ ହେବା ପରେ ଓଡ଼ିଶା ବିଧାନସଭାରେ ଏକ ଶୂନ୍ୟସ୍ଥାନ ସୃଷ୍ଟି ହେବା ସଂକ୍ରାନ୍ତରେ ବିଧାନସଭା ସଚିବ ଦାଶରଥୀ ଶତପଥୀ ବିଜ୍ଞପ୍ତି ଜାରି କରିଥିଲେ।

## ମୋରବୀ ଝୁଲାପୋଲ ଦୁର୍ଘଟଣା : ୨କୋଟି ବଜେଟରୁ ମରାମତି ପାଇଁ ଖର୍ଚ୍ଚ ହୋଇଛି ୧୨ ଲକ୍ଷ

ନୂଆଦିଲ୍ଲୀ, ୦୫/୧୧ : ଗୁଜରାଟ ମୋରବୀ ଝୁଲାପୋଲ ଦୁର୍ଘଟଣା ମାମଲାରେ ସାଘାଂତିକ ସତ ସାମ୍ନାକୁ ଆସିଛି । ମାମଲାର ତଦନ୍ତ କରୁଥିବା ଏସଆଇଟି ନିଜ ପ୍ରଥମ ତଦନ୍ତ ରିପୋର୍ଟରେ କହିଛି କି ପୋଲର ମରାମତି ପାଇଁ ୨କୋଟି ଟଙ୍କା ମଂଜୁର ହୋଇଥିଲା କିନ୍ତୁ ଖର୍ଚ୍ଚ କେବଳ ୧୨ ଲକ୍ଷ ଟଙ୍କା ହୋଇଛି । ଏହାର ଅର୍ଥ ମୋଟ ବଜେଟର କେବଳ ୬ପ୍ରତିଶତ ଖର୍ଚ୍ଚ ପୋଲର ମରାମତି ପାଇଁ ହୋଇଛି । ଅହମଦାବାଦର ଓରେବା ଗ୍ରୁପ ପୋଲ ମରାମତି ପାଇଁ ଟେଣ୍ଡର ନେଇଥିଲା । ଯାଂଚ ରିପୋର୍ଟରେ ଏକଥା ମଧ୍ୟ କୁହାଯାଇଛି କି ଓରେବା ଗ୍ରୁପ କେବଳ ଅର୍ଥ ହେରଫେର କରିନି ବଂର ମୋଟା ଅର୍ଥର ଟଙ୍କାକୁ ଆତ୍ମସାତ୍ କରିଛି । ଟେଣ୍ଡର ନେଇ ନିଜେ କାମ ନକରି ଅନ୍ୟ ଦୁଇ ଅନଭିଜ୍ଞ କମ୍ପାନୀକୁ ମରାମତି କାମ ଦେଇଥିଲା । ଦେବପ୍ରକାଶ ସଲ୍ୟୁସନଠୁ ଜବତ ଦସ୍ତାବିଜରେ ଏହି ସତ ଧରାପଡିଛି । ଓରେବା ଗ୍ରୁପକୁ ଆଗାମୀ ୧୫ବର୍ଷ ପାଇଁ ଟେଣ୍ଡର ମିଳିଥିଲା । ମୋରବୀ ମ୍ୟୁନିସପାଲଟି ମୁଖ୍ୟ ଅଧିକାରୀଙ୍କୁ ନିଲମ୍ବିତ କରାଯାଇଛି ।

# ଆରପାରିରେ ଗୀତିକାର ନିମାଇଁ ମହାନ୍ତି



ବାରିପଦା,୦୫/୧୧ (ନି.ପ୍ର): ମୟୁରଭଂଜ ଜିଲ୍ଲା ହରାଇଲା ଆଉ ଜଣେ ସିନେ ଜଗତର ସୁନାମଧନ୍ୟ ଗୀତିକାରଙ୍କୁ । ଗୀତିକାର ନିମାଇଁ ମହାନ୍ତି ତାଙ୍କ ବାରିପଦା ପୁରୁଣା ହାଟସହି ୱାର୍ଡ ନଂ-୬ ସ୍ଥିତ ନିଜ ବାସଭବନରେ ୬୯ ବର୍ଷ ବୟସରେ ଶେଷ ନିଶ୍ୱାସ ତ୍ୟାଗ କରିଛନ୍ତି । ସ୍ୱର୍ଗତ ମହାନ୍ତି ଓଡିଆ ଚଳଚିତ୍ର ଜଗତରେ ସାଗରଗଙ୍ଗା, ଗୋପରେ ବଢୁଛି କଳା କାହ୍ନାଇ, ଅକୁହା କଥା, ସହର ଜଳୁଛି ଭଳି ଅନେକ ଲୋକପ୍ରିୟ ଚଳଚ୍ଚିତ୍ରପାଇଁ ସଙ୍ଗୀତ ଲେଖି ସୁନାମ ଅର୍ଜନ କରିଥିଲେ । ଚଳଚ୍ଚିତ୍ର ସଙ୍ଗେ ସଙ୍ଗେ ଅନେକ ଓଡ଼ିଆ ସିରିୟେଲ ପାଇଁ ମଧ ସେ ଗୀତ ରଚନା କରିଥିଲେ । ତାଙ୍କ ଲେଖା ଅନେକ ଗୀତ ଆଜିବି ମଂଚରେ ପରିବେଷିତ ହୋଇ ଦର୍ଶକଙ୍କ ମନରଂଜନ କରୁଛି । ଓଡ଼ିଆ ଗୀତି କବିତା କ୍ଷେତ୍ରରେ ନିମଇଁ ମହାନ୍ତି ଙ୍କ ନାଁ ଚିର ସ୍ମରଣୀୟ । ସ୍ୱର୍ଗତ ମହାନ୍ତି ଏକାଧାରରେ ଜଣେ, ଗୀତିକାର, ଆଇନଜୀବୀ, ଲେଖକ ଓ ସଂସ୍କୃତି ବିଶେଷଜ୍ଞ ମଧ ଥିଲେ । ସେ ତାଙ୍କ ସମୟରେ ୩୦ ରୁ ଅଧିକ ଓଡ଼ିଆ ଚଳଚ୍ଚିତ୍ରପାଇଁ ଗୀତ ରଚନା କରିଥିବା ବେଳେ ତାଙ୍କର ଲେଖା ଗୀତ ଗୁଡ଼ିକ ସମସ୍ତଙ୍କ ଠାରୁ ସ୍ୱତନ୍ତ୍ର ଓ ଉଚ୍ଚ କୋଟିର ହୋଇଥିବାରୁ ଓଡିଶାବାସୀ ଆଜିବି ତାଙ୍କର ଅନେକ ଗୀତକୁ ମନେ ରଖିଛନ୍ତି । ତାଙ୍କର ଲେଖିଥିବା ଗୀତ ମଧ୍ୟରୁ ଚନ୍ଦ୍ରମା ଆଗୋ ଚନ୍ଦ୍ରମା ତୁମେ ମେଘତଳେ ଲୁଚିଯାଅନା, ସହରର ବତୀ ସବୁ ଲିଭିଗଲା ପରେ ତୁମକୁ ମୁଁ ଚିଠିଲେଖେ ଜହ୍ନ ଆଲୁଅରେ ଭଳି ଅନେକ ଗୀତ ଆଜିବି ଅନେକ ଲୋକଙ୍କ ହୃଦୟ ସ୍ଥାନ ପାଉଛି । ସ୍ୱର୍ଗତ ନିମଇଁ ମହାନ୍ତିଙ୍କ ଗୀତ ଗୁଡିକୁ ସଂଗୀତକାର ସ୍ୱର୍ଗତ ରାଧାକୃଷ୍ଣ ଭଂଜ, ଅକ୍ଷୟ ମହାନ୍ତି, ସରୋଜ ପଟନାୟକଙ୍କ ଭଳି ସଙ୍ଗୀତ ନିର୍ଦ୍ଦେଶକ ମାନେ ସଂଗୀତ ନିର୍ଦ୍ଦେଶନା ଦେଇଥିଲେ । ଓଡ଼ିଆ ଚଳଚ୍ଚିତ୍ର ଜଗତରେ ସ୍ୱର୍ଗତ ମହାନ୍ତି ଜଣେ ସଫଳ ଗୀତିକାର ଭାବେ ନିଜର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଥିବା ବେଳେ ତାଙ୍କର ଅନେକ ଲୋକପ୍ରିୟ ଗୀତପାଇଁ ସେ ବିଭିନ୍ନ କ୍ଷେତ୍ରରେ ପୁରସ୍କୃତ ମଧ ହୋଇଛନ୍ତି । ▶▶ପୃଷ୍ଠା ୭

# ଅର୍ଚ୍ଚନା ନାଗ ଜାମିନ୍ ଆବେଦନ ଶୁଣାଣି , ରାୟ ସଂରକ୍ଷିତ



ଭୁବନେଶ୍ୱର, ୦୫/୧୧ (ନି.ପ୍ର): ଲେଡି ବ୍ଲାକ ମେଲର ଅର୍ଚ୍ଚନା ନାଗଙ୍କ ଜାମିନ ଆବେଦନର ଶୁଣାଣି ଭୁବନେଶ୍ୱର ଏସଡିଜେଏମ୍ କୋର୍ଟରେ ଶେଷ ହୋଇଛି। ଆବେଦନ ଶୁଣାଣି କରି କୋର୍ଟ ରାୟକୁ ସଂରକ୍ଷିତ ରଖିଛନ୍ତି। ଅର୍ଚ୍ଚନାଙ୍କ ନାମରେ ନୟାପଲ୍ଲୀ ଥାନାରେ ହୋଇଥିବା ମାମଲାରେ ଶନିବାର ଜାମିନ ଆବଦନର ଶୁଣାଣି ହୋଇଥିଲା। ପୂର୍ବରୁ ଖଣ୍ଡଗିରି ଥାନା ମାମଲାରେ ଅର୍ଚ୍ଚନାଙ୍କ ଜାମିନ ଖାରଜ କରିଥିଲେ କୋର୍ଟ। ସେପଟେ ମାମଲାରେ ତଦନ୍ତ ଆରମ୍ଭ କରିଛ ପ୍ରବର୍ତନ ନିର୍ଦ୍ଦେଶାଳୟ ବା ଇଡି। ପ୍ରଥମ ପର୍ଯ୍ୟାୟରେ ଇଡି ଅର୍ଚ୍ଚନା ତାଙ୍କ ସ୍ୱାମୀ ଜଗବନ୍ଧୁ, ସହଯୋଗୀ ଖଗେଶ୍ୱର ଅଭିଯୋଗ କରିଥିବା ଯୁବତୀ ଏବଂ ସିନେମା ପ୍ରଯୋଜକ ଅକ୍ଷୟ ପରିଜାଙ୍କୁ ତଦନ୍ତ ପରିସରଭୁକ୍ତ କରିବା ସହ ନୋଟିସ୍ ଜାରି କରିବ। ସେହିଭଳି ଜେଲରେ ଥିବା ଅର୍ଚ୍ଚନା ଓ ତାଙ୍କ ସ୍ୱାମୀ ଜଗବନ୍ଧୁଙ୍କୁ ରିମାଣ୍ଡରେ ନେଇପାରେ ଇଡି।

# ଏ ବର୍ଷ ପାଣି ନେଉଥିବା ଚାଷୀଙ୍କୁ ଆସନ୍ତାବର୍ଷ ମିଳିବନି ପାଣି

ଭୁବନେଶ୍ୱର, ୦୫/୧୧ (ନି.ପ୍ର): ପାଣି ପାଇଁ ପାଳି । ପାଳି ଆସିଲେ ପାଣି ମିଳିବ, ପାଣି ମିଳିଲେ ଚାଷ ହେବ । କୋରାପୁଟ ଜିଲ୍ଲା ତେଲେଙ୍ଗିରି ପ୍ରକଳ୍ପରୁ ଆସୁଥିବା ପାଣି, ଚାଷ ପାଇଁ ନିଅଂଟ ହେଉଥିବାରୁ ବୋରିଗୁମା ବ୍ଲକର ଚାଷୀଙ୍କୁ ବାଧବାଧକତାରେ ଭାଗବଣ୍ଟାକରିବାକୁ ନିଷ୍ପତି ହୋଇଛି । ରବି ଚାଷ ପାଇଁ ବୋରିଗୁମାର ୭ଟି ପଞ୍ଚାୟତର ଚାଷୀଙ୍କୁ ଏଥର ପାଣି ମିଳିବାକୁ ଥିବା ବେଳେ ୬ଟି ପଞ୍ଚାୟତର ଚାଷୀଙ୍କ ଆସନ୍ତାବର୍ଷ ମିଳିବ । କୋରାପୁଟ ଜିଲ୍ଲାର ତେଲେଙ୍ଗିରି ପ୍ରକଳ୍ପର ପାଣି ଓ ଜଳସେଚନକୁ ନେଇ ସାମ୍ନାକୁ ଆସିଛି, ଏଭଳି ଏକ ଚିନ୍ତାଜନକ ଖବର । ରବି ଫସଲ ପାଇଁ ଏବେ ଚିନ୍ତାରେ ପଡ଼ିଯାଇଛନ୍ତି ବୋରିଗୁମା ବ୍ଲକର ଚାଷୀ, କାରଣ ଚାଷ ପାଇଁ ଆବଶ୍ୟକ ହେଉଥିବା ପାଣି ନିଣ୍ଟିଆ ପରିସ୍ଥିତି ସୃଷ୍ଟି ହୋଇଛି । ଆଉ ଏହି ସମସ୍ୟାର ସମାଧାନ ପାଇଁ ବସିଛି ଏହି ବୈଠକ । ବୈଠକର ନିଷ୍କର୍ସ ବାହାରିଛି ଏଥର ୧୩ଟି ପଞ୍ଚାୟତ ମଧ୍ୟରୁ ୭ଟି ପଞ୍ଚାୟତକୁ ପାଣି ମିଳିଥିବାକୁ ଥିବା ବେଳେ ୬ଟି ପଞ୍ଚାୟତର ଚାଷୀଙ୍କ ଆଉ ଗୋଟିଏ ବର୍ଷ ପାଇଁ ଅପେକ୍ଷା କରିବାକୁ ପଡ଼ିବ । ରବି ଫସଲ ପାଇଁ ଏଥର ବୋରିଗୁମା ବ୍ଲକର ୭ଟି ପଞ୍ଚାୟତ- ବିସିଂପୁର, ସେମଳା, ଗୁନା, ନାରୀଗାଁ, ରଣସପୁର, ମୁଣ୍ଡାଗୁଡ଼ା ଏବଂ ପୋଡ଼ାପଦର ଚାଷୀ ପାଣି ପାଇବେ । ସେହିପରି- କୁମୁଲି, କାମତା, ବୋଡିଗାଁ, ମୁଞ୍ଜା, ଗୁମୁଡ଼ା ଏବଂ କାଠଗଡ଼ା ଚାଷୀଙ୍କୁ ଆର ବର୍ଷକୁ ଅପେକ୍ଷା କରିବାକୁ ପଡ଼ିବ । କେବଳ ସେତିକି ନୁହେଁ ଜଳସେଚନ ପାଇଁ ହୋଇଥିବା ଆଉଟଲେଟ୍ ବା ନିର୍ଗମନାଳି କିଛି ସ୍ଥାନରେ ଉଚ୍ଚରେ ବସିଥିବାରୁ ଚାଷୀଙ୍କ ବିଲକୁ ପାଣି ପହଞ୍ଚିପାରୁନଥିବା ଚାଷୀ କହିଛନ୍ତି । ଚାଷୀଙ୍କ ସମସ୍ୟା ଦୂର ପାଇଁ ତେଲେଙ୍ଗିରି ପ୍ରକଳ୍ପ ହୋଇଥିଲା । ପ୍ରକଳ୍ପରୁ ୧୦ ହଜାର ହେକ୍ଟର ଚାଷ ଜମିକୁ ଜଳସେଚନ ପାଇଁ ଲକ୍ଷ୍ୟ ରଖାଯାଇଥିଲା । ହେଲେ ଏଥିରୁ ମାତ୍ର ୪ ହଜାର ▶▶ପୃଷ୍ଠା ୭

# ଟି-୨୦ ବିଶ୍ୱ କପ୍ : ଶ୍ରୀଲଙ୍କାକୁ ହରାଇ ଇଂଲଣ୍ଡ ସେମିଫାଇନାଲରେ




ସିଡନୀ, ୦୫/୧୧ : ଶନିବାରଦିନ ଇଂଲଣ୍ଡ ଏକ ରୋଚକ ମୁକାବିଲାରେ ଶ୍ରୀଲଙ୍କାକୁ ୪ ଓିକେଟରେ ହରାଇ ଆଇସିସି ଟି-୨୦ ବିଶ୍ୱକପ୍ରେ ସେମିଫାଇନାଲକୁ ପ୍ରବେଶ କରିସାରିଛି । ଇଂଲଣ୍ଡ ଜିତିବା ସହିତ ଗତ ଚମ୍ପିୟାନ ଅଷ୍ଟ୍ରେଲିଆ ପ୍ରତିଯୋଗିତାରୁ ବାହାର ହୋଇଯାଇଛି । ଗ୍ରୁପ୍ ୧ରେ ସେମିଫାଇନାଲ ପାଇଁ ନ୍ୟୁଜିଲାଣ୍ଡ ଏବଂ ଇଂଲଣ୍ଡ କ୍ୱାଲିଫାୟ ହୋଇଯାଇଛନ୍ତି । ଇଂଲଣ୍ଡ ବିରୋଧରେ ଶ୍ରୀଲଙ୍କା ପ୍ରଥମେ ବ୍ୟାଟିଂକରି ନିର୍ଧାରିତ ୨୦ ଓଭରରେ ୮ ଓିକେଟରେ ୧୪୧ ରନ କରିଥିଲା। ଏହାର ଜବାବରେ ଇଂଲଣ୍ଡ ୧୯.୪ ଓଭରରେ ୬ ଓିକେଟ ବିନିମୟରେ ୧୪୪ ରନ୍କରି ମ୍ୟାଚ୍ ଜିତିଗଲା । ୧୪୨ ରନ୍କରିବାକୁ ଲକ୍ଷ ରଖି ବଟଲର ଓ ଏଲକ୍ସ ହେଲ୍ସ ଦଳପାଇଁ ଭଲ ପ୍ରଦର୍ଶନ କରି ପ୍ରଥମ ଓିକେଟ ପାଇଁ ୭.୧ ଓଭରରେ ୭୫ ରନ୍ କରିଥିଲେ । ଏହା ପରେ ବାନିନ୍ଦୁ ହସରଙ୍ଗା ବଟଲରକୁ ଆଉଟ୍ କରିଥିଲେ। ବଟଲର ୨୩ ବଲରେ ଦଳପାଇଁ ୨ ଚୌକା ଏକ ଛକା ସହିତ ସମୁଦାୟ ୨୮ ରନ୍କରିଥିଲେ। ଶ୍ରୀଲଙ୍କା ତରଫରୁ ଲାହିରୁ କୁମାରା , ବାନିନ୍ଦୁ ହସରଙ୍ଗା ଏବଂ ଧମଜ୍ଞୟ ଡିସିଲ୍ଭା ୨-୨ ଓିକେଟ ନେଇଛନ୍ତି। ଏହି ମ୍ୟାଚ୍ରେ ଶ୍ରୀଲଙ୍କା ଟସ୍ଜିତି ପ୍ରଥମେ ବ୍ୟାଟିଂ କରିବାପାଇଁ ନିଷ୍ପତି ନେଇଥିଲା । ଶ୍ରୀଲଙ୍କାର ପାଥୁମ ନିସାଂକ ୬୭ ରନ୍ କରିବା ସହିତ ଟିମ୍ ୨୦ ଓଭରରେ ୮ ଓିକେଟ ବିନିମୟରେ ୧୪୧ ରନକରିଥିଲା । ନିସାଂକ ୪୫ ବଲରେ ୫ଟି ଛକା ଓ ୪ଟି ଚୌକା ମଧ ମାରିଥିଲେ।

# ପୁରୀ ଜିଲ୍ଲାସ୍ତରୀୟ ଦୁର୍ନୀତି ନିବାରଣ ସଚେତନତା ସପ୍ତାହ ପାଳିତ

ପୁରୀ ,୫/୧୧ (ନି.ପ୍ର): ଦୁର୍ନୀତି ରୂପକ ସାମାଜିକ ବ୍ୟାଧିକୁ ବ୍ୟାପକ ସଚେତନତା ମାଧ୍ୟମରେ ପ୍ରତିହତ କରାଯାଇପାରିବ ବୋଲି ଅତିରିକ୍ତ ଜିଲ୍ଲାପାଳ ପ୍ରଦୀପ କୁମାର ସାହୁ ଆହ୍ୱାନ ଦେଇଛନ୍ତି । ଆଜି ପୂର୍ବାହ୍ଣରେ ସଦଭାବନା ସଭାଗୃହ ପରିସରରେ ଜିଲ୍ଲା ପ୍ରଶାସନ, ଦୁର୍ନୀତି ନିବାରଣ ଶାଖା ଓ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ବିଭାଗର ମିଳିତ ଆନୁକୂଲ୍ୟରେ ଜିଲ୍ଲା ସ୍ତରୀୟ ଦୁର୍ନୀତି ନିବାରଣ ସଚେତନତା ସପ୍ତାହ ପାଳିତ ହୋଇଥିଲା । ଏଥିରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ସାହୁ ନୀତି ବିରୋଧୀ ଯେ କୌଣସି କାର୍ଯ୍ୟ ଦୁର୍ନୀତି ପଦବାଚ୍ୟ ବୋଲି କହିଥିଲେ ।ଦୁର୍ନୀତି ନିବାରଣ କ୍ଷେତ୍ରରେ ସରକାରଙ୍କର ଶୂନ୍ୟ ସହନଶୀଳତା ବ୍ୟବସ୍ଥା ପାଇଁ ଅନେକ ଅଧିକାରୀ ଓ କର୍ମଚାରୀ ମାନଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି । କେବଳ ସରକାର ବା ପ୍ରଶାସନ ନୁହେଁ ସାଧାରଣ ଜନତା ମଧ୍ୟ ଦୁର୍ନୀତି ନିବାରଣ ପାଇଁ ସଚେତନ ହୋଇ ସହଯୋଗ କରିବାକୁ ସେ ଅନୁରୋଧ କରିଥିଲେ । ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ମିହିର ପ୍ରସାଦ ପଣ୍ଡା ପ୍ରତ୍ୟେକ ନିଜ ବିବେକାନୁମୋଦିତ କାର୍ଯ୍ୟ, ଉନ୍ନତ ଚରିତ୍ର ଗଠନ, ଆତ୍ମ ସଂଯମତା ଓ ଶୃଙ୍ଖଳା ରଖିଲେ ଦୁର୍ନୀତି ନିବାରଣ ସହଜ ହୋଇପାରିବ ବୋଲି କହିଥିଲେ । ପୁରୀ ପୌରନିର୍ବାହୀ ଅଧିକାରୀ ସରୋଜ କୁମାର ସ୍ୱାଇଁ ଦୁର୍ନୀତି ବିକାଶର ମୁଖ୍ୟ ପ୍ରତିବନ୍ଧକ ବୋଲି କହିବା ସହ ସରକାର ଦୁର୍ନୀତିକୁ ପ୍ରତିହତ କରିବା ପାଇଁ ଗ୍ରହଣ କରିଥିବା ବିବିଧ ପଦକ୍ଷେପ ସମ୍ପର୍କରେ ଆଲୋକପାତ କରିଥିଲେ ।

ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ସନ୍ତୋଷ କୁମାର ସେଠୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ପୁରୀ ସଦର ବିଡ଼ିଓ ସସ୍ମିତ କୁମାର ଶତପଥୀ ଓ ଜିଲ୍ଲା ଅବକାରୀ ଅଧିକ୍ଷକ ଜଗଦୀଶ ଚନ୍ଦ୍ର ସାମଲ ଯୋଗଦେଇ ଦୁର୍ନୀତିର କାରଣ, ନିରାକରଣ ଓ ନାଗରିକଙ୍କ ଦାୟିତ୍ୱ ସମ୍ପର୍କରେ ଆଲୋଚନା କରିଥିଲେ । ପୁରୀ ଜିଲ୍ଲା ଦୁର୍ନୀତି ନିବାରଣ ଶାଖାର ଉପ ଆରକ୍ଷୀ ଅଧିକ୍ଷକ ଶିଶିର କୁମାର ଭୋଇ ସମସ୍ତଙ୍କୁ ସ୍ୱାଗତ କରିବା ସହ ସମଗ୍ର ଦେଶରେ ଓଡିଶାର ଦୁର୍ନୀତି ନିବାରଣ ବିଭାଗର କାର୍ଯ୍ୟକ୍ରମକୁ ପ୍ରଶଂସା କରାଯାଉଛି ଓ ବୈଷୟିକ ଜ୍ଞାନ ଉପଯୋଗରେ ଅଧିକ କ୍ରିୟାଶୀଳ କରାଯାଇଛି ବୋଲି କହିଥିଲେ ।

ପ୍ରାରମ୍ଭରେ ଅତିରିକ୍ତ ଜିଲ୍ଲାପାଳ ସମସ୍ତଙ୍କୁ ଦୁର୍ନୀତି ନିବାରଣ ସଚେତନତା ଶପଥ ପାଠ କରାଇଥିଲେ । ଅତିଥି ମାନେ ପୂର୍ବରୁ ଅନୁଷ୍ଠିତ ବିବିଧ ପ୍ରତିଯୋଗିତାର କୃତି ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ ।

# ଫିରିଙ୍ଗିଆରେ ଫାଇଲେରିଆ ନିରାକରଣ ସଚେତନତା କାର୍ଯ୍ୟକ୍ରମ

କନ୍ଧମାଳ ,୫/୧୧ (ନି.ପ୍ର): କନ୍ଧମାଳ ଜିଲ୍ଲା ରେ ଫାଇଲେରିଆ ନିରାକରଣ ନିମନ୍ତେ ଅଭିଜାନ ଆରମ୍ଭ ହୋଇଯାଇଥିବା ବେଳେ ଫିରିଙ୍ଗିଆ ଗୋଷ୍ଠି ସ୍ୱାସ୍ଥ୍ୟ କେନ୍ଦ୍ର ଓ ସ୍ୱାତୀ ଅନୁଷ୍ଠାନ ଙ୍କ ମିଳିତ ଉଦ୍ୟମରେ କେଲାପଡା ଓ ଗେରୁପଡା ଠାରେ ରାତ୍ରି କାଳିନ ରକ୍ତ କାଚ ନମୁନା ସଂଗ୍ରହ କରାଯାଇ ଫାଇଲେରିଆ ରୋଗରେ ଚିକିତ୍ସା ପାଇଁ ପଦେକ୍ଷପ ନିଆଯାଇଛି । କାର୍ଯ୍ୟକ୍ରମ ରେ ଫିରିଙ୍ଗିଆ ଗୋଷ୍ଠି ସ୍ୱାସ୍ଥ୍ୟ କେନ୍ଦ୍ର ତରଫରୁ ଏଲଟି ରାଜେନ୍ଦ୍ର ମୋହାକୁଡ, ମେଡିକାଲ ଅଫିସର ଡାକ୍ତର ଅଭିଶେକ ପାଲ, ଗଣେଷ ଗୌଡ, ଦିବ୍ୟସଂ ଦିଗାଲ ପ୍ରମୁଖ ଉପସ୍ଥିତ ରହି ଜନସାଧାରଣ ଙ୍କୁ ସଚେତନତା କରିବା ସହ ଲକ୍ଷଣ ଦେଖା ଯାଉଥିବା ବ୍ୟକ୍ତି ମାନଙ୍କୁ ଚିହ୍ନଟ କରି ରକ୍ତ ନମୁନା ସଂଗ୍ରହ କରିଥିଲେ । ଏହାକୁ ସନତ କୁମାର ମୋହାପାତ୍ର ପରିଚାଳନା କରିଥିବା ବେଳେ ସ୍ୱାତୀ ଅନୁଷ୍ଠାନ ତରଫରୁ ଶୀତା ରଣା ସହଯୋଗ କରିଥିଲେ । ସୂଚନା ମୂତାବକ ୩୦୨ ଟି ନମୁନା ସଂଗ୍ରହ ହୋଇଥିବା ବେଳେ ଏହା ଆଗାମୀ ଦିନରେ ସମସ୍ତ ପରୀକ୍ଷା ପରେ ଜନସାଧାରଣଙ୍କୁ ଜଣାଇ ଦିଆଯିବବୋଲି ସନତ ମୋହାପାତ୍ର ସୂଚନା ଦେଇଛନ୍ତି । ଏଥିସହ ଯଦି କୌଣସି ବ୍ୟକ୍ତି ପଜିଟିଭ ଚିହ୍ନଟ ହୁଅନ୍ତି ତେବେ ତାଙ୍କୁ ଆଲବେଣ୍ଡାଜଲ୍ ଓ ଡ.ଇ.ସି ଔଷଧ ମାଧ୍ୟମରେ ଚିକିତ୍ସା କରାଯିବ ବୋଲି ମଧ କହିଛନ୍ତି । ଏଥିସହ ରାତ୍ରି କାଳୀନ ମସାରୀ ବ୍ୟବହାର କୁ ସୁନିଶ୍ଚିତ କରିବାକୁ ଘର ଘର ବୁଲିମଧ ସଚେତନତା କରାଯାଇଥିଲା । ତତ୍ ସହିତ ଜନସାଧାରଣକୁ ବିଭିନ୍ନ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମ ବିଷୟ ରେ ସଚେତନ କରିବା ସହ ସ୍ୱାତୀ ଅନୁଷ୍ଠାନ ଙ୍କ ତରଫରୁ କାର୍ଯ୍ୟକାରୀ ହେଉଥିବା ଜନହିତକାରୀ ଯୋଜନା ବଷୟରେ ମଧ ଲୋକମାନଙ୍କୁ ସୁଚନା ଦିଆଯାଇଥିଲା ।

# ଜିଲ୍ଲାସ୍ତରୀୟ ଦୁର୍ନୀତି ନିବାରଣ ସଚେତନତା ସପ୍ତାହ ପାଳନ ଅବସରରେ ଶୋଭାଯାତ୍ରା

ଭବାନୀପାଟଣା ,୫/୧୧ (ନି.ପ୍ର): କଳାହାଣ୍ଡି ଜିଲ୍ଲା ପ୍ରଶାସନ ଓ ଦୁର୍ନୀତି ନିବାରଣ ଶାଖା କଳାହାଣ୍ଡି ପକ୍ଷରୁ ଜିଲ୍ଲା ସ୍ତରୀୟ ଦୁର୍ନୀତି ନିବାରଣ ସଚେତନତା ସପ୍ତାହ ପାଳନ ଅବସରରେ ଜିଲ୍ଲାପାଳଙ୍କ କାର୍ଯାଳୟରୁ ସଚେତନତା ଶୋଭାଯାତ୍ରା ବାହାରିଥିଲା । ଏହି ସଚେତନତା ଶୋଭାଯାତ୍ରାକୁ କଳାହାଣ୍ଡି ଜିଲ୍ଲାପାଳ ପି. ଅନ୍ୱିଷା ରେଡ୍ଡି ସବୁଜ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ । ପରେ ଏହି ସଚେତନତା ଶୋଭାଯାତ୍ରା ଭବାନୀପାଟଣା ସହର ପରିକ୍ରମା କରି ଦୁର୍ନୀତି ଏକ ମାନସିକତା, ଦୁର୍ନୀତି ବିରୋଧରେ ସ୍ୱର ଉଠାଇବା ଦରକାର । ଜୀବନର ପ୍ରତ୍ୟେକ ସ୍ତରରୁ ଦୁର୍ନୀତିର ମୂଳୋତ୍ପାଟନ କରିବା ସହ ଜିଲ୍ଲାକୁ ଦୁର୍ନୀତିମୁକ୍ତ କରିବାପାଇଁ ସମସ୍ତ ଜିଲ୍ଲାବାସୀ ଓ ସରକାରୀ, ବେସରକାରୀ କର୍ମଚାରୀ ମାନେ ଆଗେଇ ଆସିବା ଦରକାର ବୋଲି ସଚେତନ କରିଥିଲେ ।

ଏଥିରେ ଓଡିଶା ଜୀବିକା ମିଶନର କର୍ମକର୍ତା, ଅଙ୍ଗନବାଡ଼ି କର୍ମୀ, ମହିଳା ଏସଏଚଜି, କଲେଜ ଏବଂ ସ୍କୁଲର ଶିକ୍ଷକ ଶିକ୍ଷୟତ୍ରୀ, ଛାତ୍ର ଛାତ୍ରୀ ପ୍ରମୁଖ ସାମିଲ ହୋଇଥିଲେ ଏବଂ ଜିଲ୍ଲାପାଳଙ୍କ କନଫରେନସ ହଲ ରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା । ଏହି ବୈଠକରେ ଜିଲ୍ଲାପାଳ ପି. ଅନ୍ୱେସା ରେଡ୍ଡି, ଏସ. ପି. କଳାହାଣ୍ଡି, ଜିଲ୍ଲା ପରିଷଦ ଅଧ୍ୟକ୍ଷ ପୁଷ୍ପେନ୍ଦୁ ସିଂହ ଦେଓ, ମୁନସିପାଲଟି ଅଧକ୍ଷ ସଂଯୁକ୍ତା ବେହେରା, ଅତିରିକ୍ତ ଜିଲ୍ଲାପାଳ, ଡିଆଇପିଆରଓ୍ ତଥା ଜିଲ୍ଲା ସ୍ତରୀୟ ଅଧିକାରୀ, ସମସ୍ତ ଲାଇନ ବିଭାଗ ଅଧିକାରୀ ଉପସ୍ଥିତ ଥିଲେ ଏବଂ ଜିଲ୍ଲାରେ ଦୁର୍ନୀତିକୁ ପ୍ରଶୟ ନ ଦେବାକୁ ସମସ୍ତେ ସଚେତନ ହେବାକୁ ଆଲୋଚନା କରାଯାଇଥିଲା । ବିଭିନ୍ନ ସ୍କୁଲ, କଲେଜର ଛାତ୍ରଛାତ୍ରୀ ମାନଙ୍କୁ ପୁରସ୍କାର ଓ୍ ମାନପତ୍ର ପ୍ରଦାନ କରାଯାଇଥିଲା । ପରିଶେଷରେ ଡିଆଇପିଆରଓ୍ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

# ଦୁର୍ନୀତି ନିବାରଣ ସଚେତନତା ଶୋଭାଯାତ୍ରା ଅନୁଷ୍ଠିତ

ଖୋର୍ଦ୍ଧା ,୫/୧୧ (ନି.ପ୍ର): ଦୁର୍ନୀତି ନିବାରଣ ସପ୍ତାହ ପାଳନ ଅବସରରେ ସଚେତନତା ନେଇ ମିଶନ ଶକ୍ତି ପକ୍ଷରୁ ଶୁକ୍ରବାର ଏକ ଶୋଭାଯାତ୍ରା ଅନୁଷ୍ଠିତ ହୋଇଛି । ଖୋର୍ଦ୍ଧା ଦିର୍ନୀତି ନିବାରଣ କାର ?ୟାଳୟ ପରିସରରୁ ଏହି ଶୋଭାଯାତ୍ରା ବାହାରି ଜିଲ୍ଲାପାଳଙ୍କ କାର ?ୟାଳୟ ପର ?ୟନ୍ତ ଯାଇଥିଲା । ଏଥିରେ ଶତାଧିକ ମହିଳା ସଦସ୍ୟାମାନେ ସାମିଲ ହୋଇ ଦୁର୍ନୀତି ରୋକିବା ନେଇ ସଚେତନତା ମୂଳକ ପ୍ଲାକାର୍ଡ ହାତରେ ଧରି ସ୍ଲୋଗାନ ମାନ ଦେଇଥିଲେ ।

# ପୋଲସରା ମାରଦାଠାରେ ଆପ୍‌ର କାର୍ଯ୍ୟକର୍ତ୍ତା ସମ୍ମିଳନୀ

ଗଞ୍ଜାମ ,୫/୧୧ (ନି.ପ୍ର): ୨୦୨୪ ନିର୍ବାଚନ ପୂର୍ବରୁ ରାଜ୍ୟରେ ସଂଗଠିତ ହେଉଛି ଆମ୍ ଆଦମୀ ପାର୍ଟି । ଦିଲ୍ଲୀ ଓ ପଞ୍ଜାବ ପରେ ଗୁଜୁରାଟରେ ସରକାର ଗଢିବା ଲକ୍ଷ୍ୟରେ ଥିବା ଆମ୍ ଆଦମୀ ପାର୍ଟିର ଏବେ ଓଡ଼ିଶା ଉପରେ ନଜର ରହିଛି । ଏହାକୁ ଦୃଷ୍ଟିରେ ରଖି ଆଗାମୀ ସାଧାରଣ ନିର୍ବାଚନ ପୂର୍ବରୁ ରାଜ୍ୟର ବିଭିନ୍ନ ସ୍ଥାନରେ ଆପ୍ ପକ୍ଷରୁ କାର୍ଯ୍ୟକର୍ତା ସମ୍ମିଳନୀ କରି ଦଳକୁ ସଂଗଠିତ କରାଯାଉଛି । ଆଜି ଗଞ୍ଜାମ ଜିଲ୍ଲା ପୋଲସରା ନିର୍ବାଚନ ମଣ୍ଡଳୀରେ ଆପ୍ ର କାର୍ଯ୍ୟକର୍ତା ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲା ମୁଖ୍ୟ ସୁବାଷ ରାଉତଙ୍କ ତତ୍ୱାବଧାନରେ ଆୟୋଜିତ ଏହି ସମ୍ମିଳନୀରେ ମହିଳା ସେଲ୍ ସଂପାଦିକା ଆରତୀ ଦେବୀ, ପୋଲସରା ପ୍ରଭାରୀ ମାନସ ରଞ୍ଜନ ଦାସ୍, ବୁଗୁଡ଼ା ବ୍ଲକ ସଭାପତି ସାଇରାମ ନାୟକ ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ । କାର୍ଯ୍ୟକ୍ରମରେ ଯୁବଗୋଷ୍ଠୀଙ୍କ ଉପସ୍ଥିତି ଦେଖିବାକୁ ମିଳିଥିଲା । ରାଜ୍ୟରେ ଶିକ୍ଷା, ସ୍ୱାସ୍ଥ୍ୟ, ବେରୋଜଗାରୀକୁ ମୁଖ୍ୟ ପ୍ରସଙ୍ଗ କରିଛି ଦଳ । ଏଥି ସହିତ ୨୦୦ ୟୁନିଟ୍ ମାଗଣା ବିଜୁଳି, ପ୍ରତି ପରିବାରର ୧୮ ବର୍ଷରୁ ଉର୍ଦ୍ଧ୍ୱ ମହିଳାଙ୍କୁ ମାସିକ ୧ ହଜାର ସ୍ୱାବଲମ୍ବି ଭତା, ବାର୍ଦ୍ଧକ୍ୟ, ବିଧବା, ଭିନ୍ନକ୍ଷମ ଭତା ୨୫୦୦ କୁ ବୃଦ୍ଧି, ଚାଷୀଙ୍କୁ କ୍ଷତିପୂରଣ ବାବଦୀୟ ସହାୟତା ଇତ୍ୟାଦି ଦଳର ଏଜେଣ୍ଡା ରହିଥିବା କହିଛନ୍ତି ଆପ୍ କର୍ମକର୍ତା । ରାଜ୍ୟରେ ଆମ୍ ଆଦମୀ ପାର୍ଟି କ୍ଷମତାକୁ ଆସିବା ପରେ ଦୁର୍ନୀତି ମୁକ୍ତ ଶାସନ ଦେବ ବୋଲି କୁହାଯାଇଛି ।

# ଭବାନୀପାଟଣାଠାରେ ଜିଲ୍ଲାସ୍ତରୀୟ କପା ଫସଲ କ୍ରୟ ସମ୍ବନ୍ଧୀୟ ବୈଠକ

ଭବାନୀପାଟଣା ,୫/୧୧ (ନି.ପ୍ର): ଚଳିତ ୨୦୨୨ - ୨୩ ମସିହା କପା ଫସଲ ର କ୍ରୟ ନିମନ୍ତେ ଏକ ଜିଲ୍ଲାସ୍ତରୀୟ ବୈଠକ ଜିଲ୍ଲାପାଳଙ୍କ ସଦଭାବନା ଗୃହରେ ଜିଲ୍ଲାପାଳ ପି. ଅନ୍ୱେଷା ରେଡ୍ଡୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା । ଏହି ବୈଠକରେ ସାଂସଦ ଶ୍ରୀ ବସନ୍ତ ପଣ୍ଡା, ଜୁନାଗଡ଼ର ବିଧାୟକ ଶ୍ରୀ ଦିବ୍ୟଶଙ୍କର ମିଶ୍ର, ଲାଞ୍ଜିଗଡ ବିଧାୟକ ଶ୍ରୀ ପ୍ରଦୀପ କୁମାର ଦିଶାରୀ, ଜିଲ୍ଲାପରିଷଦ ଅଧକ୍ଷ ଶ୍ରୀ ପୁଷ୍ପେନ୍ଦ୍ର ସିଂହଦେଓ ,ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ସୁଶାନ୍ତ କୁମାର ପଟେଲ୍, ଧର୍ମଗଡ ଉପଜିଲ୍ଲାପାଳ ଶ୍ରୀ ବେଦ ଭୂଷଣ, ଭବାନୀପାଟଣା ଉପଜିଲ୍ଲାପାଳ ଡ ବିଶ୍ୱଜିତ୍ ଦାସ ପ୍ରମୁଖ ଉପସ୍ଥିତ ଥିଲେ । ଏହି ସଭାରେ ମୁଖ୍ୟ ଜିଲ୍ଲା କୃଷି ଅଧିକାରୀ ଶ୍ରୀ ପ୍ରଦୀପ୍ତ କୁମାର ସାହୁ ଆଲୋଚନା ଆରମ୍ଭ କରି ଚଳିତ ବର୍ଷ କପା ଚାଷ ଉପରେ ଆଲୋକପାତ କରିଥିଲେ । ବିଗତ ବର୍ଷ ୬୬୬୧୬ ହେକ୍ଟର. ତୁଳନା ରେ ଚଳିତ ବର୍ଷ ୭୦୭୮୦ ହେକ୍ଟର ଜମିରେ କପା ଚାଷ ହୋଇଥିବା ସେ ସୂଚନା ଦେଇଥିଲେ । ବିଗତ ବର୍ଷ ଚାଷୀମାନେ ସର୍ବନିମ୍ନ ସହାୟକ ମୂଲ୍ୟ ଠାରୁ ଅଧିକ ଦରରେ କପା ବିକ୍ରୟ କରି ଲାଭବାନ ହୋଇଥିଲେ । ଏ ବର୍ଷ ମଧ ଚାଷୀ ମାନେ ଅଧିକ ଦରରେ ବିକ୍ରୀ ବଟା କରି ଲାଭବାନ ହେବାର ଆଶା ।ବ୍ୟକ୍ତ କରିଥିଲେ । ଚଳିତ ବର୍ଷର କପା ର ସର୍ବନିମ୍ନ ସହାୟକ ମୂଲ୍ୟ ୬୩୮୦ ଟଙ୍କା ପ୍ରତି କ୍ୱିଂଟାଲ ଥିବା ସଭାରେ ଆଲୋଚନା କରାଯାଇଥିଲା । ଭାରତୀୟ କପା ନିଗମର ଶାଖା ପରିଚାଳକ ଜିଲ୍ଲାରେ ଚାଲୁଥିବା ୩ ଗୋଟି କପା ମଣ୍ଡି ଯଥା :- କର୍ଲାପଡ଼ା, ଉକଳୋ ଓ ଉଛଲା ଠାରେ ଖୋଲିବା ନିମନ୍ତେ ପ୍ରସ୍ତୁତ ଥିବା ନେଇ ସୂଚନା ଦେଇଥିଲେ । ଲୋକ ପ୍ରତିନିଧିଗଣ ତଥା ଜିଲ୍ଲାପାଳ ମହୋଦୟା ଜିଲ୍ଲାରେ କପାର ବିକ୍ରିବଟା ଯେପରି ସୁଚାରୁରୁପେ ହୋଇ ପାରିବ ସେହି ନିମନ୍ତେ କପା ମିଲ୍ ମାଲିକ, କପା ବ୍ୟବସାୟୀ, ଭାରତୀୟ କପା ନିଗମ ତଥା ନିୟନ୍ତ୍ରିତ ବଜାର କମିଟିର କର୍ମକର୍ତ୍ତାଙ୍କର ସହଯୋଗ କାମନା କରିଥିଲେ । ଚଳିତ ବର୍ଷ ପ୍ରାୟ ୮,୦୦,୦୦୦ କ୍ୱିଂଟାଲ କପା ଉତ୍ପାଦନ ହେବ ବୋଲି ସଭାରେ ସୂଚନା ଦିଆଯାଇଥିଲା । ତେଣୁ ଚଳିତ ବର୍ଷ ଜୁନାଗଡ଼ ବ୍ଲକର ତଳଜାରିଙ୍ଗ, ନର୍ଲା ବ୍ଲକର ଟୁଟିଂ ଏବଂ କର୍ଲାମୁଣ୍ଡା ବ୍ଲକର ରିଶିଡା ଠାରେ ୩ଟି ଅତିରିକ୍ତ ମଣ୍ଡି ଚାଲୁ କରିବା ନିମନ୍ତେ ମଧ ପ୍ରସ୍ତାବ ରଖା ଯାଇଥିଲା ।

ସଭାରେ ଉପସ୍ଥିତ ଥିବା ସମସ୍ତ ଜନପ୍ରତିନିଧି, ପଦାଧିକାରୀବୃନ୍ଦ, ମିଲର, କପା ବ୍ୟବସାୟୀ ଓ ଚାଷୀ ପ୍ରତିନିଧିମାନଙ୍କୁ ସି ଡି ଏ ଓ ଧନ୍ୟବାଦ୍ ଅର୍ପଣ କରିଥିଲେ ।

# ବଲାଙ୍ଗିର ବିଜୁ ଜନତାଦଳର ଜନସମ୍ପର୍କ ପଦଯାତ୍ରା

ବଲାଙ୍ଗିର ,୫/୧୧ (ନି.ପ୍ର): ଆଜି ସକାଳେ ବଲାଙ୍ଗିର ଶିଶୁ ଉଦ୍ୟାନ ଠାରୁ ବିଜେଡି ର ଜନ ସମ୍ପର୍କ ପଦଯାତ୍ରା ଉଦ୍ୟାନ ରେ ବିରାଟ ପଟୁଆରରେ ବିଜୁ ଜନତାଦଳର ଜନ ସମ୍ପର୍କ ପଦଯାତ୍ରା ଅନୁଷ୍ଠିତ ହୋଇଯାଇଚି ଓ ବଲାଙ୍ଗିରର ପୁର୍ବତନ ସାସଂଦ ତଥା ବର୍ତ୍ତମାନର ଓଡିଶା ରାଜ୍ୟ ଗୃହ ନିର୍ମାଣ ଅଧକ୍ଷ କଳିକେଶ ନାରାୟଣ ସିଂହଦେଓଙ୍କ ନେତୃତ୍ୱରେ ବଲାଙ୍ଗିର ଠାରେ ଏକ ବିଶାଳ ଜନ ସମ୍ପର୍କ ପଦଯାତ୍ରା ବଲାଙ୍ଗିର ବିଜୁ ପଟ୍ଟନାୟକ ଶିଶୁ ଉଦ୍ୟାନ ଠାରୁ ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରି ଆରମ୍ଭ କରାଯାଇଥିବା ବେଳେ ବଲାଙ୍ଗିର ପର୍ଯ୍ୟବେକ୍ଷକ ତଥା ଭଟଲି ବିଧାୟକ ଶୁସାନ୍ତ ସିଂ ଏହି ପଦଯାତ୍ରାରେ ଯୋଗଦାନ କରିଥିଲେ । ବଲାଙ୍ଗିର ବିଜେଡିର ବିଶାଳ ଜନ ସମ୍ପର୍କ ପଦଯାତ୍ରା ପୁର୍ବତନ ସାସଂଦ ତଥା ଓଡିଶା ରାଜ୍ୟ ଗୃହ ନିର୍ମାଣ ଅଧକ୍ଷ କଳିକେଶ ନାରାୟଣ ସିଂହଦେଓଙ୍କ ସହିତ ବଲାଙ୍ଗିର ପୌରାଧକ୍ଷା ଲିକା ସାହୁ, ପୁର୍ବତନ ପୌରାଧକ୍ଷା ସନ୍ତୋଷିନୀ ବେହେରା, ବଲାଙ୍ଗିର ସଦର ବ୍ଲକ ଅଧକ୍ଷା ସରିତା ବାଗ ବଲାଙ୍ଗିର, ଜିଲ୍ଲା ପରିଷଦ ସଭାପତି ଦେବକୀ ସାହୁ ଏବଂ ସମସ୍ତ ମହିଳା କାଉନସିଲର ଓ ଜିଲ୍ଲା ପରିଷଦ ସଭ୍ୟା ତଥା ଗ୍ରାମାଞ୍ଚଳ ଓ ସହର ମଧ୍ୟରୁ ଶହସ୍ରାଧିକ ମହିଳା, ଶିଶୁ, ଯୁବକର୍ମୀ ଓ ପୁରୁଷମାନେ ସକ୍ରିୟ ଭବରେ ଯୋଗଦାନ କରି ସହର ପରିକ୍ରମା କରି ମୁଖ୍ୟମନ୍ତ୍ରୀଙ୍କ ବିକାଶମୂଳକ କାର୍ଯ୍ୟକ୍ରମର ବାର୍ତ୍ତା ଦେଇଥିଲେ । ବାଜା ସ୍ଲୋଗାନ ଦେଇ ନଗରର ବିଭିନ୍ନ ରାସ୍ତାରେ ଯାଇଥିବା ଶୋଭାଯାତ୍ରା ପାଇଁ ଅନେକ ସମୟ ଧରି ଟ୍ରାଫିକ ନିୟନ୍ତ୍ରଣ ପାଇଁ ଯାନବାହନ ଗୁଡିକର ନିୟନ୍ତ୍ରଣ କରି ଅନ୍ୟ ରାସ୍ତାରେ ପରିବର୍ତ୍ତନ କରାଯାଇଥିଲା ।

# କାଗଜ କଳକୁ ସ୍ୱାଭାବିକ ଭାବେ ଚଲେଇବା ଓ ଶ୍ରମିକ ମାନଙ୍କ ସମସ୍ୟା ସଂକ୍ରାନ୍ତରେ ଜିଲ୍ଲାପାଳଙ୍କୁ ଭେଟି ଆଲୋଚନା

ଜୟପୁର ,୫/୧୧ (ନି.ପ୍ର): କାଗଜ କଳର ଅବସରପ୍ରାପ୍ତ ଶ୍ରମିକ ଓ ବିଭିନ୍ନ ୟୁନିଅନର ସଦସ୍ୟ ମାନେ ପୂର୍ବତନ ମନ୍ତ୍ରୀ ରବି ନାରାୟଣ ନନ୍ଦଙ୍କ ନେତୃତ୍ୱରେ କୋରାପୁଟ ଜିଲ୍ଲାପାଳଙ୍କୁ ତାଙ୍କ ପ୍ରକୋଷ୍ଠ ରେ ଭେଟି ଆଲୋଚନା କରିଥିଲେ । ସୂଚନାଯୋଗ୍ୟ ଯେ ଅବସରପ୍ରାପ୍ତ ଶ୍ରମିକ ମାନେ ସେମାନଙ୍କ ବକେୟା ପାଉଣା, ପି ଏଫ୍ ଜମା ଟଙ୍କା ପାଇବା ଓ ପେନସନ ସୁବିଧା ଦାବି କରି ୦୩.୧୧.୨୦୨୨ ଠାରୁ କାଗଜ କଳ ମୁଖ୍ୟ ଫାଟକ ପାର୍ଶ୍ୱରେ ଧାରଣାରେ ବସିବା ପାଇଁ ମ୍ୟାନେଜମେଣ୍ଟ କୁ ନୋଟିସ୍ ଦେଇଥିଲେ ଏବଂ ଜିଲ୍ଲାପାଳଙ୍କୁ ଅବଗତ କରାଇଥିଲେ । ଶ୍ରୀଯୁକ୍ତ ରବି ନାରାୟଣ ନନ୍ଦ ଶ୍ରମିକ ମାନଙ୍କୁ ପରାମର୍ଶ ଦେଇଥିଲେ ଯେ ଧାରଣା ଦେବା ପୂର୍ବରୁ ଜିଲ୍ଲା ପ୍ରଶାସନର ମୁଖ୍ୟ ଜିଲ୍ଲାପାଳଙ୍କୁ ସାକ୍ଷାତ କରି ସବୁ ଜଣେଇବା ଏବଂ ସମାଧାନ ପାଇଁ ନିବେଦନ କରିବା ଏବଂ ଯଦି ନହୁଏ ତେବେ ଆନ୍ଦୋଳନ ପନ୍ଥା ନେବା , ଏବଂ ଶ୍ରୀ ନନ୍ଦ ଜିଲ୍ଲାପାଳ ଙ୍କୁ ହସ୍ତକ୍ଷେପ ପାଇଁ ଅନୁରୋଧ କରିବା ପରେ ଜିଲ୍ଲାପାଳ ସମୟ ଧାର୍ଯ୍ୟ କରିଥିଲେ ।

ଆଲୋଚନା ର ନେତୃତ୍ୱ ନେଇ ବୈଠକରେ ଶ୍ରୀ ନନ୍ଦ କହିଥିଲେ ଯେ ଦୁଇ ବର୍ଷ ରୁ ଉର୍ଦ୍ଧ ହେବ ଏ ନୂଆ ମଦର ଆର୍ଥ୍ କମ୍ପାନୀ ମ୍ୟାନେଜମେଣ୍ଟ ହାତକୁ ନେଇଥିଲେ ମଧ କାରଖାନା କୁ ସ୍ୱାଭାବିକ ଭାବେ ନଚଲେଇବା ଦ୍ୱାରା ଶ୍ରମିକ ମାନଙ୍କ ସମସ୍ୟା ବଢ଼ି ବଢ଼ି ଚାଲିଛି । ଏକ ବିଟିଏ ( ବିଜିନେସ୍ ଟ୍ରାନ୍ସଫର୍ ଏଗ୍ରିମେଣ୍ଟ ) ଜରିଆରେ ବିଜିପିପିଏଲ ବା ଥାପର ଗ୍ରୁପ୍ କମ୍ପାନୀ ଠାରୁ ମ୍ୟାନେଜମେଣ୍ଟ ଭାର ମଦର୍ ଆର୍ଥ୍ କମ୍ପାନୀ କୁ ହସ୍ତାନ୍ତର ହୋଇଛି । ହରିଆନା ସରକାର ଙ୍କ ଷ୍ଟାମ୍ପ ପେପର୍ ରେ ୨୦୨୦ ଫେବୃଆରୀ ଦ୍ୱିପାକ୍ଷିକ ଚୁକ୍ତିନାମା ହୋଇଥିବା ଏହି ବିଟିଏ କୁ ଦେଖାଇ ଇଣ୍ଡସ୍ ଇଣ୍ଡ ବ୍ୟାଙ୍କ ରୁ ୧୫୦ କୋଟି ଋଣ ନେଇଛନ୍ତି ଏବଂ ସେଥିରୁ ୧୦୦ କୋଟି ପୁରୁଣା ବିଜିପିପିଏଲ୍ ମୁଖ୍ୟ ଗୌତମ ଥାପରଙ୍କୁ ଦିଆଯାଇଛି । ବଳକା ୫୦ କୋଟି କମ୍ପାନୀ ମରାମତି ରେ ବ୍ୟୟ ହୋଇଛି । ଉତ୍ପାଦନ ମେ' ୨୦୨୨ ରୁ ଆରମ୍ଭ ହୋଇଥିଲେ ମଧ ଆଜି ପର୍ଯ୍ୟନ୍ତ ସ୍ୱାଭାବିକ ଭାବେ ଚାଲି ପାରୁନାହିଁ । କିନ୍ତୁ ମ୍ୟାନେଜମେଣ୍ଟ ଅବସରପ୍ରାପ୍ତ ଶ୍ରମିକ ମାନଙ୍କୁ ସେମାନଙ୍କ ବକେୟା ପାଉଣା ର ହିସାବ ଫର୍ଦ୍ଦ ଦେଇ ସେଥିରେ ସର୍ତ୍ତ ରଖିଛି ଯେ ୫,୫୦୦ ଟନ୍ ମାସିକ ଉତ୍ପାଦନ ଲକ୍ଷ ହାସଲ ହେଲେ ଏସବୁ ଦିଆଯିବ । କିନ୍ତୁ ଉତ୍ପାଦନ ହଜାରେ ଟନ୍ ମଧ ହେଉନି କାରଣ କମ୍ପାନୀ ଆବଶ୍ୟକ ପରିମାଣର କଞ୍ଚାମାଲ କେମିକାଲ କୋଇଲା ଆଦି ଯୋଗାଇ ପାରୁନାହିଁ । ଅବସରପ୍ରାପ୍ତ ଶ୍ରମିକ ମାନଙ୍କ ପି ଏଫ୍ କଲିକତା ସ୍ଥିତ କରମ୍ ଚାନ୍ଦ୍ ଥାପର ପିଏଫ୍ ଟ୍ରଷ୍ଟ ରୁ ବ୍ରହ୍ମପୁର ଆଞ୍ଚଳିକ ପିଏଫ କମିଶନ୍ କୁ ଆସିଲେ ସେହି ଶ୍ରମିକ ମାନେ ସେମାନଙ୍କ କଷ୍ଟାର୍ଜିତ ପିଏଫ ଟଙ୍କା ପାଇପାରିବେ ଓ ପେନସନ ସୁବିଧା ପାଇଁ ଯୋଗ୍ୟ ହେବେ । ଏସବୁ ପାଇଁ କମ୍ପାନୀ କୁ ପଦକ୍ଷେପ ତ୍ୱରାନ୍ୱିତ କରିବା କୁ ହେବ କିନ୍ତୁ ସେଥିରେ ମଧ ଅବହେଳା । ପିଏଫ ଖାତା ନିୟମିତ ନ ହୋଇପାରିବା ଯୋଗୁଁ ଅନେକ ମୃତ ଶ୍ରମିକ ଇଡି ଏଲ୍ ଆଇ ଓ କେନ୍ଦ୍ର ସରକାରଙ୍କ କୋଭିଡ୍ ମହାମାରୀ ସହାୟତା ରାଶି ପାଇପାରୁ ନାହାନ୍ତି । ଇ ଏସ୍ ଆଇ ନଦେବା ଫଳରେ ଚିକିତ୍ସା ସୁବିଧା ପାଉ ନାହାଁନ୍ତି । ଯେଉଁ ଶ୍ରମିକ ମାନେ ଚାକିରି ରେ ଅଛନ୍ତି ସେମାନଙ୍କୁ ଅଧା ଦରମା ଅଗ୍ରୀମ ରାଶି ଆକାରରେ ଦେଉଛି ଏବଂ ସେଥିରୁ କିଛି ଅଂଶ ରୁ ପିଏଫ କାଟି ନୂଆ ଏକାଉଣ୍ଟ୍ ରେ ରଖୁଛି । ଗୋଟିଏ ରୁଗଣ କାରଖାନା କୁ ଆଇନ୍ ର ସରୁ ବାଟରେ ବିକା କିଣା କରି ଶହ ଶହ କୋଟି ଟଙ୍କା ଋଣ ନେଇ ଆତ୍ମସାତ କରିବା ପରେ ଚଲେଇବା ପାଇଁ ବିଭିନ୍ନ ବାହାନା ନୂଆ କମ୍ପାନୀ ମ୍ୟାନେଜମେଣ୍ଟ ନେଉଛନ୍ତି । ଏକଥା ମଧ କୁହାଯାଇପାରେ ଯେ ଏହା ଏକ ଷଡ଼ଯନ୍ତ୍ର ମୁଳକ କାର୍ଯ୍ୟକଳାପ କାରଣ ପ୍ରତି ଦିନ ଟନ୍ ଟନ୍ କୋଇଲା ପୋଡ଼ିବା , ବିଜୁଳି ଶକ୍ତି ଅପଚୟ , ବ୍ୟାଙ୍କ ରୁ ନେଇଥିବା ଋଣ ର ସୁଧ ହିସାବ କଲେ ମାସକୁ କୋଟି କୋଟି ଟଙ୍କା କ୍ଷତି ହେଉଥିବା ବେଳେ ଦୁଇଟି ଯାକ ମେସିନ୍ ଚଲେଇବା ପାଇଁ ଓ କମ୍ପାନୀ କୁ ଲାଭକାରୀ କରିବା ପାଇଁ କମ୍ପାନୀ କର୍ତ୍ତୃପକ୍ଷ ଚିନ୍ତିତ ଥିବା ଭଳି ମନେ ହେଉନାହିଁ । ଏପରି କରି ପୁଣି କମ୍ପନୀକୁ ବନ୍ଦ କରିବାର ମସୁଧା ଚାଲିଥିବା ସନ୍ଦେହ କରାଯାଉଛି ଓ ଜିଲ୍ଲାପାଳ ହସ୍ତକ୍ଷେପ କରିବା ପାଇଁ ନିବେଦନ କରାଯାଇଛି । ଚୋରୀ ସବୁଦିନେ ହେଉଛି । ସ୍ଥାୟୀ ଶ୍ରମିକ ମାନଙ୍କୁ ନିୟମିତ ଦରମା ନାହିଁ, କଣ୍ଟ୍ରାକ୍ଟର ଲେବର ସେକ୍ୟୁରିଟୀ ଗାର୍ଡ ମାନଙ୍କୁ ମାସ ମାସ ଧରି ଦରମା ଦିଆଯାଉନି ।

# ବିଭିନ୍ନ ଦାବି ନେଇ ପଦଯାତ୍ରା

ଜୟପୁର ,୫/୧୧ (ନି.ପ୍ର): ଜୟପୁର ରଜାନହର ଛକ ଠାରୁ ବିଭିନ୍ନ ଦାବି ନେଇ ଆଜି ଏକ ପଦ ଯାତ୍ରା ବାହାରି ଉପ ଜିଲାପାଳଙ୍କ କାର୍ଯ୍ୟାଳୟରେ ପହଞ୍ଚି ଥିଲା । ଉପ ଜିଲାପାଳ ଙ୍କ ଅନୁପସ୍ଥିତିରେ ଡେପୁଟି କେଲକ୍ଟର ପି ମନୋସ୍ମିତାଙ୍କୁ ଏକ ଦାବି ପତ୍ର ପ୍ରଦାନ କରାଯାଇଛି । ସମାଜ ସେବି ବି ହରି ରାଓ ଙ୍କ ନେତୃତ୍ୱରେ ଆୟୋଜିତ ପଦଯାତ୍ରା ରେ ବୋରିଗୁମ୍ମା ବ୍ଲକର ହରଡାଗୁଡା ଓ ରଣସପୁର ଗ୍ରାମବାସୀ ମାନେ ସାମିଲ ହୋଇଥିଲେ । ଗ୍ରାମବାସୀ ମାନେ ପନାୟ ଜଳ, ରାସ୍ତା ପାଇ ଦାବି କରିଥିଲେ ମଧ ପ୍ରଶାସନ କଣ୍ଣପାତ କରୁ ନାହିଁ । ରଣସପୁର ପଞ୍ଚାୟତର ଝାପରା ପଦର ରୁ ସର୍ଗି ପଦର ଗ୍ରାମ ରାସ୍ତା ଅତି ଶୋଚନିୟ ଅବସ୍ଥାରେ ଅଛି । ନୁତନ ରାସ୍ତା ନିର୍ମାଣ କରିବା କୁ ଦାବି କରିଛନ୍ତି । ଗ୍ରାମରେ ପାନୀୟ ଜଳର ବ୍ୟବସ୍ଥା ନଥିବାରୁ ଗ୍ରାମବାସୀ ମାନେ ଝରଣା ଓ ଜମି ପାଣି ଉପରେ ନିର୍ଭର କରୁଛନ୍ତି । ପାନୀୟ ଜଳର ବ୍ୟବସ୍ଥା କରିବା ସହ ଶିକ୍ଷା ଓ ଅଙ୍ଗନବାଡୀ କେନ୍ଦ୍ରର ମଧ ସୁବିଧା ନାହିଁ । ରାସ୍ତା ପାନୀୟ, ଶିକ୍ଷା ପାଇ ବାରମ୍ବାର ପ୍ରଶାସନ କୁ ଅନୁରୋଧ କଲେ ମଧ କିଛି ସୁଫଳ ଗ୍ରାମବାସୀ ମାନେ ପାଇ ପାରୁ ନାହାଁନ୍ତି । ପାନୀୟ ଜଳ ନଥିବାରୁ ଝରଣା ଓ ଜମିର ପାଣି କୁ ପାନିୟ ରୁପେ ବ୍ୟବହାର କରି ବହୁ ରୋଗାକ୍ରାନ୍ତ ହୋଇଥିବା ଗ୍ରାମବାସୀମାନେ ପ୍ରକାଶ କରିଛନ୍ତି । ତେଣୁ ଗ୍ରାମବାସୀ ମାନେ ଏକତ୍ରିତ ହୋଇ ପଦ ଯାତ୍ରା ଅୟୋଜନ କରି ପ୍ରଶାସନ ନିକଟରେ ଦାବି ପତ୍ର ପ୍ରଦାନ କରିଛନ୍ତି । ଯଦି ଦାବି ପୁରଣ ନହେବ ଆଗାମି ଦିନରେ ରାଜ ରାସ୍ତା କୁ ଓହ୍ଲାଇବାକୁ ଚେତାବନି ଦେଇଛନ୍ତି । ଏହି ଦାବି ପତ୍ରର ନକଲ ଜିଲାପାଳଙ୍କୁ ପ୍ରଦାନ କରାଯାଇଛି ।

# ଜିଲ୍ଲାସ୍ତରୀୟ ଶିଶୁ ମହୋତ୍ସବ ସୁରଭି ଓ କଳା ଉତ୍ସବ -୨୨ ଅନୁଷ୍ଠିତ

କନ୍ଧମାଳ ,୫/୧୧ (ନି.ପ୍ର): କନ୍ଧମାଳ ଜିଲ୍ଲା ସଦର ମହକୁମା ଫୁଲବାଣୀ ସ୍ଥିତ ବିଇଡି କଲେଜ ପରିସରରେ ଗୁରୁବାର ସନ୍ଧ୍ୟାରେ ଜିଲାସ୍ତରୀୟ ଶିଶୁ ମହୋତ୍ସବ ସୁରଭି ଓ କଳା ଉତ୍ସ୍ୱ ଅନୁଷ୍ଠିତ ହୋଇଥିଲା । ଏଥିରେ କନ୍ଧମାଳ ଜିଲ୍ଲାପାଳ ଆଶିଷ ଈଶ୍ୱର ପାଟିଲ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ କାର୍ଯ୍ୟକ୍ରମକୁ ଉଦଘାଟନ କରିବା ସହ ଶିଶୁମାନଙ୍କ ମଧ୍ୟରେ ଥିବା ଲୁକ୍କାୟିତ ପ୍ରତିଭା ଲୋକ ଲୋଚନକୁ ଆଣିବା ପାଇଁ ବ୍ଲକ, ଜିଲ୍ଲା ଓ ରାଜ୍ୟସ୍ତରରେ ଏଭଳି କାର୍ଯ୍ୟକ୍ରମ ମାନ ଅନୁଷ୍ଠିତ ହେଉଥିବା କହିଥିଲେ । ଏଣୁ ବ୍ଲକସ୍ତରରେ ଅଧିକରୁ ଅଧିକ ଛାତ୍ର ଛାତ୍ରୀ ଯେପରି ଭାଗ ନେଇପାରିବେ ସେଥିପ୍ରତି ଶିକ୍ଷକ ଶିକ୍ଷୟତ୍ରୀ ମାନେ ଦୃଷ୍ଟି ଦେବା ଲାଗି ପରାମର୍ଶ ଦେଇଥିଲେ ମୁଖ୍ୟ ଅତିଥି ଜିଲ୍ଲାପାଳ ପାଟିଲ । ଜିଲ୍ଲାସ୍ତରୀୟ ପ୍ରତିଯୋଗିତାରେ ଫୁଲବାଣୀ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ଉଚ୍ଚକୋଟିର କଳା ପ୍ରଦର୍ଶନ କରି ବିଭିନ୍ନ ପ୍ରତିଯୋଗିତାରେ ଶ୍ରେଷ୍ଠ ସ୍ଥାନ ପ୍ରଦର୍ଶନ କରିଥିବାରୁ ଏହି ଅବସରରେ ମୁଖ୍ୟ ଅତିଥି ଜିଲ୍ଲାପାଳ ଆଶିଷ ଈଶ୍ୱର ପାଟିଲ ପୁରସ୍କାର ପ୍ରଦାନ କରିଥିଲେ । ସୁରଭିରେ କ୍ରିଏଟିଭ ରାଇଟିଙ୍ଗରେ ସୁଶ୍ରୀ ତ୍ରିଶା ପ୍ରଧାନ ପ୍ରଥମ, କଳା ଉତ୍ସ୍ୱରେ ଟୁ ଡି ପେଇଁଟିଙ୍ଗରେ ସୁଶ୍ରୀ ଫଲଗୁନି କହଁର ପ୍ରଥମ, ଥ୍ରୀ ଡି ଫେଂଟିଙ୍ଗରେ ସୁଶ୍ରୀ ତନୁଶ୍ରୀ ବାଘ ପ୍ରଥମ, ଇଣ୍ଡିଜିନିୟସ ଟଏରେ ସୁଶ୍ରୀ ଅମ୍ବିକା ସାହୁ, ପ୍ରଥମ, ସୋଲ ନୃତ୍ୟରେ ସୁଶ୍ରୀ ଶ୍ରୀଦେବୀ ନାୟକ ପ୍ରଥମ ଓ ସୋଲ ନୃତ୍ୟରେ ସୁଶ୍ରୀ ଲକ୍ଷ୍ମୀପ୍ରିୟା ସାହୁ ଦ୍ୱିତୀୟ ସ୍ଥାନ ଅର୍ଜନ କରି ମୁଖ୍ୟ ଅତିଥି ଜିଲ୍ଲାପାଳ ପାଟିଲଙ୍କ ଠାରୁ ପୁରସ୍କୃତ ହୋଇ ବାଳିକା ଉଚ୍ଚ ବିଦ୍ୟାଳୟ ପାଇଁ ଗୌରବ ଆଣି ଦେଇଛନ୍ତି । ଫଳରେ ପ୍ରଧାନ ଶିକ୍ଷୟତ୍ରୀ ଶ୍ରୀମତୀ ମିନା ଡିଗାଲ ସମସ୍ତଙ୍କୁ ଅଭିନନ୍ଦନ ଜଣାଇବା ସହ ଖୁସି ବ୍ୟକ୍ତ କରିଛନ୍ତି । ଜିଲ୍ଲାସ୍ତରରେ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାରେ ପ୍ରଥମ ସ୍ଥାନ ଅଧିକାର କରିଥିବା ଛାତ୍ରଛାତ୍ରୀ ମାନେ ଆସନ୍ତା ନଭେମ୍ବର ଚଉଦ ଶିଶୁ ଦିବସରେ ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବେ । ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ଶିକ୍ଷା ଅଧିକାରୀ, ବ୍ଲକ ଶିକ୍ଷା ଅଧିକାରୀ ଓ ଶିକ୍ଷକ, ଶିକ୍ଷୟତ୍ରୀ ଅବିଭାବକ ଉପସ୍ଥିତ ଥିଲେ ।

# ଦୁର୍ନୀତି ନିବାରଣ ସଚେତନତା ସପ୍ତାହ ପରିପ୍ରେକ୍ଷୀରେ ସଚେତନତା ସଭା

ସୁବର୍ଣ୍ଣପୁର ,୫/୧୧ (ନି.ପ୍ର): ଦୁର୍ନୀତି ନିବାରଣ ସଚେତନତା ସପ୍ତାହ ପାଳନ ଅବସରରେ ସୋନପୁର ସରକାରୀ ମହାବିଦ୍ୟାଳୟ ଓ ଜିଲ୍ଲା ଦୁର୍ନୀତି ବିଭାଗ ଆନୁକୂଲ୍ୟରେ ଦୁର୍ନୀତି ମୁକ୍ତ ସମାଜ ଗଠନ ତଥା ସ୍ୱଛତା ଓ ବ୍ୟବସ୍ଥିତ କରିବା ଉଦେଶ୍ୟରେ ଛାତ୍ର ଛାତ୍ରୀଙ୍କ ମଧ୍ୟରେ ସଚେତନତା ନିମିତ୍ତ ମହାବିଦ୍ୟାଳୟ ପରିସରରେ ସଚେତନତା ସଭା ଅନୁଷ୍ଠିତ ହୋଇଯାଇଛି । ଏହି ପରିପ୍ରେକ୍ଷୀରେ ସଚେତନତା ସଭା ମହାବିଦ୍ୟାଳୟ ପ୍ରିନ୍ସିପାଲ ପ୍ରଫେସର ରାଜୀବ ଲୋଚନ ଆଚାର୍ଯ୍ୟଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି କ୍ଷ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥିଭାବେ ଶ୍ରୀ ତୁଷାର କାନ୍ତ ମହାପାତ୍ର ଇନିସ୍ପେକ୍ଟର ଭିଜିଲେନ୍ସ,ତଥା ଅନ୍ୟତମ ଅତିଥିଭାବେ ଶ୍ରୀ ସୌରଭ ରଞ୍ଜନ ଖମାରୀ, ଓଡ଼ିଆ ଆଧପକ ଯୋଗଦାନ କରି ଛାତ୍ର ଛାତ୍ରୀଙ୍କୁ ଉଦବୋଧନ ଦେଇଥିଲେ । ଲେଫ୍ଟନାଂଟ ଆଶିଷ କୁମାର ଅଗ୍ରୱାଲ ଧନ୍ୟବାଦ ଅର୍ପଣ କରିଥିଲେ । ଏହି ସଚେତନତା ସଭା ଅବସରରେ ମହାବିଦ୍ୟାଳୟ ତରଫରୁ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାରେ କୃତ୍ତି ପ୍ରତିଯୋଗୀଙ୍କୁ ଅତିଥି ବୃନ୍ଦ ପୁରସ୍କୃତ କରିଥିଲେ । ସଭାରେ ମହାବିଦ୍ୟାଳୟ ର ଶତାଧିକ ଛାତ୍ର ଛାତ୍ରୀ ସହ ଆଧ୍ୟପକ ଅଧ୍ୟାପିକା ସମେତ ଦୁର୍ନୀତି ବିଭାଗ ଅଧିକାରୀ, କର୍ମଚାରୀ ପ୍ରମୁଖ ଉପସ୍ଥିତ ରହିଥିଲେ ।

## ଧାରାବାହିକ : ଜୀବନାନୁଭୂତି

# ମୋର ପୂର୍ବ ସ୍ମୃତି କଥା



ବାଲେଶ୍ୱରରେ ପ୍ରଥମଥର ୧୯୧୫ ମସିହାରେ ତୃତୀୟଶ୍ରେଣୀ ମାଜିଷ୍ଟ୍ରେଟ ଓ ଦ୍ୱିତୀୟଥର ୧୯୩୧ ମସିହାରେ ଡେପୁଟି ମାଜିଷ୍ଟ୍ରେଟ ପଦରେ ଅବସ୍ଥାପିତ ହୋଇଥିବା ଭାରତଚନ୍ଦ୍ର ନାୟକଙ୍କ ରଚିତ 'ପୂର୍ବ ସ୍ମୃତିକଥା' ୧୯୬୬ରେ ପୁସ୍ତକ ଆକାରରେ ପ୍ରକାଶିତ ହୋଇ ତା' ପରବର୍ଷ ଓଡିଶା ସାହିତ୍ୟ ଏକାଡେମୀ ଦ୍ୱାରା ସମ୍ମାନିତ ହେବା ମନନଶୀଳ ପାଠକଙ୍କ ପାଇଁ ଆଣିଦେଇଥିଲା ଗୋଟେ ପ୍ରକାର ଆଶ୍ୱସ୍ତି । ଏହି ପୁସ୍ତକରେ ଅଛି ରାଜା ରାଜୁଡା ସମୟର ଇତିହାସ, ଅଛି ସାମାଜିକ ଚେତନା, ଅଛି ମଧ ଉଚ୍ଚାଙ୍ଗ ସାହିତ୍ୟ । ଆଜି ବି ଆମ ସମାଜରେ ନାରୀ ନିର୍ଯାତନାର ଚିତ୍ର ସର୍ବତ୍ର ଦେଖିବାକୁ ମିଳୁଥିବା ବେଳେ ସେ ସମୟରେ ନାରୀମାନଙ୍କ ପାଇଁ ସେ ଦେଖିଥିବା ସ୍ୱପ୍ନ, ସମ୍ବେଦନଶୀଳ ମନୋଭାବ, ନାରୀଶିକ୍ଷା ପ୍ରତି ତାଙ୍କର ପ୍ରେରଣା ତାଙ୍କୁ ସ୍ମରଣୀୟ କରି ରଖିଛି । ଶ୍ରୀଯୁକ୍ତ ନାୟକଙ୍କର 'ମୋର ପୂର୍ବ ସ୍ମୃତିକଥା' ଧ୍ୱନି ପ୍ରତିଧ୍ୱନିର ଗୁଣଗ୍ରାହୀ ପାଠକମାନଙ୍କ ପାଇଁ...

ଭାଗ - ୯୭

(ପୂର୍ବ ପ୍ରକାଶିତ ଉତ୍ତାରୁ...)

ତା'ପରେ ମୋତେ ଆଶ୍ୱାସନା ଦେଇ କହିଲେ, 'ଶ୍ୟାମା ନିଶ୍ଚୟ ଭଲହୋଇଯିବ । ଭଗବାନ ନିଶ୍ଚୟ ତାହା ପ୍ରତି ସଦୟ ହେବେ ।' ଶ୍ୟାମା ତାଙ୍କ ସଙ୍ଗେ ତ ଅତି ଘରୁଆ ହୋଇଗଲାଣି । ଡାକ୍ତର ତାହାର ଚକ୍ଷୁ ପରୀକ୍ଷା କରିବା ପୂର୍ବେ ତାକୁ କୋଳରେ ବସାଇ କେତେ ସ୍ନେହପୂର୍ଣ୍ଣ କଥା କହନ୍ତି । ତାପରେ ତାଙ୍କ କମ୍ପାଉଣ୍ଡର ମୋତିବାବୁ, କେଉଁଦିନ ରଘୁନନ୍ଦନ ବାବୁ ବା । ସଖୀଚାନ୍ଦବାବୁ ତାକୁ ନେଇଯାନ୍ତି ଓ ଟେବୁଲ ଉପରେ ପକାଇ ତାହାର ଆଖି ଧୋଇ ଔଷଧ ଲଗାଇ ଦିଅନ୍ତି । ଏହିପ୍ରକାରେ ଦୁଇଓଳି ଚିକିତ୍ସା ଚାଲିଥାଏ । ଦିନେ ଶ୍ୟାମା ଡାକ୍ତରଙ୍କୁ ହିନ୍ଦୀରେ କହିଲା - ଅନେକ ଦିନ ପାଟଣାରେ ରହି ହିନ୍ଦୀ ଶିଖିଗଲାଣି – ଡାକ୍ତର ସାହେବ ! ମୋର ନାମ 'ଶ୍ୟାମା' କାହିଁକି ଜାଣନ୍ତି ? ଶ୍ୟାମାମାନେ କାଳୀ, ଦୁର୍ଗା, ମହାଦେବଙ୍କ ସ୍ତ୍ରୀ, ସୃଷ୍ଟି ଧ୍ୱଂସକାରିଣୀ । ଆଖି ଖୋଲିଦେଲା ମାତ୍ରକେ ସୃଷ୍ଟି ପୋଡ଼ିଯିବ । ତେଣୁ ବୋଧହୁଏ ମୋର ଚକ୍ଷୁ ବନ୍ଦ ହୋଇଅଛି । ଆଉ ଫିଟିବ ନାହିଁ କିନ୍ତୁ ମୁଁ ଦିବ୍ୟଦୃଷ୍ଟି ପାଇଅଛି ଓ ସେହି ଦୃଷ୍ଟି ବଳରେ ମୁଁ ସବୁ ଦେଖିପାରୁଛି । ବିଶେଷତଃ ଆପଣଙ୍କ ହୃଦୟର ମହତ୍ । ଡାକ୍ତର ଶୁଣି ଅବାକ୍, ମୁଁ ମଧ ଅବାକ୍, ତାଙ୍କ ଚକ୍ଷୁ ଛଳଛଳ । ଆଖିରୁ ଲୁହ ପୋଛି କହିଲେ, "ଶ୍ୟାମା ଯାହା କହେ Philosophical (ଜ୍ଞାନପୂର୍ଣ୍ଣ) ।"

୧୯୪୧ ଜୁଲାଇ ୧୫ ତାରିଖ ମେଡ଼ିକାଲ୍ କଲେଜର ପ୍ରିନ୍ସିପାଲ୍ ଡାକ୍ତର ତ୍ରିଦିବନାଥ ବାନାର୍ଜୀ ସୁଷମାକୁ ପରୀକ୍ଷା କରି କହିଲେ, 'ଚିନ୍ତାର କାରଣ କିଛି ନାହିଁ । କିନ୍ତୁ ସୁଷମାକୁ ତିନିମାସ ବିଶ୍ରାମ ନେବାକୁ ହେବ । କଲେଜରୁ ତାହାର ନାମ ଉଠାଇ ଦିଆଯିବ । ଭଲ ହେଲେ ପୁଣି ନାମ ଲେଖାଇବା ହେବ । ତାକୁ ସମ୍ବଲପୁରରେ ନ ରଖି ବର୍ଷା ଶେଷରେ ପୁରୀ କିମ୍ବା ୱାଲଟେୟାରରେ ରଖିବାକୁ ହେବ । ତାହା ନ ହେଲେ ଯକ୍ଷ୍ମା ହୋଇଯାଇପାରେ । ମୁଁ ହତାଶ ହେଲି, ମୁଁ ଯେତେ ଉଚ୍ଚରେ ଉଡୁଥିଲି ସେତେ ତଳକୁ ଖସିଲାପରି ଦିଶିବାକୁ ଲାଗିଲା । ମୋର ସମସ୍ତ ଉଚ୍ଚ ଆକାଂକ୍ଷା, ଆଶା, ଭରସା ସମସ୍ତ ଆକାଶକୁସୁମରେ ପରିଣତ ହେଲାପରି ମନେହେଲା । ଝିଅମାନଙ୍କୁ ଉଚ୍ଚଶିକ୍ଷା ଦେଇ ସମାଜରେ ଏକ ଉଚ୍ଚ ଆଦର୍ଶ ସ୍ଥାପନ କରିବାର ପ୍ରବଳ ବାସନା ଭଗବାନ ଚୂର୍ଣ୍ଣ କରିଦେଇ ଅଛନ୍ତି । ମୋର ସବୁଝିଅଙ୍କ ମଧରେ ସୁଷମା ଉଜ୍ଜ୍ୱଳତମ ରତ୍ନ । ତାହାର ଶକ୍ତି, ସାଧନା, ଆଜ୍ଞାବତା, ସମସ୍ତ କାର୍ଯ୍ୟରେ ମନୋନିବେଶ ପ୍ରଭୃତି ଗୁଣାବଳୀର ପ୍ରେରଣାରେ ମୁଁ ଯେଉଁ ଉଚ୍ଚ ଆଦର୍ଶ ସ୍ଥାପନ କରିବାକୁ ସଂକଳ୍ପ କରିଥିଲି ତାହା ଯେ ବହୁଦୂରକୁ ଚାଲିଗଲାଣି ! ସହଜରେ ମୋ ଆଖି ଆଗରେ ନାଚିଉଠିଲା, ଭଗବାନ ମୋର ଦର୍ପ ଚୂର୍ଣ୍ଣ କରିବାକୁ ବସିଅଛନ୍ତି । ଆମ ଅବନତ ସମାଜରେ ଏହି ଆଦର୍ଶ ବାଞ୍ଛନୀୟ ବା ଆବଶ୍ୟକ ନୁହେଁ ବୋଲି ଅବା ତାଙ୍କ ଇଚ୍ଛା ନୋହିଲେ କାହିଁକି ତାହାକୁ ଏହି ଦୂରାରୋଗ୍ୟ ରୋଗରେ ପୀଡ଼ିତ କରିଥାନ୍ତେ ? ଆଉ ଯେ ଭବିଷ୍ୟତ ଶିକ୍ଷା ପାଇଁ ସେ ସ୍ୱାସ୍ଥ୍ୟଲାଭ କରିବ, ଦୁରାଶା ମାତ୍ର । ତାହାର କି ସୁନ୍ଦର ସ୍ୱାସ୍ଥ୍ୟ ଥିଲା ! ହଉ, ଭଗବାନ ! ମୋର ନାମ ବା ଯଶ ଲୋଡ଼ା ନାହିଁ । ଆଉ ଭବିଷ୍ୟତ ଶିକ୍ଷା ମଧ ଆବଶ୍ୟକ ନାହିଁ । ମୋର ସୁଷମାକୁ ସ୍ୱାସ୍ଥ୍ୟ ଦାନକର, ଆଶୀର୍ବାଦ କର, ଯେପରି ସେ ମୋର ମୃତ୍ୟୁଶଯ୍ୟ ନିକଟରେ ବସି ମୋର ଅନ୍ତିମ ସମୟରେ ମୋ ମୁଣ୍ଡରେ ହାତ ବୁଲାଇ କହୁଥିବ, ବାପା ଆଉ କିଛି ନ ହେଲେ ବି ଆମ୍ଭମାନଙ୍କ ପ୍ରତି ତୁମ୍ଭେ କର୍ତ୍ତବ୍ୟ ପାଳନ କରିଛି । ଗୁଣୀ, ଗାରିଡ଼ି, ଫୁଙ୍କା, ଝଡ଼ା, ଯେ ଯାହା କହିଲେ ଅନ୍ଧ ତୁଲ୍ୟ ମାନିବାକୁ ହେଲା । ଜଣେ ଜ୍ୟୋତିଷ ଆସି ଉଭୟଙ୍କ କୋଷି ଦେଖିଗଲେ ଜଣେ ଗୁଣିଆ କହିଲା, ଦେବୀ ପୂଜା କରିବ । ତହିଁରେ ଶହେ ଟଙ୍କା ଦେବାକୁ ହେଲା । କେତେ ଲୋକଙ୍କ କେତେ ଦାବି ପୂରଣ କରିବାକୁ ହେଉଥାଏ । ସନ୍ତାନ ପ୍ରତି ପିତାର ହୃଦୟ ସର୍ବଦା ଦୁର୍ବଳ, କିନ୍ତୁ ଅନ୍ଧବିଶ୍ୱାସ ବା ଯେଉଁ ପ୍ରକାର ବିଶ୍ୱାସ ହେଉ, ନିର୍ମଳ ସରଳ ବିଶ୍ୱାସ ଅପରିହାର୍ଯ୍ୟ ଓ ମନୁଷ୍ୟ ଜୀବନରେ ତାହାର ପରିଣାମ ମହତ୍ ।

ପାଟଣାରୁ ଆଠ ମାଇଲ ଦୂରରେ ଫୁଲରୀ ଶରିଫ୍ । ରିକ୍ସା ଚାଳକ ଖାଁ ସାହେବ ଦିନେ କହିଲା, ସେଠାରେ ଜଣେ ବୃଦ୍ଧ ଫକୀର ଅଛନ୍ତି । ଦୂରାରୋଗ୍ୟ ରୋଗ ସୁଦ୍ଧା ହୁକୁମ ଦେଇ ଭଲକରନ୍ତି । ଶ୍ୟାମାକୁ ଥରେ ତାଙ୍କ ଠାକୁ ନେଇଯିବାକୁ ପରାମର୍ଶ ଦେଲା । ଏହି ଦରିଦ୍ର ମୁସଲମାନ ରିକ୍ସାଚାଳକର ଶ୍ୟାମା ପ୍ରତି ଯେଉଁ ସହାନୁଭୂତି ତାହା ହୃଦୟରେ କେବଳ ଅନୁଭୂତିର ବିଷୟ । ବାହାରୁ ଦେଖିବାକୁ ନୀଚ ସ୍ତରରେ ଥିବା ଲୋକଙ୍କ ହୃଦୟ ସୁଦ୍ଧା ଅତି ଉଚ୍ଚ । ଏହି ରିସାଚାଳକ ଖାଁ ସାହେବ ତହିଁର ନିଦର୍ଶନ । କେତେବେଳେ ଡେଉଁରିଆଟାଏ ଆଣି ଶ୍ୟାମାର ଗଳାରେ ପିନ୍ଧାଇ ଦେଇଯାଏ ଓ କହେ, ସେ ନିଜେ ଫକୀର ପାଖକୁ ଯାଇ ଶ୍ୟାମା ସକାଶେ ଆଲ୍ଲାଙ୍କୁ ଆରାଧନା କରି ତାହା ଆଣିଛନ୍ତି କେତେବେଳେ ମିଷ୍ଟ ଫଳଟିଏ, କେତେବେଳେ ଚନାଚୁର ଗଣ୍ଡାଏ, କେତେବେଳେ ଅବା ଖେଳଣାଟିଏ ଦେଇଯାଏ । ୧୭ ତାରିଖ ସକାଳେ ଆସି ଜିଦ୍ ଧରି ବସିଲା ଯେ, ଡାକ୍ତରଙ୍କଠାରେ ଆଖି ଧୁଆହେଲା ପରେ ଶ୍ୟାମାକୁ ନେଇ ଫୁଲରୀ ସରିଫର ଫକୀରଙ୍କ ନିକଟକୁ ଯିବାକୁ ହେବ ଏବଂ ତାହାର ଦୃଢ଼ ବିଶ୍ୱାସ, ତାହାଙ୍କ ପ୍ରଦତ୍ତ ମନ୍ତ୍ରପୂତ ଡେଉଁରିଆ ଶ୍ୟାମାର ଚିକିତ୍ସାର ଅନୁକୂଳ ହେବ । ମୁଁ ଏହାର ପ୍ରତିବାଦ ସୁଦ୍ଧା କରିପାରିଲି ନାହିଁ । ତାହାର ରସାରେ ବସାଇ ଆମ୍ଭମାନଙ୍କୁ ନେଇଗଲା । ମସଜିଦ୍‌ର ବିସ୍ତୀର୍ଣ୍ଣ ପ୍ରାଙ୍ଗଣ ପୂର୍ବାହ୍ନ ଠିକ୍ ସାଢ଼େ ଏଗାରଟା ବେଳେ ତାଙ୍କ ଦରବାର ଫିଟିଲା । ଅନେକ ଲୋକ ହିନ୍ଦୁ, ମୁସଲମାନ ତାହାଙ୍କ ଦର୍ଶନ ଆକାଂକ୍ଷାରେ ଅଥବା ନିଜ ନିଜ କାମନା ସିଦ୍ଧି ଆଶାରେ ରୁଣ୍ଡ ହୋଇଥିଲେ । ଫକୀର ଅଳ୍ପ ସମୟପରେ ଆସି ପୂର୍ବରୁ ସନ୍ନିତ ଉଚ୍ଚସନୋପରି ଆସୀନ ହେଲେ, ବୟସ ଦେଖିବାକୁ ୯୦ ବର୍ଷରୁ ଊଣା ହେବନାହିଁ । ଉପସ୍ଥିତ ଜନମଣ୍ଡଳୀରୁ କେହି କେହି କହିଲେ, ତାଙ୍କ ପିଲାଦିନରୁ ଏହି ବୃଦ୍ଧ ଫକୀରଙ୍କୁ ଏହି ଅବସ୍ଥାରେ ଦେଖି ଆସୁଅଛନ୍ତି । ତାଙ୍କ ବୟସ ଶହେ, ବିଶାଶହେ ବର୍ଷରୁ ଊଣା ହେବନାହିଁ । ଦୀର୍ଘ ଶୁକ୍ଳ ଶୁଭ୍ର ସୌମ୍ୟ ମୂର୍ତ୍ତି ଦେଖି, ସ୍ୱତଃ ଭକ୍ତ ମୋ ହୃଦୟରେ ଉଦିତ ହେଲା । ଉପସ୍ଥିତ କି ହିନ୍ଦୁ, କି ମୁସଲମାନ ତାଙ୍କ ପଦତଳରେ ପ୍ରଣତ ହୋଇ କିଏ ନଷ୍ଟ ସ୍ୱାସ୍ଥ୍ୟର ଆରୋଗ୍ୟ, କିଏ ମୋକଦ୍ଦମାରେ ଜୟଲାଭ ଇତ୍ୟାଦି ମାନସିକ ଘେନି ତାଙ୍କ ନିକଟରେ ଉପସ୍ଥିତ ହେଲେ । ପ୍ରତ୍ୟେକେ ଖଣ୍ଡିଏ ଲେଖାଏଁ କାଗଜରେ ଉର୍ଦ୍ଦୁରେ ନିଜ ନିଜ ବକ୍ତବ୍ୟ ଲେଖିନେଇଥିଲେ । ମୁଁ ମଧ ଜଣେ ମୁସଲମାନ ଭଦ୍ରଲୋକଙ୍କ ହସ୍ତରେ ଶ୍ୟାମାର ଆଖି ଓ ସୁଷମାର ଛାତି ପୀଡ଼ା ବିଷୟ ଲେଖାଇ ନେଇଥିଲି । ଫକୀର ନିପଟ କାଲ ପାର୍ଶ୍ୱସ୍ଥ ନିଜର ଜଣେ ଲୋକ ଦ୍ୱାରା ସେ ଉତ୍ତର ଦେଉଥିଲେ । ମୁଁ କାଗଜ ଖଣ୍ଡିକ ତାଙ୍କ ପ୍ରଦତଳରେ ରଖିଦେଇ ମୋ ପ୍ରାର୍ଥନାର ସାଫଲ୍ୟ ସକାଶେ ଭଗବାନଙ୍କୁ ମନେ ମନେ ଡାକିଲି । ଫକୀର ଗୋଟିଏ ମୁଣିରୁ ଆରବ୍ୟ ବା ପାରସ୍ୟ ଭାଷାରେ ଲିଖିତ ଖଣ୍ଡିଏ ଲେଖାଏଁ କାଗଜ ପ୍ରତ୍ୟେକଙ୍କ ହସ୍ତକୁ ବଢ଼ାଇ ଦେଉଥିଲେ । ସମସ୍ତେ ତାହା ନେଇ ଆସିଲୁ । ତାଙ୍କ ହୁକୁମ ଅନୁସାରେ ଦୁଇଗୋଟି ରୂପା ଡେଉଁରିଆ ଗାଁ ସାହେବ ହସ୍ତରେ କିଣାଇଲି ଓ ତହିଁରେ ଖଣ୍ଡିଏ ଲେଖାଏଁ ପ୍ରୋକ୍ତ କାଗଜ ପୂରାଇ କଳାସୂତାରେ ଡେଉଁରିଆ ଗୁଛି ଉଭୟଙ୍କୁ ପିନ୍ଧାଇଦେଲି । । ଶ୍ୟାମା ଓ ସୁଷମାର ଏହି ବିପନ୍ନ ଅବସ୍ଥାରେ ପାଟଣାରେ ଥିବା ଓଡ଼ିଶାର ଛାତ୍ରମାନଙ୍କ ସହାନୁଭୂତି ଭୁଲି ହେବନାହିଁ । ମେଡ଼ିକାଲ୍ କଲେଜର ଛାତ୍ର ସିଂହଭୂମର ଯଶୋବନ୍ତ ମହାନ୍ତି, କଟକର ମୋର ବନ୍ଧୁ ଶ୍ରୀ ଚିନ୍ତାମଣି ଆଚାର୍ଯ୍ୟଙ୍କ ପୁତ୍ର ବୀରେନ୍ଦ୍ର କୁମାର, ମୋର ସହାୟୀ ଶ୍ରୀ ଶ୍ୟାମସୁନ୍ଦର ଦାସଙ୍କ ପୁତ୍ର ଜଗନ୍ନାଥ ଓ ପାଟଣା କଲେଜ ଛାତ୍ର ରାଧାନାଥ ରଥଙ୍କ ସହାନୁଭୂତିପୂର୍ଣ୍ଣ ବ୍ୟବହାର ମୁଁ କେବେ ଭୁଲି ପାରିବି ନାହିଁ । ଶ୍ୟାମା ଆଖି ବନ୍ଦକରି ପଡ଼ିଥାଏ । (କ୍ରମଶଃ)

## ମ ନ ଗ ହ ନ

# ପ୍ରାର୍ଥନା ପରି କବିତା ତା'ର ନ ପାଇଥିବାର ଶୋଚନାକୁ, ଏପରିକି ତା' ନିଜକୁ ଭୁଲାଇଦିଏ : ରମାକାନ୍ତ ରଥ



"ଜାହାଜ ଆସିବ" କବିତାଗୁଡିକ ଲେଖିଯିବାକୁ ଗୋଡ କାଢି ସାରିଥିବା ଜଣକର ସ୍ୱଗତୋକ୍ତି । ସେ ଜାଣେ ଯେ ଜାହାଜ ନ ଆସିବାଯାଏଁ ସେ ଯାଇପାରିବନି, ଅପେକ୍ଷା କରି ରହିବାହିଁ ଏଣିକି ତା'ର ଜୀବନ । ଯାହାଯାହା ତା'ର ଜୀବନ ବୋଲି ସେ ଆଜିଯାଏଁ ଭାବିଆସିଥିଲା, ସେ ସବୁ ଏବେ କେଉଁଠି ? ସେ ସବୁ ନିଜକୁ କହିବସିଲାବେଳେ ସେ ଜାଣିପାରେ ଯେ ତାହା କରିହେବ ନାହିଁ- ସେସବୁ ପ୍ରକୃତରେ ନଥିବା ଯୋଗୁଁ ନା ତା' ପାଖରେ ଭାଷା ନଥିବା ଯୋଗୁଁ ? ଯଦି ନଥିଲା, ଯାହା ନଥିଲା ତାହା ଅଛି ବୋଲି ଭାବି ଓ ସେ ଧାରଣା ମୁତାବକ ଆଚରଣ କରି ସେ ସାରା ଜୀବନକୁ ବ୍ୟର୍ଥ କରିଦେଲାନି କି ? ଯଦି ଥିଲା, ଆଉ କାହା କଥା ଛାଡ, ଯେତେ ଚାହିଁଲେ ବି ସେଠାରେ ପହଞ୍ଚି ନ ପାରିବା ଜୀବନ କ'ଣ ଜୀବନରେ ଲେଖା ? ତା' ପାଖରେ ଏବେ ଯାହା ଅଛି ବୋଲି ତାକୁ ଲାଗୁଛି ତାହା ବି ଯାହା ଆଉ ନାହିଁ ତା' ପରି ହୋଇଥିବ, ତାକୁ ଧରିବସିଲେ ମିଳିବ କ'ଣ ? ସେତକ ବି ଫିଙ୍ଗିଦେଇ ଜାହାଜରେ ବସି ଚାଲିଗଲେ ଯାଏ । ଚାଲିଗଲା ପରେ ସେ ସବୁର ଥିବା ନଥିବାରେ, ସେ କ'ଣ ପାଇଲା କ'ଣ ପାଇଲାନି ସେଥିରେ ତା'ର ଯାଏଆସେ କେତେ ?

ଯଦି ତା' ଜୀବନର କୌଣସି ଘଟଣାର, ସେ ଯାହା ଯାହା କରିଛି ସେ ସବୁ ଆଦୌ ଘଟିନଥିବା ପରି ବା ସେ ନକରିଥିବା ପରି, ତା'ହେଲେ ଗଲାବେଳକୁ କବିତା ଲେଖୁଛି କାହିଁକି ? ସେ କାମଟା ବି କ'ଣ ତା'ର ଅନ୍ୟ ସବୁ କାମ ପରି ନୁହେଁ ? ଜବାବ୍‌ରେ ସେ କହିପାରେ ଯେ ଦୁଇଟି କାରଣ ଯୋଗୁଁ ସେ ଏତେବେଳେ ବି କବିତା ଲେଖୁଛି । ପ୍ରଥମ କାରଣ ହେଲା- ଏତେକାଳ ଯାହା ପାଖରେ ରହିଲି, ଅର୍ଥାତ୍ ଯାହା ମୁଁ ବୋଲି ମନେହେଉଥିଲା ତା' ପାଖରେ, ତାକୁ ଛାଡି ଗଲାବେଳେ ଦି'ପଦ କହି କରି ଯିବିନି ? ମୁଁ ନକହିଲେ ଆଉ କିଏ କହିବ ? ସେ ନାହିଁ ତ କ'ଣ ହେଲା, ଗତକାଲି ଆଜି ନାହିଁ, କିନ୍ତୁ ଗତକାଲି ନଥିଲା ବୋଲି କହିବା କ'ଣ ଠିକ୍ ହେବ ? ଦ୍ୱିତୀୟ କାରଣ ହେଲା- ନିଜେ ନଥିବାର ବେଳ ହିଁ କବିତା ଲେଖିବାର ବେଳ । ନିଜକୁ ପାସୋରି ନ ଗଲେ, ନାକଚ୍ କରିନଦେଲେ କବିତାର ଦୁଆରମୁହଁ ଯାଏଁ ଯାଇହୁଏନି । ମୁଁ ଓ ମୋର ଏଇ ସଂସାର ମୋ ପାଇଁ ସବୁଠୁଁ ତାତ୍ପର୍ଯ୍ୟପୂର୍ଣ୍ଣ ଭାବୁଥିବା ଜଣକୁ କବିତା ପଇଟିବ ନାହିଁ । ସେଥିପାଇଁ କବିତା ଲେଖିବାକୁ ଗଲାବେଳେ କବି ନିଜକୁ ଲୋପକରିଦିଏ, ଯାହା କହେ ସେ ନିଜକୁ ଜାବୁଡି ଧରିଥିଲେ କହିପାରିନଥାନ୍ତା । କବିତାଟି ସରିଗଲେ ସେ ନିଜ ପାଖକୁ ଲେଉଟି ଆସେ, ପୁଣି ଥରେ ନିଜ ଭିତରୁ ଓ ନିଜର ଚାରିପାଖକୁ ବାହାରିଯିବା ବେଳକୁ ଅପେକ୍ଷା କରିଥାଏ ।

କବିତାଟି ସରିଗଲେ ସେ ବୁଝିପାରେ ସେ ଯାହା କହିବାକୁ ଭାବିଥିଲା କହି ପାରିଲାନି, ଲେଖିବାକୁ ଚାହୁଁଥିବା କବିତାଟି ତାକୁ ଏଡେଇ ଦେଇ ଚାଲିଗଲା । ସେଥିପାଇଁ ସେ ମନଦୁଃଖ କରେ ନାହିଁ । ଏଡେଇ ହୋଇ ରହିଯିବା ତା' ପାଇଁ କେଉଁ ନୂଆ କଥା ? ସେ ଚାହେଁ, କବିତା ତାକୁ ଏଡେଇ ଦେଉ ପଛକେ, ଆସୁଥାଉ । ଯଦି ଆସିବା ବନ୍ଦକିରଦିଏ, ତାକୁ ନିଜ ସହିତ ଚଳିବାରୁ ତ୍ରାହି ମିଳିବ ନାହିଁ । ଏଡେଇ ହୋଇ ରହିଯିବାର ଯନ୍ତ୍ରଣାଠାରୁ ସେ ଯନ୍ତ୍ରଣା କାହିଁ କେତେଗୁଣା ଅଧିକ ।

ଲେଖାଯାଇଥିବା କବିତାଟି କାହିଁକି ଲେଖିବାକୁ ଭାବିଥିବା କବିତା ହୁଏ ନାହିଁ ? କବିତ୍ୱର ସ୍ୱଳ୍ପତା ଗୋଟିଏ କାରଣ, ଅନ୍ୟ କାରଣଟି ହେଲା ଭାଷାର ସୀମିତତା । ଅନେକ କିଛି ପାଇଁ ଭାଷା ନଥାଏ, ଅନେକ ଅନୁଭୂତିକୁ ସାଧାରଣତଃ ବ୍ୟବହୃତ ଭାଷାରେ ବର୍ଣ୍ଣନା କରିବା ବ୍ୟତୀତ ଆଉ କିଛି କରି ହୁଏନାହିଁ ଯଦିଓ ଆମେ ଜାଣୁ ଯେ ଆମେ ଯେତିକି କହିଛୁ ତା'ଠାରୁ ଅଧିକ ବାଦ୍ ଦେଇଛୁ, କହିପାରିନୁ । ଯାହା ଦୃଶ୍ୟ ତା'ର ପୂର୍ଣ୍ଣାଙ୍ଗ ଉପସ୍ଥାପନା ନା ସାହିତ୍ୟରେ, ନା ଚିତ୍ରକଳାରେ ନା ଭାସ୍କର୍ଯ୍ୟରେ ସମ୍ଭବ; ଯାହା ଦୃଶ୍ୟ ନହେଲେ ବି ନିଶ୍ଚିତଭାବେ ଥାଏ ତା'ର ଉପସ୍ଥାପନା ଆହୁରି ଆଂଶିକ, ଆହୁରି ଅସନ୍ତୋଷଜନକ ହେବାର ହିଁ ହେବ । ଏହା ବୁଝିଥିବା କବି ଭାଗ୍ୟକୁ ଆଦରି ରହିଯାଏ, କିନ୍ତୁ କବିତା ଲେଖିବାରୁ ଓହରି ଆସେନାହିଁ । ଦିନେ ଆଉ ରହିବନି ବୋଲି ଜାଣିଥିଲେ ବି ଜଣେ ଜୀଇଁ ଚାଲେ, ଆତ୍ମହତ୍ୟା କରେନାହିଁ ।

ତାର କବିତା କାଳକାଳକୁ ରହିବ ବୋଲି ସେ ଆସ୍ପର୍ଦ୍ଧା କି ଆଶା କରେ ନାହିଁ- ଯେପରି ମରିବା ନିଶ୍ଚିତ ଜାଣି ସୁଦ୍ଧା ଜଣେ ଆତ୍ମହତ୍ୟା କରେ ନାହିଁ । ଏପରି ଜଣେ ଜାଣିଥାଏ ଯେ ସେ ଚାଲିଗଲାପରେ ତା' କଥା ଖୁବ୍ ପାଖଲୋକଙ୍କର ମନେ ରହିବ, ସେମାନଙ୍କ ପରେ ଆଉ ଦି'ତିନି ପୁରୁଷଙ୍କର ମନେ ରହିପାରେ- ନାଆଁଟିଏ ଭାବରେ, ତା' ପରେ ନାଆଁଟି ମଧ ରହିବନି । ଏହା ସତ୍ତ୍ୱେ ଜୀଇଁ ରହିବାକୁ ପଡେ । କବିକୁ ମଧ କବିତା ଲେଖିବାକୁ ପଡେ ଯଦିଓ ସେ ଜାଣିଥାଏ ଯେ ଦିନେ ନା ଦିନେ ତା' କବିତା କେବେ ଲେଖା ହୋଇନଥିବା ପରି ହୋଇଯିବ । କବିତାଟିଏ ମନେ ରହିବାର ସମୟ ସୀମା ଏବେ ଖୁବ୍ କମିଗଲାଣି, ଆଗକୁ ଆହୁରି କମିଯିବ । ଯାହା ଦେଖାଯାଏ ନାହିଁ ତା' ନାହିଁ, ଥିଲେ ବି କେଉଁ କାମର ନୁହେଁ ବୋଲି ଧାରଣା ଖୁବ୍ ବ୍ୟାପକ ହୋଇପଡିଲାଣି । କବିତାରେ କୁହାଯିବା କଥା ଆକ୍ଷିକୁ ଦିଶୁନଥିବାରୁ ଅଣଦେଖା ହୋଇ ରହିଯାଏ । ତାଛଡ଼ା, ଜଣେ ଏକୁଟିଆ ହେଲେ ସିନା, କବିତା ପଢିବ, ତା ଭିତରକୁ ଯିବ, ଯାହା ଦିଶୁନାହିଁ ତାକୁ ଦେଖିବାକୁ ଚେଷ୍ଟା କରିବ । ଏବେ ତ ଏକୁଟିଆ ହେବାକୁ ଅନେକେ ଡରିଲେଣି, ଗହଳି ଭିତରେ ସବୁବେଳେ ରହିବାକୁ ଚାହୁଁଛନ୍ତି ।

ତଥାପି କବି କବିତା ଲେଖେ । ଉପେକ୍ଷିତ ହେବା, ସେ ଅଯୋଗ୍ୟ ଓ ଅଲୋଡା ବୋଲି ଶୁଣିବା, ସ୍ନେହ ପ୍ରେମ, ଅନୁକମ୍ପା କି ବୁଝାମଣା ନ' ପାଇବା ତା'ର ଦେହସୁହା ହୋଇଯାଇଥାଏ । ସେ ବୁଝିଯାଇଥାଏ ଯେ କିଛି ବଦଳିବା ତ ଦୂରର କଥା, ଯାହା ଅଛି ତାହା ଆହୁରି ଦୁର୍ବିସହ ହୋଇପଡିବ । ସେ ସେଇ ଜଣକ ପରି ଯେ ଖୁବ୍ ଦୁଃଖକଷ୍ଟ ଭୋଗୁଥାଏ- ସହି ନ ପାରିଲେ ସେ କରେ କ'ଣ ? କେଉଁ ଦେବତା ଓ ଦେବୀଙ୍କୁ ପ୍ରାର୍ଥନା କରେ ଯଦିଓ ନିଜର ଅଭିଜ୍ଞତାକୁ ଜାଣିଥାଏ ଯେ କେହି ସହାୟ ହେବେ ନାହିଁ- ତା'ର ଯାହା ଭୋଗିବାକୁ ଅଛି ସେ ଭୋଗିବ । ପ୍ରାର୍ଥନା କରୁ କରୁ ସେ କିଛି ମାଗିବା ଭୁଲିଯାଏ, ସ୍ତବର ଅନ୍ତର୍ନିହିତ ଆବେଗରେ, ସେଥିରେ ବର୍ଣ୍ଣିତ ମହିମାରେ ବିଭୋର ହୋଇ ନିଜର ଦୁଃଖ କଥା କହିବ କ'ଣ, ମନେ ପକାଇବାକୁ ବି ଇଚ୍ଛା କରେ ନାହିଁ । କବିତା ଲେଖୁଥିବା ଜଣକ ପ୍ରାୟ ସେପରି । ପ୍ରାର୍ଥନା ପରି କବିତା ତା'ର ନ ପାଇଥିବାର ଶୋଚନାକୁ, ଏପରିକି ତା' ନିଜକୁ ଭୁଲାଇଦିଏ । ପ୍ରାର୍ଥନା ସାରିଥିବା ଲୋକପରି କବିତା ଲେଖିସାରି ସେ ତା'ର ନିତିଦିନିଆ ଜୀବନକୁ ଫେରିଆସେ, ଫେରିଆସି ନିଜକୁ ବୁଝେଇଦିଏ ଯେ କିଛି ବେଳ ପାଇଁ ତ ସେ ଆଉ କେଉଁଠି ଥିଲା, ଯାହା ଭୋଗିଚାଲିଛି ଭୋଗୁନଥିଲା ।

ନିଜକୁ ଲୋପ କରିଦେଇ ନଥିଲେ କ'ଣ ଏ ସୌଭାଗ୍ୟ ଟିକକ ତାକୁ ମିଳିଥାନ୍ତା ?

(କବି ରମାକାନ୍ତ ରଥଙ୍କ କବିତା ଗ୍ରନ୍ଥ 'ଜାହାଜ ଆସିବ ଓ ଆଉ କେତୋଟି'ର ପୃଷ୍ଠବନ୍ଧ ଶୀର୍ଷକରେ କବିଙ୍କ ଦ୍ୱାରା ଲିଖିତ ଅଭିଲେଖ)

## ।। ଜୀବନ ନାମା ।।

ସୁରେଂଦ୍ର ପାଣିଗ୍ରାହୀ



ଶୀତରାତିର କେଉଁ ଏକ ନୀରବ ମୁହୂର୍ତ୍ତରେ
ଡେଣା ପୋଡ଼ିଯାଇଥିବା ସଂପାତି ଭଳି ମୁଁ
ବସି ରହିଛି ଜୀବନର ଆବୁଡ଼ା ଖାବୁଡ଼ା ମୁଣ୍ଡିଆ ଉପରେ ।

ବହଳ ଅନ୍ଧକାରର ନିବିଡ଼ତାରେ
କେଡ଼େ ବିକଳ ହେଉଛି ମୋର ମାଟିର ଶରୀର
ମୋ ଦେହର ପ୍ରସ୍ତ ପ୍ରସ୍ତ ଆବରଣକୁ ଚିରିଦେଇ
କିଏ ଯେମିତି ଚାହୁଁଛି ଉଡିଯିବାକୁ ଉପରକୁ
ରକ୍ତ ଜରଜର ଡେଣା, ଦେହର ଉଷ୍ମାକୁ ଫିଙ୍ଗିଦେଇ
ଗୋଟେ ଅଢ଼େଇ ଅକ୍ଷର ମାୟାକୁ ପଛରେ ପକେଇ ।

ଗୋଟେ ପରିତ୍ୟକ୍ତ ଘରର ଏକାଂତ ନିଃଶବ୍ଦତାରେ
ବୁଢ଼ିଆଣୀ ଜାଲଭଳି ଘେରି ନେଉଛି ମୋତେ
ଏକ ଉଦଗ୍ର କାମନା/ ଆଉ ଧୀରେ ଧୀରେ
ମୋ ଦେହରୁ ପ୍ରଲମ୍ବିତ ହେଇ ଚାଲିଥିବା
ଛାଇସବୁ ଅର୍ପିତ ହେବାକୁ ଚାହୁଁଛନ୍ତି
ଆଖି ସେପାରିର ଦିଗହରା ଦିଗ୍‌ବଳୟ ସେପାରିକୁ ।

ସମୟର ସମୁଦ୍ରକୂଳରେ ଦରଦ୍‌ଗବ ସାଜି ବାରଂବାର
ମୁଁ ପଚାରିଚାଲିଛି ଅସୁମାରୀ ପ୍ରଶ୍ନ, ଥରକୁ ଥର
ପଡ଼ି ଉଠି ଚାଲିଥିବା ଅସୁମାରୀ ତରଂଗମାନଂକୁ
ଦୁଃଖ, ଜରା, ମୃତ୍ୟୁର ପିତୁଳାଟିଏ ମୁଁ
ପ୍ରତିଦିନ ମୋ କାଂଧରେ ବୋହିଚାଲିଛି
ଏକ ବିଭକ୍ତ ସମୟର ବାଉନଭାର ଗଦା ।

ମୋ ଭିତରେ ଜାଗୁଥିବା ଏକ ପ୍ରାଚୀନ ଇଚ୍ଛା, ଯାହା
ବାରଂବାର ମନୁଷ୍ୟ ହେବାର ଆଭାସ ଦେଉଛି ମୋତେ
ଆଉ ଏକଥା ବି ମୋତେ ବେଶ୍ ଜଣା ଯେ ଦିନେ
ନିଜ ସଂପର୍କୀୟମାନଂକ ଶବ ଉପରେ ବସି ମୋତେ
ପାରି ହେବାକୁ ହେବ/ ଏକ ଭୟଂକର ବିଭୀଷିକାମୟ ରକ୍ତନଦୀ ।

❤ ପ୍ଲଟ୍ ନଂ- ୧୫୩୧
ରୋଡ୍ ନଂ- ୪, ଜଗନ୍ନାଥ ନଗର
ପୋ: ରସୁଲଗଡ଼, ଭୁବନେଶ୍ୱର-୭୫୧୦୧୦
ମୋ: ୯୪୩୭୨୮୨୯୮୪

## ।। ରସ ।।

ସୁବ୍ରତ କୁମାର ସେନାପତି



ଫରଫର ହୋଇ ଉଡୁଥିବା ପତାକାକୁ
ଆସନ କରି
ବେଲାବେଲା ରକ୍ତମାଂସର ଝୋଳକୁ
ପିଇଗଲା ପରେ ବି
ଏ ଦେଶକୁ ତୋଳି ଆଣନ୍ତି ସେମାନେ
ଗୋଟେ ପାଚିଲା ଆମ୍ବ ପରି ।।

ଲୋଭ-ମୋହ-ଦ୍ୱେଷର
ଅଦୃଶ୍ୟ ଅଦ୍ଭୁତ କଳକବ୍ଜାରେ
ଓଟାରି ଦିଅନ୍ତି ସେମାନେ
ପରସ୍ତ ପରସ୍ତ ଛାଲି
ନିଷ୍କାସନର ଶେଷରେ ଚିପୁଡି ଚିପୁଡ଼ି
ଯେଉଁ ଅବଶିଷ୍ଟାଂଶ
ବାହାର କରନ୍ତି ସେମାନେ
ତାକୁ ମହଜୁଦ କରି ରଖିନିଅନ୍ତି
ଆପଣାର ଗୁପ୍ତ ରେଫ୍ରିଜେରେଟରରେ ।।

ରସଘ୍ନ ଯେତେସବୁ
ରସଜନ୍ୟର ମାଲିକସତ୍ତ୍ୱ ଚୋରେଇନେବା ପରେ
ଆଉ କି ଜୁଟେ ଟୋପେ ରସର ଆସ୍ୱାଦ
ଶିଥିଳେଇଯାଇଥିବା
ଆମ ସାଧାରଣ ରସନାର ଭାଗ୍ୟରେ !

ରସ ଅନ୍ୱେଷଣର ଜ୍ୱାଳାରେ
ଆମେ ଶଳା ନିର୍ଲଜ ବି ଭୁଲିଯାଉ
ନିଜେ ହିଁ ତ ଆମେ ରସକାରକ
ଯା ଦେହର ରସକୁ ନେଇ
ଗଢ଼ା ଏ ଭାରତବର୍ଷ ।।

❤ ଖାରବେଳ ହଷ୍ଟେଲ, ଓୟୁଏଟି,
ଭୁବନେଶ୍ୱର-୭୫୧୦୦୩
(ମୋ): ୭୯୭୮୧୬୮୧୯୩

## ।। ହଜି ଯାଇଥିବା ଶବ୍ଦ ।।

ପ୍ର. ଗିରିଜା ଶଂକର ଶର୍ମା



ହଜିଯାଇଥିବା ଶବ୍ଦ ଖୋଜି ଖୋଜି
ସମୟ ଗଡ଼ିଯାଏ ସିନା, ଶବ୍ଦଟି ମିଳେନା ।
ଅସମାପ୍ତ କବିତାଟି
ଉର୍ଦ୍ଧ୍ୱକୁ ଅନେଇ କିଛି ଚିନ୍ତା କରୁଥାଏ ।
ଅଭିଧାନରେ ଶବ୍ଦର ଅଭାବ ନାହିଁ
କବି ପାଖରେ ବି ଅନେକ ଶବ୍ଦ ଥାନ୍ତି
ହେଲେ ସଠିକ୍ ଶବ୍ଦଟି ନଥାଏ ଆଖପାଖରେ ।

ଆସ ସମସ୍ତେ ମିଶି ଖୋଜିବା
ଶବ୍ଦର ଅରଣ୍ୟ ଭିତରେ
ଅଶବ୍ଦମାନଂକ ଚକ୍ରବ୍ୟୂହରେ ନପଡ଼ି
ମିତ୍ରତାରେ ତାଙ୍କ ସହ
ଆରମ୍ଭରୁ ଶେଷ ପର୍ଯ୍ୟନ୍ତ ଖୋଜିବା

ଆମ ରାସ୍ତାରେ ମରୁଭୂମି ପଡ଼ିପାରେ
ମୁଣ୍ଡ ଉପରେ ଖରାର ତେଜ ରହିପାରେ
ବାଲି ଝଡ଼ ଆସିପାରେ
ସେସବୁକୁ ଖାତିର ନକରି
ଏକ ଲୟରେ ଖୋଜିବା

ବିପଣୀରେ ଶବ୍ଦମାନଙ୍କ ଭିଡ଼
ସେ ଭିତରେ ଥାଇପାରେ
ଖୋଜିବା ଶବ୍ଦଟି ।
ଶବ୍ଦ ତ କବିତାର ଜୀବନ
ସେ ହଜିଲେ ରହେନି କବିତାର ସମ୍ମାନ ।
ଉଚିତ୍ ଶବ୍ଦ ଉର୍ଦ୍ଧ୍ୱମୁଖି ହୁଏ, ଶିଖର ଛୁଏଁ ।

ଉଚିତ ଶବ୍ଦ ହିଁ କବିତାର ଭାବର ଆୟନ ।
ଯେଣୁ ସେ କରେ କବିତାରେ
ଜୀବନର ପ୍ଲାବନ ।

❤ ସୋନାପାଲି, ଧନକଉଡ଼ା
ସମ୍ବଲପୁର-୭୬୮୦୦୬
ମୋ: ୯୪୩୭୦୮୮୬୦୨

## ।। ପ୍ରେମ ମଂତ୍ର ।।

ନକୁଳ ଚଂଦ୍ର ସାହୁ



ପ୍ରଭୁ,
ତୁମେ ଯାହା ମତେ ଦେଇଛ
ତାହାର ଅର୍ଥ ଅଛି,
ଆଦର୍ଶ ମତେ କର୍ତ୍ତା କରି ଦେଇଛି !

ଅହଂକାର ସଜେଇ ହୋଇଛି
ପରସ୍ତ୍ରୀ ପରି
ଅହଂକାର ଏକ ତୋଫାନ
ଚିତ୍ତ ଉଦ୍‌ବିଗ୍ନ ଅବସ୍ଥାର ନାମ !

ମୋ ସାମ୍ନାରେ ପ୍ରତ୍ୟେକଟି ମଣିଷ
ଖଂଡେ ଖଂଡେ ଖୋଲା ପୁସ୍ତକ
ଚର୍ବାକର ହସ୍ତଲିଖିତ, ମିଠା ଲାଗଂତି ତ !

ଜୀବନ ଛଂଦବଦ୍ଧ
କାମନାରେ ସୁରକ୍ଷିତ ପ୍ରେମ ମଂତ୍ର
ପ୍ରସନ୍ନ ଓ ପ୍ରଫୁଲ୍ଲ ବଂଧନ
କାଂଧରେ ବସିଛି ସାମାଜିକ ଅନୁଶାସନ !

ହେ ଈଶ୍ୱର,
ଦେହ ଦୁଃଖ, ମନ ଦୁଃଖ ଓ ଆତ୍ମାର ଦୁଃଖ
ଆଧିଦୈବିକ, ଆଦିଭୌତିକ ଓ ଆଧ୍ୟାତ୍ମିକ
କେମିତି କହିବି ଅସାର ଏ ତ୍ରିତାପ ଦୂଷିତ ?

ବୋଧ ଜାଗରଣ ଘଟାଇ ଦିଅ
ମୁଁ ତଥାଗତ
ପବନ ପରି ଉଡ଼ି ଆସି ଉପସ୍ଥିତ
ପବନପରି ପୁଣି ଉଡ଼ି ଯିବି ତ !

❤ ଶବ୍ଦଘର, ଗୋଡ଼ିସାହି,
କଟକ-୭୫୪୦୦୬
ମୋ: ୯୪୩୭୭୪୦୨୬୪

# ଧ୍ୱନି ପ୍ରତିଧ୍ୱନି

ବାଲେଶ୍ୱର, ରବିବାର, ୦୬ ନଭେମ୍ବର, ୨୦୨୨


## ପ୍ରେମରେ ପ୍ରେମରେ ଗୀତି ....(୭୯)



### ॥ ଗଢ଼ିବି ମୁଁ କୋଣାରକ ॥

ସ୍ମୃତିରେ ତୁମରି ଆଉ ଏକ ଗୋରୀ !
ଗଢ଼ିବି ମୁଁ କୋଣାରକ,
ଯେଉଁ କୋଣାରକେ ଲେଖାଥିବ ଆମ
ଜୀବନର ସୁଖ ଦୁଃଖ ।

ପାଷାଣ ହୋଇବି କଥା କହୁଥିବେ
ଗୋଟି ଗୋଟି ଶିଳା ଲିପି,
କେତେ ଅହଲ୍ୟାର ପାଷାଣ କାହାଣୀ
ଥିବ ତା' ଭିତରେ ଛପି,
ଛୁଇଁଲେ କହିବ ଶିଳାର ଦେହେ ବି
ଅଛି କାମନାର ଭୋକ ।

କହୁ କହୁ ଶିଳା କହିଦେବ ଦିନେ
ଆମରି ପ୍ରେମକୁ ଖୋଲି,
ଆଜି ମୁଁ ପାଷାଣ ପ୍ରେମର ଏ ମୂଳ
ଦୁନିଆ ଦେଲାନି ବୋଲି,
ପଥର ଦେହରେ ପ୍ରୀତିର ସ୍ପନ୍ଦନ
ଦେଖିଯାଅ ଆଗନ୍ତୁକ ।


■ ବିପିନ ମହାନ୍ତି

♥ ୩୩, ଗଡ ମହାବୀର ବିହାର, ଗ୍ୟାରେଜ ଛକ, ଭୁବନେଶ୍ୱର-୨ (ମୋ) ୯୮୬୧୧୪୪୯୯୧





## ମୋ ଦୃଷ୍ଟିରେ ମୋ ସୃଷ୍ଟି...(୨୬)



'ମୋ ଦୃଷ୍ଟିରେ ମୋ ସୃଷ୍ଟି' ନାମକ ଏକ ବିଶେଷ ଆଲୋଚନା ନିୟମିତ ପ୍ରକାଶ କରିବାକୁ ଯାଉଛୁ, ଯାହାକି ଆମ ମାଟିର ଜଣେ ପ୍ରଥିତଯଶା ନାଟ୍ୟକାର ହେମେନ୍ଦ୍ର ମହାପାତ୍ରଙ୍କ ସାମଗ୍ରିକ ନାଟ୍ୟକୃତି ଉପରେ ଆଧାରିତ। ସେ ନିଜ ଭାଷା ଓ ଭାବନାରେ ନିଜ ନାଟକର ସମୀକ୍ଷାମୂଳକ ଆଲୋଚନା ଏହି ସ୍ତମ୍ଭରେ ଲେଖିବେ, ଯେଉଁଥିରେ କେଉଁ ପରିପ୍ରେକ୍ଷୀରେ ତଥା କେଉଁ ସମସ୍ୟାର ଉତ୍ପୀଡ଼ନରେ ସେ ଏଭଳି ଏକ ନାଟକ ସୃଷ୍ଟିକଲେ ଏବଂ ତାହା ଦର୍ଶକ ମହଲରେ କି ପ୍ରଭାବ ପକାଇଲା ତାର ଏକ ସଂକ୍ଷିପ୍ତ ବିବରଣୀ ଧ୍ୱନି ପ୍ରତିଧ୍ୱନିର ରବିବାର ସୁଚୟନ ପୃଷ୍ଠାରେ, ଜିଜ୍ଞାସୁ ପାଠକମାନଙ୍କ ପାଇଁ...


■ ହେମେନ୍ଦ୍ର ମହାପାତ୍ର

ସଂପାଦକ: ରଂଗମଞ୍ଚ, ସୁନହଟ
ବାଲେଶ୍ୱର-୨
(ମୋ) ୯୮୬୧୩୫୦୯୫୧


### ॥ ଯୁଗ ଚରିତ ବୃତ୍ତାନ୍ତର ଚରିତ୍ରମାନେ ॥

(ପୂର୍ବ ପ୍ରକାଶିତ ଉତ୍ତାରୁ)

ଯୁଗ ଚରିତ ବୃତ୍ତାନ୍ତରେ ସନ୍ନିବେଶିତ ଚରିତ୍ରମାନେ ସଂପୂର୍ଣ୍ଣ କାଳ୍ପନିକ । ମୁଖ୍ୟଚରିତ୍ରମାନେ ପୁରାଣରୁ ଆସିଥିବାବେଳେ ସେମାନଙ୍କର ଛାୟାଚରିତ୍ରମାନେ ସାଂପ୍ରତିକ ସମାଜରୁ ସଂଗୃହୀତ ସମଗ୍ର କାହାଣୀର ଅବତାରଣା କରନ୍ତି ପାରମ୍ପରିକ ରୀତିରେ ସୂତ୍ରଧର।

**ସୂତ୍ରଧର:** ସମୁଦାୟ କାହାଣୀଟି ଯେହେତୁ ଭିନ୍ନ ଭିନ୍ନ ଘଟଣା ବହୁଳ ତେଣୁ ସେଗୁଡ଼ିକୁ ଗୋଟିଏ ସୂତ୍ରରେ ଗୁନ୍ଥି ଦର୍ଶକ ସମକ୍ଷରେ ପରିବେଷଣ କରିବାର ଦାୟିତ୍ୱ ଏ ଚରିତ୍ର ଉପରେ ନ୍ୟସ୍ତ ହୋଇଥାଏ । ସେମାନେ ଦର୍ଶକଙ୍କୁ ଆକୃଷ୍ଟ କରିବା ନିମନ୍ତେ କେବଳ ଗୀତ ଦ୍ୱାରା ଦାୟିତ୍ୱ ସଂପାଦନ କରିଥାନ୍ତି । ଏ ଚରିତ୍ର ନିମନ୍ତେ ମଂଚରେ ଏକ ନିର୍ଦ୍ଦିଷ୍ଟ ସ୍ଥାନ ଅବଶ୍ୟ ସଂରକ୍ଷିତ । ପ୍ରାଚୀନ ପରମ୍ପରାକୁ ସମ୍ମାନ ଦେଇ ଏ ଚରିତ୍ରର ଅବତାରଣା କରାଯାଇଥିବାରୁ ଏମାନଙ୍କର ଭାଷାଭୂଷାରେ ପୁରାତନୀର ଗୁରୁତ୍ୱ ଯଥେଷ୍ଟ ଅଧିକ । ଯଦିଓ ପ୍ରଥମ ମଂଚନ କାଳରେ ନିର୍ଦ୍ଦେଶକଙ୍କ ଦୃଷ୍ଟିକୋଣରୁ ଏ ଚରିତ୍ରକୁ ଦୁଇଜଣ କଳାକାରଙ୍କ ଦ୍ୱାରା ଦାସକାଠିଆ ମାଧ୍ୟମରେ ଉପସ୍ଥାପନ କରାଯାଇଛି । ତଥାପି ନିର୍ଦ୍ଦେଶକ ଇଚ୍ଛାକଲେ ଏହାକୁ ଜଣକ ଦ୍ୱାରା ବା ଅଧିକ କଳାକାରଙ୍କ ଦ୍ୱାରା ଭିନ୍ନଭିନ୍ନ ଶୈଳୀରେ ଉପସ୍ଥାପନ କରିପାରନ୍ତି ।

**ଯୁଧିଷ୍ଠିର:** ଯଦିଓ ଏ ଚରିତ୍ରଟି ଚିରପରିଚିତ ପୌରାଣିକ ଚରିତ୍ର ତଥାପି ଯେହେତୁ ଏହା ମହାଭାରତ ଯୁଦ୍ଧର ପରବର୍ତ୍ତୀ ସମୟର କଥା ଏପରିକି ଶ୍ରୀକୃଷ୍ଣଙ୍କ ସ୍ୱର୍ଗାଗମନ ପରର ଘଟଣା ତେଣୁ ଏ ଚରିତ୍ର ସାମାନ୍ୟ ଭିନ୍ନତା ପ୍ରଦର୍ଶନ କରିଥାଏ । ସାଂସାରିକ ବିତୃଷ୍ଣାଗ୍ରସ୍ତ ଯୁଧିଷ୍ଠିର ଏକ ନିର୍ମମ ଜାଗତିକ ସତ୍ୟପଥର ଯାତ୍ରୀ ଭାବର ପ୍ରତୀକ ଓ ପରବର୍ତ୍ତୀ କାଳରେ ଜଣେ ବିପ୍ଳବୀବୀର ଓ ସାଂପ୍ରତିକ ଅସତ୍ୟ ଅଧର୍ମ ଭ୍ରଷ୍ଟାଚାର ଆଦିର ଚକ୍ରବ୍ୟୂହର ଅଭିମନ୍ୟୁ ସମକକ୍ଷ ଚରିତ୍ରଟିଏ ।

**ଯୁଧିଷ୍ଠିର ଗାନ୍ଧୀ:** ଏ ଚରିତ୍ରଟି ରାଶିରାଶି ଶଠତାର ଅନେକ ଆବରଣର ଦ୍ୱାରା ଆବୃତ୍ତ । ପରୀକ୍ଷିତ ଠାରୁ ଆରମ୍ଭ କରି ଏଯାବତ କ୍ଷମତାସୀନ ହୋଇଥିବା ଯାବତୀୟ ଚରିତ୍ରର ଏକ ପ୍ରତିନିଧି ଶ୍ରେଣୀୟ ଚରିତ୍ରର ନାମ ଯୁଧିଷ୍ଠିର ଗାନ୍ଧୀ, କେତେବେଳେ ଯୁଧିଷ୍ଠିର ନାମ କେତେବେଳେ ଗାନ୍ଧୀ ପଦବୀ ପୁଣି ଆଉ କେତେବେଳେ ନିର୍ମଳ ପୋଷାକ ଧରି ନିଜର କୁତ୍ସିତ ଅଭିଳାଷ ପୂରଣ କରିବାରେ ତତ୍ପର ଦୁର୍ଯ୍ୟୋଧନର ଆତ୍ମାର ବାହ୍ୟ ରୂପର କପଟ ଚରିତ୍ର ମାତ୍ର ।

**ଭୀମ:** ସଂପୂର୍ଣ୍ଣ ପୌରାଣିକ ମହାଭାରତୀୟ ଚରିତ୍ରଟିଏ । କିନ୍ତୁ ସମୟର କପଟ ଚକ୍ରରେ ଗାରିମାହୀନ । ସ୍ୱର୍ଗଯାତ୍ରାରେ ପଥଚ୍ୟୁତ ଜନିତ ଅସଫଳତାରେ ଗ୍ଲାନିଯୁକ୍ତ ତଥା ମର୍ମାହତ ଓ ଅନୁତପ୍ତ ତଥାପି ଆଶାବାଦୀ ।

**ଭୀମସେନ ବଳିୟାରସିଂ:** ଏହି ଚରିତ୍ରଟି ପାରମ୍ପରିକ ଭୀମର ବିପରୀତ । ଭୀମ ନାମ ଓ କ୍ଷୀଣଶରୀର କେବଳ ହାସ୍ୟ ରସର ମୁଖ୍ୟ ଚରିତ୍ର ଭାବରେ ଏହି ଚରିତ୍ରର ଗୁରୁତ୍ୱକୁ ଉପଲବ୍ଧି କରାଯାଇଥାଏ । ପଙ୍ଗୁଶାସନ ବ୍ୟବସ୍ଥା ପ୍ରତି ଏ ଚରିତ୍ର ବିଦ୍ରୂପର ପ୍ରତୀକମାତ୍ର । ଜଣେ ଭ୍ରଷ୍ଟାଚାରୀ ଆରକ୍ଷୀର ପ୍ରତିନିଧି ବିଭିନ୍ନ ଏପିସୋଡରେ ଭିନ୍ନ ଭିନ୍ନ ଭୂମିକାରେ ମଧ୍ୟ ଏ ଚରିତ୍ର ଏକ ଏକ ବିଶେଷ ଭୂମିକା ନିର୍ବାହ କରିଥାଏ ।

**ଅର୍ଜୁନ:** ସେହି ପୌରାଣିକ ମଧ୍ୟମ ପାଣ୍ଡବ ଅର୍ଜୁନ, ମଧ୍ୟମ ପାଣ୍ଡବ ଅର୍ଜୁନ ଅଗ୍ରଜଙ୍କ ଆଜ୍ଞାବହ କିନ୍ତୁ କୃଷ୍ଣହୀନ ସମୟ ଚକ୍ରାଘାତରେ ପରାସ୍ତ ମର୍ମାହତ ତଥାପି ତ ଅର୍ଜୁନ ।

**ଅର୍ଜୁନ ଦାସ ମହାପାତ୍ର:** ଅର୍ଜୁନ ନାମର ଦୁରୁପଯୋଗ କରି ଜଣେ କାପୁରୁଷ ସେନାଧ୍ୟକ୍ଷ ଏକ ଉଚ୍ଛୃଙ୍ଖଳ ଚରିତ୍ରର ପ୍ରତୀକମାତ୍ର ।

**ନକୁଳ:** ଏ ଚରିତ୍ର ମଧ୍ୟ ସେହି ନିଷ୍କଳଂକ ମହାଭାରତୀୟ ଚରିତ୍ରଟିଏ, ଯାହା ଅଗ୍ରଜଙ୍କୁ ଅନୁସରଣ ଯାହାର ଏକାନ୍ତ କାମ୍ୟ ।

**ନକୁଳ କିଶୋର ରଥଶର୍ମା:** ସାଂପ୍ରତିକ ସମୟର ଜଣେ ସାମ୍ବାଦିକ ଅବଶ୍ୟ ସୁବିଧାବାଦୀ ଚରିତ୍ରଟିଏ । ଭୀମସେନ ବଳୀୟାରସିଂ ସହ ମିଶି କେତେ କେତେ ଭ୍ରଷ୍ଟାଚାରର ଅଂଶୀଦାର ହେଲେ ମଧ୍ୟ ବିପ୍ଳବର ସନ୍ଦେଶଦାତା ଭାବରେ ଚିତ୍ରିତ । ବିଭିନ୍ନ ଏପିସୋଡରେ ମହାଜନ ସରପଞ୍ଚ ଭୂମିକାରେ ମଧ୍ୟ ଅବତୀର୍ଣ୍ଣ ହେବାକୁ ପଡ଼ିଥାଏ ।

**ସହଦେବ:** ଯଦିଓ ମହାଭାରତରେ ଏ ଚରିତ୍ରଟି ଅନୁଜତମ ଭୂମିକାରେ ଥାଇ କେବଳ ଆଜ୍ଞାବହ ଭାବରେ ଚିତ୍ରିତ ହୋଇଥାଏ । ସହଦେବ ନାଟକର ମୋଡ଼ ବଦଳାଇବାରେ ତଥା ସମୟକୁ ଏକ କାଳଫାସରୁ ମୁକ୍ତ କରି ଇତିହାସ ସୃଷ୍ଟି କରିବା ସଂଗେ ସଂଗେ ଆଗାମୀ ସମୟର ଚରିତ୍ର ଚିତ୍ରଣ କରି ଯୁଧିଷ୍ଠିରଙ୍କୁ ପଥ ପ୍ରଦର୍ଶନ କରାଇବାରେ ମୁଖ୍ୟ ଭୂମିକା ଗ୍ରହଣ କରିଥାଏ ।

**ସହଦେବ ସାମନ୍ତରାୟ:** ବ୍ୟୁରୋକ୍ରାସିର ପ୍ରତୀକ ଭାବରେ ସ୍ୱାର୍ଥ ସମ୍ବଳିତ ପରାମର୍ଶଦାତା ଭାବରେ ଶାସନ ମୁଖ୍ୟଙ୍କୁ ପ୍ରଭାବିତ କରିଥିବା ଚରିତ୍ରଟିଏ ।

**ଦ୍ରୌପଦୀ:** ସତୀ ଶିରୋମଣୀ ପତି ଅନୁଗାମିନୀ ସ୍ୱର୍ଗପଥରେ ପତିପ୍ରୀତିରୁ ବଂଚିତା ମାତ୍ର ପାଣ୍ଡବ ବ୍ୟର୍ଥତାର କାରଣ ଭାବରେ ଚିତ୍ରିତା ।

**ଦ୍ରୌପଦୀ ଗାନ୍ଧୀ(ନାରୀ):** ସାଂପ୍ରତିକ ସମୟର ନାରୀ ଚରିତ୍ରର ପ୍ରତିନିଧିତ୍ୱ ଦାବୀ କରୁଥିବା ଚରିତ୍ରଟିଏ ଶୃଙ୍ଖଳା ବିଶୃଙ୍ଖଳା ସତୀଅସତୀ ଶୋଷିକା ଶୋଷିତା ଆଦି ମିଶାମିଶି ମୁଖ୍ୟତଃ ଉଚ୍ଛୃଙ୍ଖଳତାର ବାର୍ତ୍ତାବହ । ଛଳନାର ପ୍ରତିବିମ୍ବ ଭାବରେ ବିଦ୍ୟମାନା ଚରିତ୍ରଟି ନିଜର ସୌନ୍ଦର୍ଯ୍ୟକୁ ଅସ୍ତ୍ର ଭାବରେ ବ୍ୟବହାର କରି ମାନବ ସମାଜକୁ ପଥଚ୍ୟୁତ କରାଇବାର ମୁଖ୍ୟ ଭୂମିକାରେ ଅବତୀର୍ଣ୍ଣ ।

**ବ୍ରାହ୍ମଣ:** ଏ ଚରିତ୍ରଟି ନାଟକର ପ୍ରାଣ ପ୍ରତିଷ୍ଠାରେ ଅନ୍ୟତମ ଭୂମିକା ଗ୍ରହଣ କରିଥାଏ । ପୁରାଣରୁ ଇତିହାସ ଦେଇ ସାଂପ୍ରତିକ କାଳରେ ପାଦ ଥାପିଥିବା ଏ ଚରିତ୍ର ପ୍ରଜାସମାଜର ପ୍ରତିନିଧିତ୍ୱ କରିଥାଏ । ତଥାପି ଏହା ଏକ ନିର୍ଭରଶୀଳ ଚରିତ୍ର ।

**କୃଷକ:** ଏହା ମଧ୍ୟ ବ୍ରାହ୍ମଣର ଅନୁରୂପ ଚରିତ୍ରଟିଏ, ଏ ଉଭୟ ଚରିତ୍ରରେ ସଂଳାପ ଗୀତି ଧର୍ମୀ ହୋଇଥିବାରୁ ଏହାର ଗୁରୁତ୍ୱ ସ୍ୱତନ୍ତ୍ର ଭାବରେ ଉପଲବ୍ଧ କରାଯାଇଥାଏ । ଏ ଚରିତ୍ର ମାଧ୍ୟମରେ ସମୟ ବଦଳେ, କଳି ଆସେ, କଳି ଯାଏ, ନୂତନ ଯୁଗର ସୂର୍ଯ୍ୟୋଦୟ ହୁଏ । ତେଣୁ ଏ ଚରିତ୍ର ଦୁଇଟି ପ୍ରଜାଚରିତ୍ରର ପ୍ରତିନିଧିତ୍ୱ କରି ରାଜ୍ୟ ଶାସନରେ ପ୍ରଜାତନ୍ତ୍ରର ଗୁରୁତ୍ୱ ପ୍ରତିପାଦନ କରିଥାଏ । (କ୍ରମଶଃ)

## ଧାରାବାହିକ ଉପନ୍ୟାସ

# ମାଟିର ପ୍ରହରୀମାନେ

ଭାଗ-୧୨


ପୁଷ୍ପାଞ୍ଜଳି ନାୟକ

♥ ଜେଲରୋଡ, ବାଲେଶ୍ୱର-୧
(ମୋ) ୯୨୩୭୯୫୯୯୭୩




ଏ ଉପନ୍ୟାସର ରଚନାକାଳ ପ୍ରାୟ ୧୫/୧୬ ବର୍ଷ ତଳେ ଯେତେବେଳେ ବାଲିଆପାଳରେ ଘାଟୀ-ବିରୋଧି ଆନ୍ଦୋଳନ ତୀବ୍ର ରୂପ ଧାରଣ କରିଥିଲା । କିନ୍ତୁ ଦୁର୍ଭାଗ୍ୟକ୍ରମେ ଏ ଉପନ୍ୟାସଟି ପ୍ରକାଶିତ ହେବା ବହୁତ ଡେରି ହୋଇଗଲା । ତେବେ ଏ ସୌଭାଗ୍ୟର କଥା ଯେ ଯାହା ମୁଁ ଉପନ୍ୟାସରେ ଉଚ୍ଚାରଣ କରିଥିଲି, ତା ସତ ହୋଇଗଲା । ମା ପାଖରେ ପୁଅ ହାର ମାନିବା ଭଳି ମାଟି ପାଖରେ ଘାଟୀ ହାର ମାନିଲା । ଏ ଉପନ୍ୟାସ ଘାଟୀ ଆନ୍ଦୋଳନର ସଂପୂର୍ଣ୍ଣ ବିବରଣୀ ନୁହେଁକିମ୍ବା ସମ୍ପୂର୍ଣ୍ଣ ତଥ୍ୟାଶ୍ରୟୀ ନୁହେଁ । ଅନେକ କ୍ଷେତ୍ରରେ ମୁଁ କଳ୍ପନାର ଆଶ୍ରୟ ନେଇଛି । ଯେଉଁମାନେ ଦୀର୍ଘ ଚାରିବର୍ଷ ଧରି ମାଟିକୁ ଅତନ୍ଦ୍ର ପହରା ଦେଇ ଇତିହାସର ଗତିକୁ ବଦଳାଇଦେଲେ, ସେଇ ବାଲିଆପାଳବାସୀଙ୍କୁ ଏ ଉପନ୍ୟାସ ଅର୍ପଣ କରୁଛି ।

-ଲେଖିକା

(ପୂର୍ବ ପ୍ରକାଶିତ ଉତ୍ତାରୁ..)

ଦୁଇଦୁଇଟା ଦିନ ଉମା ଗୁହାଳ ପୋଛି ନାହିଁ, ଘଷି ପାରି ନାହିଁ । ଛୁଞ୍ଚ ଦେଇ ନାହିଁ, ଘରର ଯାବତୀୟ ବାସୀକାମ କରି ନାହିଁ । ଘରେ ଗୋଟାଏ କାମଚୁଣୀ ଅଛି ଅବଶ୍ୟ, ସେ ନାଆଁକୁ, ଘରର ସବୁ ଚାପଟ ଉମା ଉପରେ ହିଁ ଯାଏ ।

ଉମା ପ୍ରତିବାଦ କରିପରେନା । ବାପ ଘରେ ବିଧବା ଝିଅର ତ ସେଇଆ ଭାଗ୍ୟ।

ଅଥଚ ଭାଗ୍ୟ ସବୁଦିନେ ଏମିତି ନଥିଲା ।

ଗଡ଼ମୁକୁନ୍ଦପୁର ଗାଁର ଚୌଧୁରୀଘରେ ତା'ର ବାହାଘର ହୋଇଥିଲା । ବାଟି ବାଟି ଜମି । ଗଣ୍ଡା ଗଣ୍ଡା ବରଜ । ଶହ ଶହ ନଡିଆଗଛ । ବରଟି ଶିକ୍ଷିତ, ସୁନ୍ଦର । ପ୍ରାଇମେରି ସ୍କୁଲଶିକ୍ଷକ । ସେ ବୟସରେ ବାହାଘର, ସ୍ୱାମୀ ଏସବୁ ଶବ୍ଦ ଠିକ୍ ଭାବରେ ବୁଝି ନଥିଲେ ମଧ୍ୟ ଉମା ଶାଶୁଘରେ ସେଇ ଅଳ୍ପ କେଇଦିନର ରହଣି ମଧ୍ୟରେ ସେଇ ସୁନ୍ଦର, ସୁଠାମ ସ୍ୱାମୀଟି ପାଇଁ କିଛିଟା ଆକର୍ଷଣ ଅନୁଭବ କରିନଥିଲା, ତା ନୁହେଁ । ଶଶୁଘରେ ଭରା ଅମାର, ବିରାଟ ବାରି, ବିଲ ଦେଖି ବାପା ମା, ସାଇପଡ଼ିଶାଙ୍କ କଥା ଶୁଣୁ ଶୁଣୁ ସେ ମଧ ବିଶ୍ୱାସ କରିଥିଲା, ତା ଠାରୁ ଭାଗ୍ୟବତୀ କେହି ନାହିଁ ।

ଭାଗ୍ୟ ଅଲକ୍ଷ୍ୟରେ ହସୁଥିଲା ।

ତେରବର୍ଷ ବୟସ ଛୁଇଁବା ଆଗରୁ ଉମାର ମଥାରୁ ସିନ୍ଦୂର ଲିଭିଗଲା । ସାରାଜୀବନ ଲାଗି ସାଥି ହେବ ବୋଲି ଅଗ୍ନି, ଦଶଦିଗପାଳଙ୍କ ଆଗରେ ପ୍ରତିଜ୍ଞା କରିଥିବା ମଣିଷଟି ପ୍ରତିଜ୍ଞା ଭୁଲି ଉମାକୁ ଏକୁଟିଆ କରି ଚାଲିଗଲା ।

ଶ୍ରାଦ୍ଧଶାନ୍ତି ପରେ ଶାଶୁଘରୁ ତାକୁ ନେବାପାଇଁ ଲୋକ ଆସିଥିଲେ । ଅନ୍ୟଘର ଭଳି ସେମାନେ ଉମା ଉପରେ ପୁତ୍ରର ଅକାଳ ମୃତ୍ୟୁର ବୋଝ ଚାପିଦେଇନଥିଲେ । ବରଂ ତା ଶ୍ୱଶୁର ଉମାକୁ ପାଖରେ ରଖି ମୃତ ପୁତ୍ରର ସମ୍ପତ୍ତି ତା ନାମରେ ଦେଇଯିବା ପାଇଁ ମନସ୍ଥ କରିଥିଲେ ।

ବାପା ରାଜିହେଲେ ନାହିଁ ।

କହିଲେ, ନଅଟା ନୁହେଁ କି ଛଅଟା ନୁହେଁ । ଗୋଟାଏ ବୋଲି ଝିଅ । ଶାଶୁଘରେ ଆଜି ନ ହେଲେ କାଲି ସେ ଦିଅର, ନଣନ୍ଦଙ୍କ ଦ୍ୱାରା କଷ୍ଟ ପାଇବ । ସେ ଏଇଠି ମୋ ପାଖରେ ରହିବ । ମରିବା ଆଗରୁ ତା ନାମରେ ସମ୍ପତ୍ତି ଲେଖିଦେଇଯିବି ।

ହେଲେ ବାପାଙ୍କର ହିସାବରେ ଅଙ୍କ ମିଳିଲା ନାହିଁ । ସାନ୍ତରାପୁର ହାଟରୁ ଫେରିବାବେଳେ ଅଚାନକ ସାପ କାମୁଡ଼ାରେ ତାଙ୍କୁ ଚାଲିଯିବାକୁ ପଡ଼ିଲା ।

ଘରକୁ ଆସିଲେ ଦୁଇଭାଉଜ ।

ଭାଉଜ ଦୁହେଁ ଆସିବାପରେ ଉମା ବୁଝିପାରିଥିଲା, ବାପା କେଡ଼େ ଭୁଲ କରିଛନ୍ତି, ଖାଲି ଭୁଲ ନୁହେଁ, ତା ଜୀବନକୁ ନେଇ ଖେଳିଛନ୍ତି । ଅଳ୍ପ ବୟସରୁ ବାହା ଦେଇ ପାଠ ନ ପଢ଼ାଇ ପୁଣି ସାରାଜୀବନ ଭାଇମାନଙ୍କ ଗଳାରେ ବାନ୍ଧିଦେଇଯାଇଛନ୍ତି । ସେଇଦିନୁ ଦୁଃଖର ଖୁଣ୍ଟରେ ବନ୍ଧା ହୋଇରହିଛି ଉମା ।

ତଥାପି ତାର ଦମ୍ଭ ଥିଲା । ଭାଉଜମାନେ ଦେଖାଇ ଶିଖାଇ କିଛି କହିଲେ ବଡ଼ପାଟିରେ କଜିଆ କରିପାରୁଥିଲା । କେବେ କେମିତି ଭାଇମାନଙ୍କ ଆଗରେ ଭାଉଜମାନଙ୍କ ବିରୁଦ୍ଧରେ ଅଭିଯୋଗ ବି କରୁଥିଲା । ଗାଆଁରେ ଯାନିଯାତରେ କି ପୁନେଇ ପରବରେ ସାଇଝିଅଙ୍କ ସାଙ୍ଗରେ ବୁଲିଯାଉଥିଲା । ଚଟେଇବୁଣା, ଆସନବୁଣା ଶିଖୁଥିଲା ସାଙ୍ଗ ସାଥିଙ୍କ ମେଳରେ ।

ହେଲେ ସେଇ ଯେ ପୋଡ଼ାମୁହିଁ କଲିକତାରୁ ଫେରିଥିଲା, ସେଇଠୁ ସେ ମାଟିରେ ମିଶିଗଲା । ମାଟି ଭଳି ନିସ୍ପନ୍ଦ, ପ୍ରାଣହୀନ ହୋଇଗଲା । ଆଉ ମୁହଁଟେକି, ମୁଣ୍ଡ ଟେକି ଚାଲିପାରିଲା ନାହିଁ ।

ସବୁ ଦମ୍ଭ, ସବୁ ଜୋର ସେଇ କଲିକତାର କେଉଁ ଅପରିଷ୍କାର ଡାକ୍ତରଖାନାରେ ହରାଇ ଆସିଥିଲା ସେ । ଫେରିବାବେଳକୁ ତାର ଶୂନ୍ୟ ଗର୍ଭ ଭଳି ତାର ମନ ବି ଥିଲା ରିକ୍ତ, ଶୂନ୍ୟ, ଅସହାୟ ।

ଭାଇ ଲମ୍ବ ଲମ୍ବ ପାଦ ପକାଇ ଚାଲୁଥିଲେ । ଆଉ ତାଙ୍କଠୁଁ ଅନେକ ପଛରେ ଉମା ଚାଲୁଥିଲା, ଭିକାରୁଣୀ ଭଳି କାକୁସ୍ଥ ଭଙ୍ଗୀରେ, ଗୋଟିଏ ଗୋଟିଏ ପାଦ ପକାଇ ।

ଘର ଛୁଉଁ ଛୁଁ ଭାଉଜ ବିଦ୍ରୁପର ହସ ହସିଥିଲେ ।

ଉମା ସହିପାରିଥିଲା ।

ସେଇଦିନଠାରୁ ବିନା ବାକ୍ୟବ୍ୟୟରେ ଏ ଘରର ସବୁ କାମ ସେ କରିଆସିଛି । ସେଇ ଉଣେଇସ ବର୍ଷ ବୟସରୁ ଆଜି ଅଣଚାଳିଶ ବର୍ଷ ବୟସ ପର୍ଯ୍ୟନ୍ତ । ଭାଉଜମାନେ ବୁଢ଼ୀ ହେଲେଣି । ଏବେ ଆଗଭଳି ଖଟଖଟ ହୁଅନ୍ତି ନାହିଁ । କାରଣ ବଡ଼ଭାଇର ପୁଅ ଏବେ ବୋହୂ ଆଣିଲାଣି । ବୋହୂଟି ବେଶ୍ ମୁହଁବାଲୀ । ପଦେ ପଦେ କହିବାକୁ ଆରମ୍ଭ କଲାଣି ।

ସେ ବାଲେଶ୍ୱର ଯାଇଥିଲା କାହିଁକି ?

କେହି ବୁଝିବେ ନାହିଁ, କେହି ଜାଣିବେ ନାହିଁ ।

ସେ ତ ବାପଘରେ ଝିଅ । ସେ ଯାଇଥିଲା କାହିଁକି ?

ସାଙ୍ଗସାଥି ବି ପଚାରିଥିଲେ ।

ଉମା କଅଣ ଉତ୍ତର ଦେଇଥାନ୍ତା ? କହିଥାନ୍ତା, ରବିଭାଇଙ୍କୁ ହରାଇ ସେ ଯେଉଁ କଷ୍ଟ ପାଇଛି, ତା ଗାଁଲୋକ ସେ କଷ୍ଟ ନ ପାଆନ୍ତୁ, ସେଥିଲାଗି ସେ ଯାଇଥିଲା ?

କୋଡ଼ିଏ ବର୍ଷ ହୋଇଗଲାଣି, ଅଥଚ ସେ ଘା ଏବେବି ଶୁଖିନି । ବିଶ୍ୱାସ ଭାଙ୍ଗିଯିବାର ସେ କି କଷ୍ଟ ? ଉମା ତ ଭାଙ୍ଗି ଚୂରମାର ହିଁ ହୋଇ ଯାଇଥିଲା । ଯେଉଁଦିନ ମା ହେବାକୁ ଯାଉଥିବା ଉମାକୁ ଗାଁ ଦାଣ୍ଡରେ ଛିଡ଼ାକରି ରବିଭାଇ ବାଣରୋଷଣୀ କରି ପାଟପୁର ଚୌଧୁରୀଘରେ ବାହା ହୋଇଗଲେ, ମୂଳ ଛିଡ଼ିଯାଇଥିବା ଫୁଲଗଛଟି ଭଳି ଉମା ମରି ହିଁ ଯାଇଥିଲା ସେଦିନ ।

ସେଇସବୁ ଦିନ କଥା ଉମା ଏବେବି ଭୁଲି ନାହିଁ ।

ରବିଭାଇଙ୍କୁ ଆଶ୍ରା କରି ତା ଜୀବନର ଲତା ଅଙ୍କେଇ ବଙ୍କେଇ କେତେ ଉପରକୁ ଉଠିଥିଲା, କେତେ ସ୍ୱପ୍ନ ଖୁନ୍ଦିହୋଇଯାଇଥିଲା, ରବିଭାଇଙ୍କର ଆକସ୍ମିକ ପରିବର୍ତ୍ତନରେ ସେ ମାଟିରେ ହିଁ ମିଶିଯାଇଥିଲା ।

ଏତେବର୍ଷର ଏତେ ସ୍ନେହ, ମମତା, ଏତେ ଦେଖା ସାକ୍ଷାତ ସବୁ ମିଛ ? ଏତେ ମିଠା କଥା, ଏତେ ପ୍ରତିଶ୍ରୁତି ?

ପୋଡ଼ାପ୍ରାଣ ଯାଇନଥିଲା ।

ବିଷ ଖାଇବ ଖାଇବ ହୋଇ ସେ ଖାଇପାରିନଥିଲା ।

ରବିଭାଇଙ୍କର ପୁଅଝିଅ ବଡ଼ ହେଲେଣି । ପାଠ ପଢ଼ିଲେଣି । ଉମା କିନ୍ତୁ ଏବେବି ସେଇ ଦୁଇବର୍ଷର ସ୍ମୃତିକୁ ଭୁଲିପାରି ନାହିଁ ।

ଭାଇ ଭାଉଜଙ୍କ କାନରେ ଯେ କିଛି ପଡ଼ିନଥିଲା, ତା ନୁହେଁ । ହେଲେ ଉମାକୁ ପଚାରି ପଚାରି ସେମାନେ ଉତ୍ତର ପାଇନଥିଲେ । ଉମା ପାଟିରୁ ଧାଡ଼ିଟିଏ ଶବ୍ଦ ମଧ୍ୟ ସେମାନେ କାଢ଼ିପାରିନଥିଲେ ।

ସେଇ ଯେ ଚୁପ୍ ହୋଇ ଯାଇଥିଲା ଉମା, ଆଉ ମୁହଁ ଖୋଲିନାହିଁ । କ୍ରୋଧ କିମ୍ବା ଘୃଣା ନୁହେଁ, ପ୍ରଚଣ୍ଡ ଅଭିମାନରେ ସେ ଧୀରେ ଧୀରେ ପଥର ଭଳି ନିଥର ଆଉ ନିଷ୍ପନ୍ଦ ହୋଇଯାଇଥିଲା ।

ଅନେକ ଅନେକ ବର୍ଷ ପରେ ଆଜି ଉମା ଆଖିରୁ ସନ୍ତର୍ପଣରେ ଦୁଇଧାର ଲୁହ ଗଡ଼ିଆସିଲା ।

ରବିଭାଇଙ୍କୁ ହରାଇ ଉମା ଜାଣିଥିଲା, ତା ପାଦତଳୁ ମାଟି ଖସିଯାଇଛି । ସେ ଶୂନ୍ୟରେ ଝୁଲୁଛି । ସ୍ନେହହୀନ, ବିଶ୍ୱାସହୀନ ଏକ ପୃଥିବୀରେ, ଆଶ୍ରୟହୀନ ଭାବରେ ।

ଆଜି କଣ୍ଟେଇପୁର ଗାଆଁର ବାସିନ୍ଦାଙ୍କ ପାଦତଳୁ ସତସତିକା ମାଟି ଚାଲିଯାଉଛି ।

ଉମା କଷ୍ଟ ଜାଣେ ।

ସେଇଥିଲାଗି ତ ସେ ପାର୍ଟିବିରୋଧୀ କମିଟିରେ ନାମ ଲେଖାଇଛି । ଜୀବନର ଶେଷ ନିଃଶ୍ୱାସ ଥିବାଯାକେ ସେ ଲଢ଼ିବ ।

ତା ପାଦତଳେ ମାଟି ନାହିଁ, ଗାଆଁଲୋକଙ୍କ ଜୀବନରେ ସେଇ ଅଭିଶାପ ସେ ରୋଧିବାକୁ ନିଜେ ବରଂ ମାଟି ହୋଇଯିବ ।

॥ ପନ୍ଦର ॥

ନଟବର ପ୍ରଧାନ ଘରେ ପହଞ୍ଚିବାବେଳକୁ ମୁହଁସଞ୍ଜ ।

ଗାଆଁ ଦାଣ୍ଡରେ ଗୋରୁ ଗାଇ ଧୂଳି ଉଡ଼ାଇ ଘରକୁ ଫେରୁଛନ୍ତି । ଗାଈଆଳ ଟୋକା ଗୀତ ଗାଇ ସେମାନଙ୍କୁ ଅଡ଼ାଇ ଚାଲିଛି । ଗାଆଁର ଅନେକ ଘରେ ସଞ୍ଜବତୀ ଲାଗିଲାଣି । ଶଙ୍ଖଧ୍ୱନି ଶୁଭୁଛି ।

କୃଷ୍ଣଚତୁର୍ଦ୍ଦଶୀର ତିଥି । ବାଉଁଶଗଛ ଆଉ କାଜୁବାଦାମ ଗଛ ନଇଁଆସିଛି ରାସ୍ତା ଉପରକୁ । କେମିତି ଅସ୍ପଷ୍ଟ ଅନ୍ଧକାର ଲାଗୁଛି ରାସ୍ତା । ସେଥିରେ ଖାଲଢ଼ିପରେ ରାସ୍ତା ଭର୍ତ୍ତି । ବାଉଁଶକଣ୍ଟା, ନାଗଫେଣୀ କଣ୍ଟାରେ ବାଡ଼ମୂଳ ଭର୍ତ୍ତି ଆଉ ଏ ଅନ୍ଧକାରରେ କେଉଁଠି ରାସ୍ତା, କେଉଁଠି ବାଡ଼ ଜାଣିହେଉ ନାହିଁ ।

ସେ ପକେଟରୁ ଟର୍ଚ୍ଚ କାଢି ଘର ଆଡ଼କୁ ମୁହାଁଉଥିଲେ ।

ସାମ୍ନାରୁ ଧଳାଲୁଗା ପିନ୍ଧି ପାଣିଗରା କାଖରେ ନେଇ କିଏ ଆସୁଛି ? ବଡ଼ ଶିଥିଳ ତା'ର ଗତି । କିଏ ?

ଓଃ, ଉମା ! ସେ ବାଟିଭାଙ୍ଗି ଛିଡ଼ା ହେଲେ ।

ଉମା ତଳକୁ ମୁହଁ ପୋତି ଚାଲିଗଲା ।

ଏଡିକି ଟିକିଏ ନାଆଁକୁ ଝିଅ ଥିଲା ସେ । ନହନହକା ବାଉଁଶକଣି ଭଳି ହାତଗୋଡ଼ । ମୁଣ୍ଡଯାକ ଉକୁଣୀଭର୍ତ୍ତି । ପିଲାଦିନେ କେତେ ଥଟ୍ଟା, ଟାପରା ନ କରୁଥାନ୍ତି ସେ ! ଅଥଚ ଝିଅଟି କେତେ ଶୀଘ୍ର ବଦଳିଗଲା ! ସେଦିନର ସେ କଳିହୁଡ଼ି, ନାକକାନ୍ଦୁରୀ ଉମାକୁ ଆଜିର ଏ ଚିତ୍ରପ୍ରତିମା ଭଳି ନିର୍ଜୀବ, ନିଥର ଉମା ବୋଲି ଭାବିହୁଏ ନାହିଁ ।

କିଏ ଜାଣିଥିଲା, ଝିଅଟାର ଭାଗ୍ୟରେ କୃଷ୍ଣଚତୁର୍ଦ୍ଦଶୀର ତିଥି ହଠାତ୍ ଏମିତି ଘନେଇ ଆସିବ ବୋଲି ।

ସେ ଆକାଶକୁ ଚାହିଁ ଆଗମୁହାଁ ଧସିଲେ ।

ତାଟି ଖୋଲି ବାଡ଼ ଭିତରକୁ ପଶିଲାବେଳକୁ ଘରଭିତରୁ ପାଟିତୁଣ୍ଡ ଶୁଭୁଛି । ବୋଧେ ଦୁଇ ବୋହୂ କଜିଆ ଲାଗିଛନ୍ତି ।

ସେ ଗଳା ଖଙ୍କାରି ଦେଲେ । ପାଟିତୁଣ୍ଡ ବନ୍ଦ ହୋଇଗଲା । ଦାଣ୍ଡପିଣ୍ଡାରୁ ବାପା ଡାକ ଛାଡ଼ିଲେ, ଆରେ ନଟ ଆଇଲାଣି । ଦିଅ, ଦିଅ, ତାକୁ ଖାଇବାକୁ ଦିଅ ।

ନଟବର ପ୍ରଧାନଙ୍କ ଓଠରେ ମୃଦୁ ହସର ଆଲେଖ୍ୟଟିଏ ଅଙ୍କିତ ହୋଇଗଲା । ବାପା ମାଲି ଗଡ଼ାନ୍ତି ଏତେବେଳେ । ଏଥର ତାଙ୍କୁ ଦେଖିଲାମାତ୍ରେ ଟିକେ ପାଟିକରି ଜଣାଇଦେବେ, ସେ ଆସିଗଲେ ବୋଲି । ଆଉ ଯେଉଁଦିନ ତାଙ୍କର ଫେରିବାକୁ ଡେରି ହୁଏ, ସେ ପୌଷମାସର ଜାଡ଼ରେ ବି ଏଇ ବାରଣ୍ଡାରେ ବସିରହନ୍ତି ।

ପୁରୁଣାକାଳିଆ ଢ଼ଙ୍ଗରେ ତିଆରି ଲମ୍ବା ବାରଣ୍ଡା । ଶହେ ଦୁଇଶହ ଲୋକ ଭୋଜନରେ ଏକାବେଳେ ବସିପାରିବେ । ତାଙ୍କ ଠାକୁବାଙ୍କ ଅମଳର ଘର । ଏବେବି ଭିତର ଖୁବ୍ ଦମ୍ଭିଲା ଅଛି । କୁଣ୍ଡ ପୋଖରୀ ଉତ୍ତରପାଖ ଗହୀରବିଲର ମାଟିରେ ତିଆରି ହୋଇଥିଲା କୁଆଡ଼େ । ଭାରି ଚିକିଟା, ବାରି ଟାଣ ମାଟି । ଆହୁରି ଦୁଇ ତିନି ପୁରୁଷ ଅମଳ ହୋଇଯିବ ।

ହେଲେ ଆଜି ହଠାତ୍ ତାଙ୍କର ଭୟ ଆସିଲା, ହୁଏତ ଏତେଦିନ ପାରିହେବ ନାହିଁ ।

ଘରର ମଝିଖୁଣ୍ଟ ଭଳି ବାପା ବସିଛନ୍ତି ।

କିନ୍ତୁ ତା'ପରେ ? (କ୍ରମଶଃ)

## ନିଶର ମୂଲ୍ୟ ଏକ ଲକ୍ଷ

ଇତିହାସ କାହାଣୀ


ସୁଧାଂଶୁ ଶେଖର ଦ୍ୱିବେଦୀ




ନିଶର ଗୋଟେ ଚୂଳର ଅନ୍ତିମ ସଂସ୍କାର, ତାହା ପୁଣି ଚାରିପଢି ପରେ, ଏକଥା ଶୁଣିବାକୁ ଆଶ୍ଚର୍ଯ୍ୟଜନକ ଲାଗିପରେ ପରନ୍ତୁ ଏହା ଏକ ଐତିହାସିକ ସତ୍ୟ ଘଟଣା। ରାଜପୁତମାନେ ନିଜର ମାନ-ମର୍ଯ୍ୟାଦା

ଶୌର୍ଯ୍ୟର ପରାକ୍ରମ ନିମନ୍ତେ ପ୍ରସିଦ୍ଧ ରାଜସ୍ଥାନର ଏହି ଘଟଣା ତତ୍କାଳୀନ ନାଗୌର ପ୍ରଗଣା ସ୍ଥିତ ହରସଲାବରେ ବଲ୍ଲୁ ଚମ୍ପାବତଙ୍କୁ ନେଇ ହୋଇଥିଲା।

ଆଗ୍ରା କିଲ୍ଲାରୁ ରାଓ ଅମର ସିଂହ ରାଠୋଡ଼ଙ୍କ ଶବକୁ ମୁଗଲ ବାଦଶାହା ସାହାଜାହାନଙ୍କ କବଳରୁ ଉଦ୍ଧାର କରିବା ନିମନ୍ତେ ବଲ୍ଲୁ ଚମ୍ପାବତ ନିଜ ନିଶର ଗୋଟେ ଚୂଳ ବନ୍ଧକ ରଖି ସେନା ଗଠିତ କରିଥିଲେ। ଏହି କାର୍ଯ୍ୟକୁ ସେ ଗୋଟିଏ ରାତି ମଧ୍ୟରେ ସମ୍ପନ୍ନ କରିଥିଲେ। ବଲ୍ଲୁ ଚମ୍ପାବତଙ୍କ ୫ମ ପିଢ଼ିର ବଂଶଙ୍କୁ ସାହୁକାରଙ୍କ ବଂଶଜ ବଲ୍ଲୁଙ୍କ ଲିଖିତ ଚିଠି ଏବଂ ନିଶର ଗୋଟେ ଚୂଳ ସମର୍ପି କରଜ ଚୁକ୍ତି କରିବାକୁ କହିଲେ। ବଲ୍ଲୁଙ୍କ ବଂଶଜ ବିଧିବଦ୍ଧ ଭାବେ ନିଶର ଚୂଳକୁ ଅନ୍ତିମ ସଂସ୍କାର କରି ପରମ୍ପରା ଅନୁସାରେ ଶୋକ ପାଳନ କରିଥିଲେ।

ଏହି ଐତିହାସିକ ପ୍ରସଙ୍ଗର ପ୍ରାରମ୍ଭ ୧୬୪୪ ମସିହା ଜୁଲାଇ ୨୬ ତାରିଖ ଆଗ୍ରା କିଲ୍ଲାରୁ ରାୟ ଅମର ସିଂହ ରାଠୋଡ଼ଙ୍କ ଶବ ଆଣିବା ପାଇଁ ରୋମାଞ୍ଚକର ଘଟଣା ଘଟିଥିଲା। ଜୁଲାଇ ୨୫ ତାରିଖରେ ଅମର ସିଂହ ରାଠୋଡ଼ଙ୍କୁ ସାହାଜାହାନଙ୍କ ଦରବାରରୁ ଫେରିବାର ଥାଏ। ମାତ୍ର ତାଙ୍କୁ ନିର୍ମମ ଭାବେ ହତ୍ୟା କରାଗଲା। ଏହି ହତ୍ୟା ଅମର ସିଂହଙ୍କ ଶଳା ଅର୍ଜୁନ ସିଂହ ଗୌଡ଼ କରିଥିଲା। ଅମର ସିଂହ ରାଜସ୍ଥାନର ବିକାନୀର ରାଜ୍ୟର ରାଜା ଥାଆନ୍ତି। ସେତେବେଳେ ସମସ୍ତ ହିନ୍ଦୁ ରାଜା ମୁଗଲ ଶାସନ ଅଧୀନରେ ରହି ଶାସନ କରୁଥିଲେ। ଅମର ସିଂହ ରାଠୋଡ଼ ସାହାଜାହାନଙ୍କର ସେନାପତି ଥାଆନ୍ତି ତଥା ଜାଗୀର ରୂପେ ମିଳିଥିବା ନାଗୌର କିଲ୍ଲାର ଶାସନ ଭାର ସମ୍ଭାଳୁ ଥାଆନ୍ତି। ଥରେ ସେ ୮ ଦିନ ଛୁଟିରେ ଯାଇ ୧୫ ଦିନ ପରେ ଆଗ୍ରା କିଲ୍ଲାକୁ ଫେରିଲେ। ଦରବାର ମଧ୍ୟରେ ସାହାଜାହାନଙ୍କ ଶଳା ସଲାବତ ଖାଁ କ୍ଷୁବ୍ଧ ହୋଇ ଅକଥନୀୟ ଭାଷା ପ୍ରୟୋଗ କରିବା ହେତୁ ନିଜ ତରବାରୀ ଦ୍ୱାରା ତା' ଗଣ୍ଡିରୁ ମୁଣ୍ଡକୁ ଅଲଗା କରିଦେଇଥିଲେ।

ଦରବାରରେ ଉପସ୍ଥିତ ସଭିଏଁ ସ୍ତବ୍ଧ। ଅମର ସିଂହ ଏତେ ଫୁର୍ତ୍ତିରେ ତରବାରୀର ଚୋଟ ମାରିଲେ ଯେ ସଲାବତ ଖାଁ ପାଟିରୁ କା-ବାହାରିଥାଏ, ପୂରା ଶବ୍ଦ 'କାଫେର' ବାହାରିବା ପୂର୍ବରୁ ତା' ମୁଣ୍ଡ କଟି ତଳେ ଗଡିଗଲା। ତାପରେ ୩୦୦ରୁ ଉର୍ଦ୍ଧ୍ୱ ମୁଗଲ ସୈନିକ ଏକା ସାଙ୍ଗରେ ଅମର ସିଂହଙ୍କ ଉପରେ ଡାହାଳ କୁକୁର ଭଳି ଝାମ୍ପି ପଡିଲେ। ରାଜପୁତ ବୀର ଅମର ସିଂହ ନିଜ ଶକ୍ତିର ଶୌର୍ଯ୍ୟ ପାଇଁ ବିଖ୍ୟାତ। ମାଂସ କୁଟେଇଲା ଭଳି ୩୦୦ ମୁଗଲ ସେନାଙ୍କୁ କିଛି ସମୟ ମଧ୍ୟରେ ହତ୍ୟା କରି କିଲ୍ଲାରୁ ପଳାଇ ଆସିଲେ। ପରେ ସାହାଜାହାନଙ୍କ ପରାମର୍ଶରେ ଅମର ସିଂହଙ୍କ ଶଳା ଅର୍ଜୁନ ସିଂହ ଗୌଡ଼ ତାଙ୍କୁ କିଲ୍ଲାକୁ ଡାକି ଆଣୁଥିବା ରାସ୍ତାରେ ଛଳନା କରି ମୁଣ୍ଡ କାଟିଦେଲା। ମୃତ୍ୟୁ ସମୟରେ ମଧ୍ୟ ଅମର ସିଂହ ନିଜ ଶଳା ପ୍ରତି ତରବାରୀରେ ପ୍ରହାର କଲେ। ବେଇମାନ ବଞ୍ଚିଗଲା ସିନା ହେଲେ ତରବାରୀ ଚୋଟରେ ତା' ନାକ କଟିଗଲା।

ହାଡି ରାଣୀଙ୍କୁ ସତୀ ହେବାପାଇଁ ପତିଙ୍କ ଶବ ଜରୁରୀ ଥାଏ। ପରନ୍ତୁ ଅମର ସିଂହଙ୍କ ଶବକୁ ବାଦଶାହା କିଲ୍ଲାର ବୁର୍ଜୁ ମଧ୍ୟରେ କଡା ପହରା ଦ୍ୱାରା ରଖିଥାନ୍ତି। ତାଙ୍କ ଶବକୁ ଆଣିବାରେ ସହଯୋଗୀ ବଲ୍ଲୁ ଚମ୍ପାବତ ନିଜ ନିଶର ଗୋଟେ ଚୂଳକୁ ସାହୁକାର ପାଖରେ ବନ୍ଧକ ରଖି ୫୦୦ ଆଶ୍ୱାରୋହୀ ସୈନିକ ଠିକ କଲେ। ଅମର ସିଂହଙ୍କ ଶବକୁ ଦର୍ଶନ କରିବା ବାହାନାରେ ଉଦୟପୁର ମହାରଣା ଜଗତ ସିଂହ ପଠାଇଥିବା ସର୍ବଶ୍ରେଷ୍ଠ ଘୋଡା ପିଠିରେ ବସି ବଲ୍ଲୁ ଚମ୍ପାବତ ସାହାଜାହାନଙ୍କ ଅନୁମତିରେ କିଲ୍ଲାରେ ପ୍ରବେଶ କଲେ। କିଲ୍ଲାର ବୁର୍ଜୁ ମଧ୍ୟରେ ଅମର ସିଂହଙ୍କ ଶବ ରହିଥାଏ। ଚାରିପଟେ ସୈନିକଙ୍କ ସହିତ ବଲ୍ଲୁ ଚମ୍ପାବତ ଶବ ନିକଟକୁ ଆଗଉଥାନ୍ତି। ଶବ ନିକଟରେ ପହଞ୍ଚିବା ମାତ୍ରେ ବିଜୁଳି ଭଳି ଶବକୁ ଉଠେଇ କିଲ୍ଲା ପ୍ରଚୀରରୁ ଘୋଡା ସହିତ ତଳକୁ ଡେଇଁ ପଡିଲେ। ଏଭଳି ରୋମାଞ୍ଚକର ସ୍ଥିତିରେ ସ୍ୱାମୀଭକ୍ତ ଘୋଡା ତ ଚିର ନିଦ୍ରାରେ ଶୋଇଗଲା କିନ୍ତୁ ରାଜପୁତର ସମ୍ମାନ ରଖି ଦେଇଗଲା।

ଚମ୍ପାବତ ଅମର ସିଂହଙ୍କ ଶବକୁ ଆଶ୍ୱାରୋହୀ ସୈନିକଙ୍କ ହାତରେ ସମର୍ପି ହାଡ଼ି ରାଣୀଙ୍କ ନିକଟରେ ପହଞ୍ଚାଇବାକୁ ନିର୍ଦ୍ଦେଶ ଦେଲେ ଏବଂ ସ୍ୱୟଂ ଅଳ୍ପ ସଂଖ୍ୟକ ସୈନିକଙ୍କ ସହିତ ମୁଗଲ ସେନାଙ୍କୁ ଗାଜର ମୂଳା ଭଳି କାଟି ଚାଲିଲେ। କିଛିକ୍ଷଣ ମଧ୍ୟରେ ତାଙ୍କୁ ଶତ୍ରୁ ସୈନିକମାନେ ଘେରିଗଲେ। ସେଇବେଳେ ନାଗୌରରୁ ତୋପର ଶବ୍ଦ ଶୁଣାଗଲା। ତା'ର ତାତ୍ପର୍ଯ୍ୟ ହାଡି ରାଣୀ ନିଜ ପତି ଅମର ସିଂହଙ୍କ ସହିତ ଚିତାରୋହଣ କରିନେଲେ। ବଲ୍ଲୁ ଚମ୍ପାବତ ଆନନ୍ଦରେ ଅଧୀର ହୋଇ ଉଠିଲେ। ପରବର୍ତ୍ତୀ କ୍ଷଣରେ ଶତ୍ରୁ ସୈନ୍ୟଙ୍କ ଦ୍ୱାରା ତାଙ୍କ ମୁଣ୍ଡ ମଧ୍ୟ ଗଣ୍ଡିରୁ ଅଲଗା ହୋଇଗଲା।

ତାପରଦିନ ଯମୁନା ନଦୀ କୂଳରେ ଚିତା ସଜାଗଲା। ବଲ୍ଲୁଙ୍କ ମୁଣ୍ଡ ମିଳିଲା ନାହିଁ। ମାୟା କୁଅଁର ଟାକଣି ନିଜ ପତି ବଲ୍ଲୁ ଚମ୍ପାବତଙ୍କ ମୁଣ୍ଡ ବିହୀନ ଅବୟବ ସହିତ ସତୀ ହୋଇଗଲେ। ଆଜି ବି ଯମୁନା କୂଳରେ ବଲ୍ଲୁ ଚମ୍ପାବତଙ୍କ ଭଗ୍ନାବଶେଷ ସମାଧୀ ଅତୀତର ଗୌରବଶାଳୀ ଇତିହାସକୁ ସାକ୍ଷୀ ଦେଇଚାଲିଛି।


♥ ବିସି-୭୪, ସଲଟ ଲେକ, କଲକାତା-୬୪
ମୋ-୯୬୮୧୩୭୩୫୧୨



# କବି ରତ୍ନାକରଙ୍କ ନିଃଶ୍ୱାସର ଅନାଗତ ସ୍ପନ୍ଦନ ହିଁ 'ପୁନଷ୍ଟ ସମୁଦ୍ର'

ଡ.ରାଧାରଂଜନ ପଟ୍ଟନାୟକ



ଅଶୀ ପରବର୍ତ୍ତୀ ଉତ୍ତର ଆଧୁନିକ କବିତା କ୍ଷେତ୍ରରେ କବି ରତ୍ନାକର ରାଉତ ଜଣେ ମନ୍ତ୍ରମୁଗ୍ଧ ରଚନାକାର । ଜୀବନ ପ୍ରତି ତାର୍ଯ୍ୟକ ଦୃଷ୍ଟିଭଙ୍ଗୀ ତଥା ଏହାର ସମଗ୍ର ପ୍ରହମାନତା ମଧ୍ୟରେ ଉଦ୍ଭାସିତ ହୋଇ ଉଠୁଥିବା ବିବିଧ ରୂପଚିତ୍ର କୁ ଆପଣାର ସ୍ୱଷ୍ଟ ସର୍ଜନାରେ ତୋଳି ଧରିବାର ଭରପୂର ପ୍ରୟାସ କରିଛନ୍ତି । ପରିଦୃଶ୍ୟମାନ ଜଗତର ଆଖିପାରସା କଥାହିଁ କହିଛନ୍ତି ତାଙ୍କ କବିତାରେ ।

ବହୁବର୍ଣ୍ଣୀ ଜୀବନକୁ ନେଇ ସେ ଯେଉଁ ଶବ୍ଦର ମୀନାର ତୋଳିଛନ୍ତି, ତାହା ବିସ୍ମୟ ନିଶ୍ଚୟ । ଜୀବନ କେତେବେଳେ ଆହ୍ଲାଦର ମୂର୍ଚ୍ଛନା ତୋଳେ ତ; ପୁଣି କେତେବେଳେ ଦୁଃଖର ଘନ ଘୋର କାଳିମା ବୋଳେ । ଗୋଟିଏ ଜୀବନର ସ୍ରୋତ ସହିତ ବହୁ ସ୍ମରଣୀୟ ଅନୁଭୂତିର ଫେଣ୍ଟାଫେଣ୍ଟି ନିର୍ଯ୍ୟାସ ଅନେକ ସମୟରେ ସୃଷ୍ଟି କରେ ଏକ ସ୍ୱତନ୍ତ୍ର ଅଧ୍ୟାୟ । କବି ରତ୍ନାକର ଏମିତି ଜଣେ କବି ସତ୍ତା ଯାହାଙ୍କ ସୂକ୍ଷ୍ମ ଦୃଷ୍ଟି ଅଥଳ ରତ୍ନାକରରୁ ମଧ ମୁକ୍ତାର ସନ୍ଧାନ ପାଇ ପାରନ୍ତି । ସେ ଭାବ ଓ ଭାବନାର କାବ୍ୟ ମଣ୍ଡପଟିଏ ତିଆରି କରି ନିଜ କଳା ଶକ୍ତିର ଶବ୍ଦ ଉଡାଇ ପାରନ୍ତି । ତେବେ ଏଇମିତି ଜଣେ କବି 'ପୁନଷ୍ଟ ସମୁଦ୍ର' କବିତା ସଙ୍କଳନ ରଚନା କରି ସମୁଦ୍ରର ଚଳ ଚଞ୍ଚଳ ଭାବ ଏବଂ ଅଶାନ୍ତି ଅସ୍ଥିରତା ସମ୍ପର୍କରେ ନିଜର ସ୍ୱୀକାରୋକ୍ତି ବାଢିଛନ୍ତି । 'ଏକ'ରୁ 'ଅଠର' ମଧ୍ୟରେ ଭାବ ଜଗତକୁ ଚିତ୍ରରେ ରୂପାୟିତ କରି ଭାବନା ସ୍ତରକୁ ଘେନିଯିବା କବିଙ୍କ ପାଇଁ ଅନାୟାସ ଲୀଳା ହୋଇଛି ।

ସମୁଦ୍ର ଖୁବ ଚିହ୍ନାଚିହ୍ନା । ପୁଣି କେତେବେଳେ ଅଚିହ୍ନା ଅଚିହ୍ନା ଲାଗିଛି କବିଙ୍କୁ । ଏଇମିତି ଏକ ଘଡିସନ୍ଧି ମୁହୂର୍ତ୍ତରେ ମନେ ପଡିଛି ପିଲାବେଳର କଥା । ଯେଉଁଠି କବି 'ଖେଳୁଅଛି ତା ସାଥିରେ ଖେଳ/ମୋ ଚାରିପାଖେ ଉଭା ଅନେକ ସମୁଦ୍ର/ମୋତେ ଘେରି ରହିଛନ୍ତି ଯେ ଭଲ ମନ୍ଦରେ/ତା ଶୀତଳ ପରଶରେ ମୁଁ ହୋଇଛି ପିଲାରୁ ଯୁବକ/ତା ବିସ୍ତୀର୍ଣ୍ଣ କୋଳରେ ମୁଁ/ବିତାଇଛି ପିଲା ବେଳ ।'(ପୃଷ୍ଠା ୫)

ସମୁଦ୍ର ବିପୁଳ ସମ୍ପଦ ଉପଯୋଗ କରି କବି ମଣିଷ ହୋଇଛନ୍ତି । ସମୁଦ୍ର ଆଖିର ନୀଳ ନୀଳ ସମ୍ମୋହନ ତାଙ୍କୁ ବିଭୋର କରିଛି । ଯେଉଁଥିପାଇଁ ସେ ଜୀବନର ସବୁ ଦୁଃଖ, ପୀଡା ଓ କଷଣକୁ ବିସ୍ମରି ଯାଇଛନ୍ତି । ସମୁଦ୍ରର ସତ୍ତାକୁ ମର୍ମେ ମର୍ମେ ଉପଲବ୍ଧି କରିଛନ୍ତି ସେ । ସମୁଦ୍ର ସମୟ ସମୟ ରେ ହୁଏ ବିଚଳିତ । ହୁଏ ଅସ୍ଥିର । ହୁଏ ପୁଣି ଅଥୟ । ତାର ଅନ୍ତଃ ସ୍ଥଳ ଆନ୍ଦୋଳିତ ହୁଏ କାହିଁକି ? ବୋଧହୁଏ ଏଇଥିପାଇଁ କବି କଣ୍ଠ ତୋଳିଛି-'ପ୍ରକୃତିର ଆଉ ଏକ ଖେଳ/ ପୌରୁଷର ପରଶରେ/ନାରୀ ହୁଏ ଯେଉଁ ପରି ଆନମନା /ଅସ୍ଥିର ଚଞ୍ଚଳ ।'(ପୃଷ୍ଠା-୭)

ସମୁଦ୍ର କୌଣସି ବ୍ୟକ୍ତିର ନୁହେଁ । ସେ ସମସ୍ତଙ୍କର । କାଳକାଳ ଧରି ନିର୍ଜନ ଦ୍ୱୀପର କେଉଁ ନିର୍ବାସିତ ସମ୍ରାଟଙ୍କ ପରି ଅଭାବରେ ଘାରି ହେଉଥାଏ । ବିକଳରେ ଆର୍ତ୍ତନାଦ ବି କରୁଥାଏ । ତା ଦୁଃଖର ପରିବ୍ୟାପ୍ତ ଅବୟବ ବାରମ୍ବାର ବେଳାର ଚିବୁକକୁ ଛୁଇଁଯାଏ । ଯେଉଁ ସମୁଦ୍ର ପ୍ରାଚୁର୍ଯ୍ୟରେ ଭରା, ଯାହାର ଗର୍ଭରେ ଅମାପ ରତ୍ନ, ସେଯେ ଏକା ଏକା ଏମିତି ଦୁଃଖର ଗୀତିକା ଗାଇବ, ଏମିତି ଏକ ଦୃଶ୍ୟ କବିଙ୍କୁ ବିଚଳିତ କରିଛି । ବୋଧହୁଏ ଅଭାବ ଭିତରେ କାହାରି ସାନିଧ ପାଇଁ ସମୁଦ୍ର ଝୁରି ହେଉଛି । ଫଳରେ କବି କଣ୍ଠର ଆତ୍ମନେପଦୀ -'କେତେ ସେ ବିକଳେ ଡାକେ/ ଆସ ଆସ ମୋ କୂଳକୁ ଆସ/ବସ ଆସି ମୋ ବିସ୍ତୀର୍ଣ୍ଣ ଉପକୂଳେ /ବାଲୁକା ବେଳାରେ / ଆକାଶ କୁ ଚାହିଁ ଚାହିଁ ମୋର ଯେଉଁ ଅସୀମ ଶୂନ୍ୟତା /ମୁଁ ତାକୁ ପାଶୋରି ଯିବି ତୁମ ପରଶରେ ।'(ପୃଷ୍ଠା-୯)

କବଙ୍କ କଳ୍ପନାରେ ସମୁଦ୍ର ଏକ ଅପରୁପା ରମଣୀ ପାଲଟି ଯାଇଛି । ଯେଉଁଥିପାଇଁ ସେ ସମୁଦ୍ର ସୁନ୍ଦରୀ ବୋଲି ସମ୍ବୋଧନ କରିଛନ୍ତି । ଏକ ଅବିଚଳିତ ସତ୍ତା । ଏକ ଦୁର୍ଲଭ ଶରୀର । ଯେଉଁଠି ରହିଛି କେତେ ହୀରା, କେତେ ନୀଳା ଏବଂ ମୋତି ମାଣିକ୍ୟ । ସ୍ୱାର୍ଥୀ ମଣିଷ ସମୁଦ୍ରର ଛାତି ଚିରନ୍ତି । କେତେକେତେ ମୂଲ୍ୟବାନ ସାମଗ୍ରୀ ଲୁଟି ନିଅନ୍ତି । ଏ ସବୁ ସତ୍ତ୍ୱେ ସମୁଦ୍ର କୂଳରେ ଡିଷ୍ଟ ପରିତ୍ୟକ୍ତ ସାମଗ୍ରୀ ଛାଡ଼ିଦେଇ ଯାନ୍ତି । ଏମିତି ଅତ୍ୟାଚାରକୁ ସମୁଦ୍ର ନୀରବରେ ସହେ । କେହି ତା ଅନ୍ତରର ଅବ୍ୟକ୍ତ କଥାକୁ ହେଜା କରି ପାରନ୍ତିନି । ସେଇଥିପାଇଁ-'କେତେ ବ୍ୟଥା, କେତେ କଥା ଓ କେତେ କାହାଣୀ/ ଶୁଣାଉଛି'ପବନର ଶିରି ଶିରି ଶବ୍ଦରେ/ତୁନି ତୁନି କଣ୍ଠର ସଂଗୀତ'(ପୃଷ୍ଠା-୧୧) ସମୁଦ୍ରର ସମୁଦ୍ରେ ଦୁଃଖକୁ ବୁଝି ପାରିଛନ୍ତି କବି ।



ସମୁଦ୍ର ପୂର୍ଣ୍ଣଗର୍ଭା ଯୁବତୀ ଭଳି ପ୍ରତୀୟମାନ ହୋଇଛି । ତା ମନର କେତେ କଥା, କେତେ କାହାଣୀ, କେତେ ଆଶା, କେତେ ଅଭିଳାଷ ସବୁ ଯେମିତି ରହିଯାଏ ସୀମାବଦ୍ଧ କୋଠରି ଭିତରେ । ସତରେ କେହି କଣ ସରଗରେ ପଦୁଟିଏ କଥା କୁହନ୍ତାନି ? ବୁଝନ୍ତାନି ତା ନୀଳ ଆଖିର ଭରିଥିବା ବ୍ୟଥା ଓ ବେଦନା ଚିତ୍ରପଟ ? ସମୁଦ୍ର କବିଙ୍କ ଦୃଷ୍ଟିରେ ମନପକ୍ଷୀ ହୋଇ ଯାଇଛି । ଏଠାରେ ଏକ feeling image ପ୍ରୟୋଗ କରି ସମୁଦ୍ରର ମନକୁ ବିଶ୍ଲେଷଣ କରିଛନ୍ତି । ତାର ବି ମନ ଟିଏ ଅଛି । ତାର ବି ହୃଦୟ ଟିଏ ଅଛି । ସେ ବି ପକ୍ଷୀ ପରି ଉଡ଼ିବ । ମୁକ୍ତ ହେବ । ଅନନ୍ତ ଆକାଶରେ ବୁଲିବ । ଡେଣା ଦୋହଲାଇ । ସତରେ କବି ପ୍ରକୃତି ଭିତରେ ଏମିତି ହଜି ଯାଇଛନ୍ତି ଯେ, ତାରି ଭିତରୁ ଜୀବନର ସତ୍ତା ଅନୁଭବ କରି ପାରିଛନ୍ତି ଠିକ ଗଙ୍ଗାଧର ମେହେ ଙ୍କ ପରି । ତାଂକ ପାଖରେ ସମୁଦ୍ର ଯେମିତି ହସିଛି । କାନ୍ଦିଛି । ଜୀବନର ସମ୍ବେଦନା ଜଣାଇଛି । ଜଣେ ଜୀବନବାଦୀ କବି ହିଁ ଏପରି କଳ୍ପନା କରିପାରେ । ଏମିତି ନିଜ ଅନୁଭୂତିର ତୀବ୍ରତା ତୀବ୍ର କରିପାରେ, ଯାହା କରି ପାରିଛନ୍ତି କବି ରାଉତ ।

ଜହ୍ନ କିନ୍ତୁ ନପୁଂସକଙ୍କ ପରି ସମୁଦ୍ର ର ନଗ୍ନ ଦେହକୁ ଚୁମା ଦିଏ । ପୁଲକରେ ତା ପ୍ରାଣ ଭରେ ନିଃସଙ୍ଗ ହୃଦୟରେ ସ୍ପନ୍ଦନ ସୃଷ୍ଟି କରେ । ସେଇଥିପାଇଁ କବି କହନ୍ତି-'ପୁଲକରେ ଭରେ ତାର ପରାଣ/ନିଃସଙ୍ଗ ହୃଦୟରେ ଜଗାଇ ସ୍ପନ୍ଦନ ।'(ପୃଷ୍ଠା-୧୩)

ସମୁଦ୍ର । ଆପଣା ଛାତିରେ ସୃଷ୍ଟି ହେଉଥିବା ଅଲୋଡନକୁ ଚାପିଦେଇ ନିଜର ପ୍ରସାରିତ ହାତ ଫେରାଇ ନିଏ । ଏ ସବୁ ପରେବି ବାରମ୍ବାର ସେ ଫେରୁଥାଏ କାହାର ସ୍ପର୍ଶ ଲୋଡିବାକୁ । ତା'ଦେହର ସୃଷ୍ଟି ର ଓଁକାର ଧ୍ୱନି ଶୁଣିବା ପୂର୍ବରୁ ଏତେ ତ୍ୟାଗ ଏତେ ତିତିକ୍ଷା ପୁଣି ବାଦ ବିସମ୍ବାଦରେ ଅସରନ୍ତି କ୍ଷୁଧା । ମନେହୁଏ ଏ ତୃଷ୍ଣାର ପରିସାପ୍ତି ନାହିଁ । ତମାମ ସୃଷ୍ଟିରେ ନା କେହି କ୍ଷୁଦ୍ର ! ନା କେହି ବିରାଟ !! ସଭିଙ୍କର ଅଭିନ୍ନ ପ୍ରାଣ; ପୁଣି ଗୋଟିଏ ଘଟରେ । ତେଣୁ କବି କହନ୍ତି -'କିଏ କ୍ଷୁଦ୍ର କିଏ ବା ବିରାଟ /ସେହି ତା ଅଭିନ୍ନ ପ୍ରାଣ ସକଳ ଘଟରେ/ ଭିନ୍ନ ଖାଲି ଘଟ/କାଳେ କାଳେ ସମୁଦ୍ର ସହିତ'(ପୃଷ୍ଠା-୨୭)

କବି ସମୁଦ୍ର ଆଖିରେ ନିଆଁ କହିଲା ବେଳେ ଏଜରାପାଉଣ୍ଡଙ୍କର Melopoeia, Phono poeia, Logo poeia କଥା ସାମ୍ନା କୁ ଆସେ । କଲରିଜଙ୍କ ଭାଷାରେ "Poetry of the ear, poetry of the eye, poetry of the language . ମୋର ତ ମନେ ହୁଏ,କବି ରତ୍ନାକର ରାଉତ ସମୁଦ୍ରକୁ ଦେଖିଲା ପରେ ଆଖି ବି charge ହୋଇ ଯାଇଛି, କାନ ବି ସମୁଦ୍ରର ବେଦନା ର ସ୍ୱରକୁ ଶୁଣି ପାରିଛି ଏବଂ ଶବ୍ଦର ଲାଳିତ୍ୟରେ ଇନ୍ଦ୍ରପୁରୀ ସର୍ଜନା କରିପାରିଛନ୍ତି । (କ୍ରମଶଃ)

♥ ସଲଟ ରୋଡ଼, କାଦ୍ରାବାଦ, ସୁନହଟ, ବାଲେଶ୍ୱର -୨
ମୋ-୯୪୩୮୨୯୦୦୭୨

# ଗାଁ ଗୀତ

## (ମାଟି ଅଗଣାର ବିରହ ବିଧୁର ଗାଥା... ମୋ' ଗାଁର କଥା)

### ଭାଗ-୩୩

ପ୍ରାୟ ପ୍ରତ୍ୟେକ ସୃଜନଶୀଳ ମଣିଷ ଭିତରେ ଗାଁ ଟିଏ ଥାଏ । ରାଜଦୁଲାଳୀ ପଣତ ଅତର ମହକ ପରି ସେଇ ଗାଁର ବାସ୍ନା । ତାକୁ ଏମିତି ଅଥୟ କରେ ଯେ ଛାଡ଼ି ଆସିଥିବା ପିଛିଲା ଦିନର ପାଦଚିହ୍ନ ତା' ଭିତରେ ଥିବା କବିକୁ ଉସୁକାଏ- ଲେଖ୍...ଲେଖ୍...ଲେଖ୍ରେ ମୋ କଥା । ସେଇ ଉହୁଁକାପଣର ଦାୟରେ ଏଇଠି ମାଟି ଅଗଣାର ବିରହ ବିଧୁର ଗାଥା... ମୋ ଗାଁର କଥା... ।



ଉମାକାନ୍ତ ରାଉତ(ଅରୂପ)
♥ ପ୍ଲଟ ନମ୍ବର-୭୬୨, ପ୍ରଥମ ମହଲା, ନିଳାଦ୍ରି ବିହାର, ସେକ୍ଟର-୩, ଭୁବନେଶ୍ୱର-୨୧
ମୋ: ୯୪୩୭୨୬୭୧୨୫

ତା' ଚିନ୍ତା ପୀୟୁଷ ତଟକା ପ୍ରବାହେ
ଶତାବ୍ଦୀ ଅଳନ୍ଧୁ ଧୁଏ
ଘସି ମାଜି ସବୁ ଜାଜ୍ୱଲ୍ଲିତ କରେ
ପିଲାଠାରୁ ବୁଢ଼ା ଯାଏ । ୩୨୭ ।

ପବନ ଦେହରେ ଉଠାପକା ଖେଳେ
ଯେବେ ଆମ ଗାଁ ଗୁଡ଼ି
ନିଶ୍ଚିତ ମରଣ ଜାଣିବି ଯେମିତି
ଉଡ଼ିଯାଏ ପିମ୍ପୁଡ଼ି । ୩୨୮ ।

ତଟିନୀ ଯେମିତି ସବୁ ବାଧା କାଟି
ସାଗର ଆଦରି ନିଏ
ନିଶ୍ଚିହ୍ନ ସ୍ଥିତି ନିଶ୍ଚିତତା ସତ୍ତ୍ୱେ
ଉଲ୍ଲାସେ ଗୀତ ଗାଏ । ୩୨୯ ।

ମୋ ଗାଆଁ ସେମିତି ନିଃଶେଷ ହେଲେ ବି
କାହାକୁ କରେନା ପର
ସମସ୍ତ ଧର୍ଷଣ କର୍ଷଣ ସତ୍ତ୍ୱେ
ଲୋଡୁଥାଏ ବାରମ୍ବାର । ୩୩୦ ।

କେଇଦିନ ପରେ ଆମ ହୃଦୟର
ଦିଆନିଆ ଭାବ ହେଲା
ଆମ ଗାଁ ଡାଏରୀ ପ୍ରତିଟି ପୃଷ୍ଠାରେ
ତମ ନାଁ କିଏ ଲେଖିଲା ? ୩୩୧ ।

ଆମ ଗାଁ ସମଗ୍ର ଆୟୁଷ ନଥିରେ
ତମରି ସ୍ୱର୍ଣ୍ଣ ଆଭା
ବାଟବଣା କରେ ନଈ ସମୁଦ୍ରକୁ
ତମ ବାସ୍ନାମୟ ଗଭା । ୩୩୨ ।

ବାଟଘାଟ ଆଉ ସହର ବଜାର
ଚର୍ଚ୍ଚାରେ ବେହାଲ ହେଲା
ବାଟ ଚାଲୁ ଚାଲୁ ଗାଁ ଟାକୁ ଆମ
ଭୁଆଁ କିଏ ବୁଲେଇଲା ? ୩୩୩ ।

ଯିଏ ଯାହା ଖୋଜେ ସାରା ଜୀବନରେ
କେବେବି ପାଏନା ତାହା
ସବୁ ଜାଣିଲେବି ନଜାଣିଲା ପରି
ସାରାରାତି ଖୋଜେ କିଆଁ । ୩୩୪ ।

ତମ ଗାଆଁ ନଈ ଗଣ୍ଡରେ ଯେବେ
ତମ ମୁହଁ ଝଲସିଲା
ତମ ଗଣ୍ଡଦେଶ ନଈଏ ପାଣିରେ
ଜହ୍ନ କିଏ ମୋତେ କଲା ? ୩୩୫ ।

ତମେ କି ବୁଝିଛ ଲୁହର କବିତା
ବୁକୁର ନୀରବ ଭାଷା ?
ତମେ କି ବୁଝିଛ ଭଲ ପାଇବାଟା
କେତେ ଯେ ଗହୀର ନିଶା ? ୩୩୬ ।

(କ୍ରମଶଃ)





କଲମ ଆଜ୍ ଉନକୀ ଜୟ ବୋଲ୍
ଯୋ ଚଢ଼ ଗୟେ ପୁଣ୍ୟ ବେଦୀ ପର୍
ଲିୟେ ବିନା ଗରଦନ୍ କା ମୋଲ୍,
ସାକ୍ଷୀ ହେଁ ଜିନକୀ ମହିମା କେ
ସୂର୍ଯ୍ୟ, ଚନ୍ଦ୍ର, ଭୂଗୋଲ୍, ଖଗୋଲ୍
କଲମ ଆଜ୍ ଉନକୀ ଜୟ ବୋଲ୍ ...

- ରାଷ୍ଟ୍ରକବି ଶ୍ରୀ ରାମଧାରୀ ସିଂହ 'ଦିନକର'

# ବମ୍ ତୁଲ୍ ବୁଝାରା

୪୫



ଦୀପକ ରଂଜନ ମିଶ୍ର

## ॥ ଆଣ୍ଡାମାନରେ ନେତାଜୀ ॥

ସିଙ୍ଗାପୁରଠାରେ ଆଜାଦ୍ ହିନ୍ଦ୍ ସରକାରର ଗଠନ ହେବାସହ ନେତାଜୀ ରାଷ୍ଟ୍ରମୁଖ୍ୟର ଦାୟିତ୍ୱ ବହନକରନ୍ତି । ତେବେ ତାଙ୍କ ଅଧୀନରେ କୌଣସି ସ୍ୱତନ୍ତ୍ର ରାଜ୍ୟ ନଥିବାରୁ ନେତାଜୀ ଜାପାନର ପ୍ରଧାନମନ୍ତ୍ରୀ ଜେନେରାଲ ତୋଜୋଙ୍କୁ ଅନୁରୋଧ କରନ୍ତି ଆଣ୍ଡାମାନ ଓ ନିକୋବର ଦ୍ୱୀପ ସମୂହକୁ ଆଜାଦ୍ ହିନ୍ଦ୍ ସରକାରଙ୍କୁ ହସ୍ତାନ୍ତର କରିବା ପାଇଁ । କିନ୍ତୁ ଏଇ ଅନୁରୋଧକୁ ଜାପାନୀ ଅଧିକାରୀମାନେ ଆଦୌ ଗମ୍ଭୀରତାର ସହ ବିଚାର କରନ୍ତି ନାହିଁ । ସେତେବେଳେ ଦ୍ୱିତୀୟ ବିଶ୍ୱଯୁଦ୍ଧ ଚାଲିଥିବାରୁ ତୋଜୋ ଅନେକ ସମସ୍ୟାର ସମ୍ମୁଖୀନ ହେଉଥାନ୍ତି । ଏଇ ସମୟରେ ଜାପାନୀ ଆଡ଼୍ମିରାଲଙ୍କ ଦ୍ୱାରା ଅଧିକୃତ ଦ୍ୱୀପକୁ ହାତଛଡ଼ା କରି ନୌବାହିନୀର ଅଫିସରମାନଙ୍କ ସହ ମନାନ୍ତର ସୃଷ୍ଟି କରିବାକୁ ସେ ଆଉ ଉଚିତ୍ ମନେକରନ୍ତି ନାହିଁ । ଭାରତର ସ୍ୱାଧୀନତା ସଂଗ୍ରାମରେ ଜାପାନୀଙ୍କ ସକ୍ରିୟ ସହଯୋଗର ପ୍ରତିଶ୍ରୁତି ଦେବା ସହ ତାହାର ପ୍ରମାଣ ସ୍ୱରୂପ ଭବିଷ୍ୟତରେ ଦ୍ୱୀପ ସମୂହ ହସ୍ତାନ୍ତର ଆଶା ଦେଖାଇ କଥାଟିକୁ ବ□ମାନ ପାଇଁ ଟାଳି ଦିଅନ୍ତି ଜେନେରାଲ ତୋଜୋ । ଦିନ ଗଡ଼ିଚାଲେ ସିନା ପ୍ରତିଶ୍ରୁତି କିନ୍ତୁ ସେଇମିତି ପ୍ରତିଶ୍ରୁତିରେ ହିଁ ରହିଯାଏ ।

୧୯୪୩ ମସିହା ନଭେମ୍ବର ମାସରେ ଟୋକିଓ ଠାରେ 'ଗ୍ରେଟର ଇଷ୍ଟ ଏସିଆ କନ୍‌ଫରେନ୍ସ'ର ଆୟୋଜନ କରେ ଜାପାନ । ତାଙ୍କରି ସୈନ୍ୟ ସହାୟତାରେ ବର୍ମା, ମାଳୟ, ଇଷ୍ଟ ଇଣ୍ଡିଜ୍, ଫିଲିପିନ୍ସ ତଥା ମା*ୁରିଆରେ ଗଠିତ ହୋଇଥିବା ସରକାରଗୁଡ଼ିକର ରାଷ୍ଟ୍ରମୁଖ୍ୟମାନେ ସେଥିରେ ଯୋଗ ଦେବାକୁ ନିମନ୍ତ୍ରିତ ହୋଇଥାନ୍ତି । ନବଗଠିତ ଆଜାଦ୍ ହିନ୍ଦ୍ ସରକାରର ରାଷ୍ଟ୍ରମୁଖ୍ୟ ଭାବେ ନେତାଜୀଙ୍କୁ ବି ନିମନ୍ତ୍ରିତ କରାହୋଇଥାଏ । ସେ କିନ୍ତୁ ପ୍ରଚୁର ସ୍ୱାଭିମାନୀ ହୋଇଥିବାରୁ ସମାରୋହରେ ଯୋଗଦେବାକୁ ସିଧା ସଳଖ ମନା କରିଦିଅନ୍ତି । ବିଦେଶ ଭୂଇଁରେ ସରକାର ଗଠନର ଔପଚାରିକତା ସିନା ସରିଛି ହେଲେ ସେତେବେଳ ଯାଏଁ କୌଣସି ସ୍ୱାଧୀନ ଦେଶ ବା ସ୍ଥାନ ତାଙ୍କର ଅଧିକାରକୁ ଆସିନାହିଁ । ନେତାଜୀଙ୍କ ଅନୁପସ୍ଥିତି ଯୋଗୁଁ ଜାପାନୀଙ୍କ ଉପରକୁ କେହି ଆଙ୍ଗୁଳି ଉଠାଉ ତାହା ଜେନେରାଲ ତୋଜୋ ଚାହୁଁ ନଥାନ୍ତି । ତେଣୁ ଜାପାନ ଅଧିକୃତ ଆଣ୍ଡାମାନ ଓ ନିକୋବର ଦ୍ୱୀପ ସମୂହକୁ ଅବିଳମ୍ବେ ନେତାଜୀଙ୍କ ସରକାରଙ୍କୁ ହସ୍ତାନ୍ତର କରିବା କଥା ସେ ଘୋଷଣା କରନ୍ତି । ତୋଜୋଙ୍କ ଏହି ଘୋଷଣା ପରେ ଆଣ୍ଡାମାନରେ ଘଟିଥିବା ଘଟଣାଗୁଡ଼ିକୁ ନିରୀକ୍ଷଣ କଲେ ଜଣାପଡ଼େ ତାହା ନେତାଜୀଙ୍କ ସହ ଏକ ଛଳନା ଥିଲା ବୋଲି । ବିଶ୍ୱାସଘାତୀ ଜାପାନୀମାନେ କେବେ ବି ନେତାଜୀ କି ତାଙ୍କ ଦ୍ୱାରା ନିଯୁକ୍ତ ଶାସନମୁଖ୍ୟ କର୍ଣ୍ଣେଲ ଲୋଗାନାଥନ୍‌ଙ୍କୁ ଦ୍ୱୀପର ଶାସନ ଭାର ଅର୍ପଣ କରି ନାହାନ୍ତି ।

କ୍ଷମତା ହସ୍ତାନ୍ତର ପରେ ନେତାଜୀ ଦ୍ୱୀପ ପରିଦର୍ଶନ କରିବାକୁ ଇଚ୍ଛା ପ୍ରକାଶ କରନ୍ତି । ଏହା ଥିଲା ଜାପାନୀଙ୍କ ପାଇଁ ସମ୍ପୂର୍ଣ୍ଣ ଅପ୍ରତ୍ୟାଶିତ । ଦ୍ୱିତୀୟ ବିଶ୍ୱଯୁଦ୍ଧର ସମୟ ହୋଇଥିବା ଯୋଗୁଁ ଚାରିଆଡ଼େ ମୃତ୍ୟୁର କରାଳ ଛାୟା । ଏଣେ ଇଂରେଜମାନେ ନେତାଜୀଙ୍କୁ ଗିରଫ୍ କରିବା ପାଇଁ ସର୍ବଦା ଚେଷ୍ଟା ଚଳାଇଥାନ୍ତି । ଆଣ୍ଡାମାନରେ ପୁଣି ଚାଲିଛି ଜାପାନୀଙ୍କ ଦମନଲୀଳା । ପ୍ରଥମ ଗୁପ୍ତଚର ମାମଲାରେ ସନ୍ଦିଗ୍ଧ ସାତଜଣଙ୍କୁ ଗୁଳି କରି ହତ୍ୟା କରାଯିବା ପରେ ଦ୍ୱିତୀୟ ଗୁପ୍ତଚର ମାମଲା ଏବେ ଜୋରସୋର ଚାଲିଥାଏ । ତିନିଶହରୁ ଅଧିକ ସନ୍ଦିଗ୍ଧଙ୍କୁ ଗିରଫ୍ କରି ସେଲ୍ୟୁଲାର ଜେଲ ଭିତରେ ଦିଆଯାଉଥାଏ ନାହିଁ ନଥିବା ନିର୍ଯ୍ୟାତନା । ସମଗ୍ର ଦ୍ୱୀପରେ ତ୍ରାହି ତ୍ରାହି ଡାକୁଥାନ୍ତି ସାଧାରଣ ଜନତା । ସେଇ ସମୟରେ ନେତାଜୀ ଆଣ୍ଡାମାନ ଯିବା ପାଇଁ ବାହାରିବେ ବୋଲି କେହି ବି କଳ୍ପନା କରି ପାରି ନଥାନ୍ତି । କିନ୍ତୁ ନେତାଜୀ ଥିଲେ ଭିନ୍ନ ମାଟିରେ ଗଢ଼ା ମଣିଷ । ତାଙ୍କ ଗସ୍ତକୁ ବାତିଲ୍ କରିବା ସମ୍ଭବ ନହେବାରୁ ବାଧ ହୋଇ ଜାପାନୀମାନେ ତାଙ୍କ ଆଣ୍ଡାମାନ ଯିବାର ସୁବ୍ୟବସ୍ଥାରେ ଲାଗିପଡ଼ନ୍ତି ।



୧୯୪୩ ମସିହା ଡିସେମ୍ବର ୨୯ ତାରିଖ ଦିନ ଏଗାରଟା ବେଳେ ଆନନ୍ଦମୋହନ ସହାୟ, ଆବିଦ୍ ହୁସେନ୍ ତଥା ତାଙ୍କ ସରକାରର ଦୁଇଜଣ ଅଫିସରଙ୍କ ସହ ନେତାଜୀ ଆସି ଓହ୍ଲାନ୍ତି ପୋର୍ଟବ୍ଲେୟାରର ଲାମ୍ବାଲାଇନ୍ ବିମାନଘାଟିରେ । ଆଡ୍‌ମିରାଲ ଇଶିକାୱା ତାଙ୍କୁ ସ୍ୱାଗତ ଜଣାଇବାକୁ ସେଠାକୁ ଆସିଥାନ୍ତି । ଗାର୍ଡ ଅଫ୍ ଅନର ଦିଆଯିବା ପରେ ତାଙ୍କୁ ରସ୍ ଦ୍ୱୀପରେ ଥିବା ପୂର୍ବ ବ୍ରିଟିଶ୍ ଚିଫ୍ କମିଶନରଙ୍କ ବଙ୍ଗଳାକୁ ନିଆଯାଏ । ଇଂରେଜମାନେ ଆଣ୍ଡାମାନ ଛାଡ଼ି ପଳାୟନ କରିବା ପରଠାରୁ ବୋମାମାଡ଼ର ଭୟରେ ରସ୍ ଦ୍ୱୀପରେ କେହି ବସବାସ କରୁ ନଥାନ୍ତି । ସେଭଳି ନିର୍ଜନ ଦ୍ୱୀପରେ ନେତାଜୀଙ୍କ ରହିବା ବ୍ୟବସ୍ଥା କରାଗଲେ ଆଣ୍ଡାମାନର ପ୍ରକୃତ ପରିସ୍ଥିତି ବିଷୟରେ ତାଙ୍କୁ କେହି କିଛି ସୂଚନା ଦେଇ ପାରିବେ ନାହିଁ । ଏହା ଥାଏ ଚତୁର ଜାପାନୀଙ୍କ ଉଦ୍ଦେଶ୍ୟ । ଯୁଦ୍ଧର ସମୟ ହୋଇଥିବାରୁ କ୍ଷମତାର ସମ୍ପୂର୍ଣ୍ଣ ହସ୍ତାନ୍ତର ସମ୍ଭବ ନୁହେଁ ବୋଲି ଜେନେରାଲ ତୋଜୋ ପୂର୍ବରୁ ନେତାଜୀଙ୍କୁ ସୂଚନା ଦେଇ ସାରିଥାନ୍ତି । ତେଣୁ ନାମକୁ ମାତ୍ର ଶାସନଭାର ଅର୍ପଣ କରିବାର ପ୍ରକ୍ରିୟା ବିଷୟରେ ଆଲୋଚନା କରନ୍ତି ଆଡ୍‌ମିରାଲ ନେତାଜୀଙ୍କ ସହ । ସନ୍ଧ୍ୟାରେ ତାଙ୍କ ସମ୍ମାନରେ ଏକ ରାତ୍ରିଭୋଜର ଆୟୋଜନ କରାଯାଏ ସେଇ ବଙ୍ଗଳାରେ । ଅନେକ ଜାପାନୀ ଅଫିସର ତଥା ଜେନେରାଲ ସେଠାକୁ ନିମନ୍ତ୍ରିତ ହୋଇ ଆସିଥାନ୍ତି । କିଛି ସ୍ଥାନୀୟ ଅଧିବାସୀଙ୍କୁ ବି ଯୋଗ ଦେବାକୁ ନିମନ୍ତ୍ରଣ କରାହୋଇଥାଏ । କିନ୍ତୁ ସେମାନଙ୍କୁ ନେତାଜୀଙ୍କ ପାଖକୁ ଯିବାକୁ କି ତାଙ୍କ ସହିତ ପଦେ କଥା ହେବାକୁ ବି ସୁଯୋଗ ଦିଆଯାଏ ନାହିଁ । ଜାପାନୀ ଅଫିସରମାନେ ହିଁ ତାଙ୍କୁ ସଦା ସର୍ବଦା ଘେରି ରହିଥାନ୍ତି ।

ତା'ପରଦିନ ପୋର୍ଟବ୍ଲେୟାରର ଜିମ୍‌ଖାନା ପଡ଼ିଆରେ ନେତାଜୀଙ୍କ ସର୍ବସାଧାରଣଙ୍କୁ ସମ୍ବୋଧନ କରିବାର କାର୍ଯ୍ୟକ୍ରମ ଥାଏ । ବିପୁଳ ସଂଖ୍ୟାରେ ସେଇ ସଭାରେ ଯୋଗ ଦେବାକୁ ସ୍ଥାନୀୟ ଅଧିବାସୀଙ୍କୁ ନିର୍ଦ୍ଦେଶ ଜାରି କରିଥାନ୍ତି ଜାପାନୀମାନେ । ଠିକ୍ ସମୟରେ କାର୍‌ରେ ଆସି ସଭାସ୍ଥଳୀରେ ପହଂଚିଯାଆନ୍ତି ନେତାଜୀ । ସୁରକ୍ଷାର ବାହାନା କରି ତାଙ୍କୁ ଘେରି ରହିଥାନ୍ତି ଜାପାନୀ ଅଧିକାରୀଗଣ । ଭାରତୀୟ ଜାତୀୟ ପତାକାର ଉ□ୋଳନ ପରେ କେଶର ଦାସ ତାଙ୍କ ସାଥୀଙ୍କ ସହିତ ରାଷ୍ଟ୍ରୀୟ ସଂଗୀତ ଗାନ କରନ୍ତି : "ଶୁଭ ସୁଖ ଚୈନ କୀ ବରଖା ବରଷେ / ଭାରତ ଭାଗ ହେ ଜାଗା.... ।" ଇଣ୍ଡିଆନ୍ ଇଣ୍ଡିପେଣ୍ଡେନ୍ସ ଲିଗ୍, ଆଣ୍ଡାମାନ ଶାଖାର ଚେୟାରମେନ ରାମକୃଷ୍ଣ ସ୍ୱାଗତ ଭାଷଣ ଦେବାପରେ ଲିଗ୍ ପକ୍ଷରୁ ଦଶ ହଜାର ଟଙ୍କା ଆଜାଦ୍ ହିନ୍ଦ୍ ଫୌଜ୍‌କୁ ଅର୍ପଣ କରାଯାଏ । ଗାର୍ଡ ଅଫ୍ ଅନର ଦିଆଯିବା ପରେ ନେତାଜୀ ଉପସ୍ଥିତ ବିଶାଳ ଜନସମୂହକୁ ହିନ୍ଦୁସ୍ଥାନୀ ଭାଷାରେ ସମ୍ବୋଧନ କରନ୍ତି । ତାହା ଥାଏ ଆଜାଦ୍ ହିନ୍ଦ୍ ସରକାରଙ୍କ ରାଷ୍ଟ୍ରୀୟ ଭାଷା । ନିପ୍ପନ ସରକାର କେମିତି ତାଙ୍କୁ ସାହାଯ୍ୟ କରୁଛି ଇଂରେଜଙ୍କ କବଳୁ ଭାରତକୁ ସ୍ୱାଧୀନ କରିବା ପାଇଁ ସେଇ ବିଷୟ ବର୍ଣ୍ଣନା କରି ନେତାଜୀ ସମସ୍ତ ଭାରତୀୟଙ୍କୁ ଜାପାନୀଙ୍କ ପ୍ରତି ଅନୁଗୃହୀତ ରହିବାକୁ କହନ୍ତି । ସ୍ୱାଧୀନତା ସଂଗ୍ରାମରେ ଆପଣା ସର୍ବସ୍ୱ ଅର୍ପଣ କରିବାକୁ ଦ୍ୱୀପବାସୀଙ୍କୁ ଅନୁରୋଧ କରି ସେ କହନ୍ତି - "ମୋତେ ରକ୍ତ ଦିଅ, ମୁଁ ତୁମକୁ ସ୍ୱାଧୀନତା ଦେବି ।" ଆଣ୍ଡାମାନକୁ 'ଶହୀଦ' ଓ ନିକୋବରକୁ 'ସ୍ୱରାଜ' ଦ୍ୱୀପ ନାମରେ ନାମକରଣ ମଧ୍ୟ କରାହୁଏ । ଦ୍ୱୀପର ଶାସନଭାର ନେତାଜୀଙ୍କ ଆଜାଦ୍ ହିନ୍ଦ୍ ସରକାର ନିଜ ହାତକୁ ନେବା ଦେଖି ସ୍ଥାନୀୟ ଲୋକେ ଖୁବ୍ ଉତ୍ସାହିତ ଜଣାପଡୁଥାନ୍ତି । ଦେଢ଼ ବର୍ଷରୁ ଉର୍ଦ୍ଧ୍ୱକାଳ ପର୍ଯ୍ୟନ୍ତ ଜାପାନୀଙ୍କ ଯେଉଁ ଆତଙ୍କରାଜ୍ ଚାଲିଥିଲା ତାହାର ଏଥର ଅନ୍ତ ଘଟିବ ବୋଲି ଆଶାଟିଏ ଉଙ୍କି ମାରୁଥାଏ ସମସ୍ତଙ୍କ ମନଭିତରେ ।

ଜିମ୍‌ଖାନା ପଡ଼ିଆରେ ଉଦ୍‌ବୋଧନ ଦେବାପରେ ନେତାଜୀ ସେଲ୍ୟୁଲାର ଜେଲ୍ ପରିଦର୍ଶନରେ ଯିବାକୁ ଇଚ୍ଛା ପ୍ରକାଶ କରନ୍ତି । ଶହ ଶହ ଦେଶପ୍ରେମୀ ସ୍ୱାଧୀନତା ସଂଗ୍ରାମୀଙ୍କୁ ସେଠାରେ କାରାରୁଦ୍ଧ କରି ଅମାନୁଷିକ ନିର୍ଯ୍ୟାତନା ଦିଆହୋଇଥିଲା ଇଂରେଜଙ୍କ ଅମଳରେ । ଯନ୍ତ୍ରଣା ସହି ନପାରି ଅନେକ ସେଠାରେ ଶହୀଦ୍ ହୋଇଛନ୍ତି ମଧ୍ୟ । ତେଣୁ ମହାନ୍ ରାଷ୍ଟ୍ରବାଦୀ ନେତାଜୀଙ୍କ ପାଇଁ ସ୍ୱାଭାବିକ ଭାବରେ ସେଇ ଜେଲ୍ ଥିଲା ଏକ ତୀର୍ଥକ୍ଷେତ୍ର । ତାଙ୍କର ଇଚ୍ଛାକୁ ସମ୍ମାନ ଜଣାଇ ତାଙ୍କୁ ଜାପାନୀ ଅଫିସରଙ୍କ ସୁରକ୍ଷିତ ଘେରା ମଧ୍ୟରେ ଜେଲ୍ ପରିଦର୍ଶନ ପାଇଁ ନିଆଯାଏ । ସେଇ ସମୟରେ ସେଲ୍ୟୁଲାର ଜେଲ୍‌ର ପ୍ରଥମ ଓ ଦିତୀୟ ୱିଙ୍ଗସ୍ ଭଣ୍ଡାରଘର ରୂପେ ବ୍ୟବହୃତ ହେଉଥିବା ବେଳେ ତୃତୀୟ ୱିଙ୍ଗସ୍‌ଟି ସମ୍ପୂର୍ଣ୍ଣ ଭାବେ ଭାଙ୍ଗିଯାଇଥିବାରୁ ଇଟା ଓ ପଥରର ଗୋଟିଏ ଗଦା ଭଳି ସେଠାରେ ପଡ଼ିରହିଥାଏ । ଚତୁର୍ଥ ୱିଙ୍ଗସ୍‌ଟି ବନ୍ଦୀଙ୍କୁ ବିଭିନ୍ନ ପ୍ରକାରର ଦଣ୍ଡ ଦେବାକୁ ଆରକ୍ଷିତ ଥାଏ । ପଂ*ମ ଓ ଷଷ୍ଠ ୱିଙ୍ଗସ୍‌ରେ ଦ୍ୱିତୀୟ ଗୁପ୍ତଚର କେଶ୍‌ରେ ଗିରଫ୍ କରାଯାଇଥିବା ସ୍ଥାନୀୟ ଅଧିବାସୀଙ୍କୁ ନାରକୀୟ ନିର୍ଯ୍ୟାତନା ଦିଆଯାଉଥିବା ବେଳେ ସପ୍ତମ ୱିଙ୍ଗସ୍‌ରେ ସାଧାରଣ କଏଦୀମାନଙ୍କୁ ବନ୍ଦୀଭାବେ ରଖାଯାଇଥାଏ । ଚତୁରତାର ସହ ଦୂରରୁ ନେତାଜୀଙ୍କୁ ଭିନ୍ନ ୱିଙ୍ଗସ୍‌ଗୁଡ଼ିକ ଦେଖାଇ ସପ୍ତମ ୱିଙ୍ଗସ୍ ପାଖକୁ ନିଆଯାଏ ଯେଉଁଠି ସାଧାରଣ କଏଦୀମାନେ ଥାଆନ୍ତି । ସେଇ କଏଦୀମାନେ ତାଙ୍କର ଦୈନନ୍ଦିନ କାର୍ଯ୍ୟ, ଯଥା ବଗିଚା ସଫା କରିବା, ପନିପରିବା ଲଗା ହୋଇଥିବା କିଆରୀର ଯତ୍ନନେବା, ଜେଲ୍ ପରିସର ଓଳାଇ ସଫା କରିବା ତଥା ସାଥୀ କଏଦୀଙ୍କ ପାଇଁ ଖାଦ୍ୟ ପ୍ରସ୍ତୁତ କରିବା ଇତ୍ୟାଦିରେ ବ୍ୟସ୍ତ ଥାଆନ୍ତି । ଅନ୍ୟ ୱିଙ୍ଗସ୍‌ଗୁଡ଼ିକ ପ୍ରାୟତଃ ଖାଲି ଥିବାର ତାଙ୍କୁ ଭୁଲ ସୂଚନା ଦିଆଯାଏ । ଚମଡ଼ା ଛେଲା ହୋଇଥିବା, ସ୍ଥାନେ ସ୍ଥାନେ ଜଳି ଫୋଟକା ହୋଇଥିବା, ନଖ ଓ ଦାନ୍ତ ଉପୁଡ଼ା ହୋଇଥିବା, ଆଖି ତଡ଼ା ହୋଇଥିବା କି ଶରୀରର ବିଭିନ୍ନ ସ୍ଥାନକୁ କାଟି ତହିଁରେ ଲୁଣ ଓ ଲଙ୍କାଗୁଣ୍ଡ ଦେଇ ବ୍ୟାଣ୍ଡେଜ୍ ବନ୍ଧା ହୋଇଥିବା ବନ୍ଦୀମାନଙ୍କ ଉପରେ ଥରେ ତାଙ୍କର ନଜର ପଡ଼ିଥିଲେ ସେ ସେମାନଙ୍କ ବିଷୟରେ ନିଶ୍ଚିତ ଜାପାନୀ ଅଧିକାରୀଙ୍କୁ ପଚାରି ବୁଝିଥାନ୍ତେ ଓ କ୍ରମେ ବହୁତ କିଛି ଗୁପ୍ତ ତଥ୍ୟ ତାଙ୍କ ନଜରକୁ ଆସିଥାଆନ୍ତା । ନେତାଜୀଙ୍କ ଗସ୍ତ ସମୟରେ ଷଷ୍ଠ ୱିଙ୍ଗସ୍‌ରେ ଇଣ୍ଡିଆନ୍ ଇଣ୍ଡିପେଣ୍ଡେନ୍ସ ଲିଗ୍‌ର ସଭାପତି ଡାକ୍ତର ଦୀୱାନ୍ ସିଂହ ମଧ୍ୟ ଅସହ୍ୟ ଯନ୍ତ୍ରଣା ମଧ୍ୟରେ ମୃତ୍ୟୁକୁ ଅପେକ୍ଷା କରି କାଳ କାଟୁଥାନ୍ତି । କିଛିଦିନ ପରେ ଅତି ଶୋଚନୀୟ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟେ । ସହଯୋଗୀ ଜାପାନୀଙ୍କ ଉପରେ ନେତାଜୀଙ୍କର ଅଗାଧ ବିଶ୍ୱାସ ଥିବାରୁ ସେ ତାଙ୍କର କୌଣସି ଗତିବିଧିକୁ ସନ୍ଦେହପୂର୍ଣ୍ଣ ଦୃଷ୍ଟିରେ ଆଦୌ ଦେଖି ନଥିଲେ । ପରିସ୍ଥିତିର ଆବଶ୍ୟକତା ବି ଥିଲା ସେଇୟା । ସପ୍ତମ ୱିଙ୍ଗସ୍ ସମ୍ମୁଖରେ ଦେଶପ୍ରେମୀ ଶହୀଦ୍‌ଙ୍କ ଉଦ୍ଦେଶ୍ୟରେ ଦୁଇ ମିନିଟ୍‌ର ନିରବ ପ୍ରାର୍ଥନା କରିବା ପରେ ନେତାଜୀ ଫେରି ଆସନ୍ତି ରସ୍ ଦ୍ୱୀପରେ ଥିବା ଚିଫ୍ କମିଶନରଙ୍କ ବଙ୍ଗଳାକୁ ।

ସେଇଦିନ ରାତିରେ ନେତାଜୀ ଏକ ରାତ୍ରିଭୋଜର ଆୟୋଜନ କରନ୍ତି ଏଡ଼୍‌ମିରାଲ ଇଶିକାୱା ଓ ଅନ୍ୟ ଜାପାନୀ ଅଧିକାରୀଙ୍କ ସମ୍ମାନରେ । ପୂର୍ବଦିନ ସନ୍ଧ୍ୟାରେ ନିମନ୍ତ୍ରିତ ଭାରତୀୟ କେତେଜଣ ବି ସେଦିନ ଆସିଥାନ୍ତି । ସେଇ ଅବସରରେ ଟିକିଏ ସୁବିଧା ପାଇବାରୁ ଇଣ୍ଡିଆନ୍ ଇଣ୍ଡିପେଣ୍ଡେନ୍ସ ଲିଗ୍‌ର ଚେୟାରମେନ୍ ରାମକୃଷ୍ଣ ତା' ପରଦିନ ସିଙ୍ଗାପୁର ଫେରିବା ପୂର୍ବରୁ ନେତାଜୀଙ୍କୁ ପୋର୍ଟବ୍ଲେୟାର ଠାରେ ଥିବା ଲିଗ୍‌ର କାର୍ଯ୍ୟାଳୟ ପରିଦର୍ଶନ କରିବାର ପ୍ରସ୍ତାବ ରଖନ୍ତି । ତାଙ୍କ ଉଦ୍ଦେଶ୍ୟଥାଏ ଏକାନ୍ତରେ ତାଙ୍କୁ ଦ୍ୱୀପର ବିଷମ ପରିସ୍ଥିତି ବିଷୟରେ ଅବଗତ କରାଇ ତାହାର କିଛି ସମାଧାନର ପନ୍ଥା ବାହାର କରିବାକୁ ଅନୁରୋଧ କରିବାର । ନେତାଜୀ ତତ୍‌କ୍ଷଣାତ ତାଙ୍କ ପ୍ରସ୍ତାବରେ ସମ୍ମତି ପ୍ରକାଶ କରି ତାହାର ବ୍ୟବସ୍ଥା କରିବା ପାଇଁ ଏଡ୍‌ମିରାଲଙ୍କୁ ସୂଚିତ କରନ୍ତି । ପୂର୍ବ ନିର୍ଦ୍ଧାରିତ କାର୍ଯ୍ୟକ୍ରମରେ ଏହା ଏକ ଅପ୍ରତ୍ୟାଶିତ ପରିବ□ନ ଥାଏ । ସମସ୍ତଙ୍କୁ ଚିନ୍ତା ଘାରେ କେମିତି କ'ଣ କରିବେ ବୋଲି । ଜାପାନୀମାନେ ଚାହୁଁ ନଥାନ୍ତି ତାଙ୍କ ନିୟନ୍ତ୍ରିତ ସ୍ଥିତି ଭିତରେ କେହି ଦ୍ୱୀପବାସୀ ନେତାଜୀଙ୍କ ସହ କୌଣସି ପ୍ରକାର କଥାବା□ା କରୁ । କିଛି ସମୟ ଚିନ୍ତିତ ରହିବା ପରେ ସେମାନେ ଏକ ବୁଦ୍ଧି ବାହାର କରନ୍ତି ଯାହା ଆସନ୍ତା ଦିନ ଲିଗ୍‌ର ସମସ୍ତ ଯୋଜନାକୁ ପଣ୍ଡ କରିବାରେ ସଫଳ ହୁଏ ।

ନେତାଜୀ ଡିସେମ୍ବର ୩୧ ତାରିଖ ଦିନ ସକାଳ ଆଠଟା ବେଳେ ଲିଗ୍‌ର ମୁଖ୍ୟାଳୟରେ ପହଂଚିବାର ସ୍ଥିର ହୁଏ । ସକାଳୁ ସକାଳୁ ରାମକୃଷ୍ଣ ସ୍ୱାଗତ ସମାରୋହର ବ୍ୟବସ୍ଥା କରିବା ପାଇଁ ସେଠାରେ ପହଂଚିଲା ବେଳେ ହଲ୍ ଭିତରେ ଓ ବାହାରେ ନାହିଁ ନଥିବା ଭିଡ଼ ଦେଖି ଚମକି ପଡ଼ନ୍ତି । କୋଳାହଳମୟ ପରିବେଶରେ ଚାରିଆଡ଼େ ସମ୍ପୂର୍ଣ୍ଣ ଅବ୍ୟବସ୍ଥା । ମହିଳାମାନେ ତାଙ୍କ ନିଦ୍ରିତ ଛୁଆଙ୍କୁ କୋଳରେ ଧରି ତଳେ ଚଟାଣ ଉପରେ ବସିଥାନ୍ତି । ଯଥାଶୀଘ୍ର ସେଇସ୍ଥାନ ଖାଲି କରିବା ପାଇଁ ଆଦେଶ ଦେଲାବେଳେ ପୋଲିସ୍ ଅଫିସର ତାଙ୍କୁ ବାରଣ କରି କହନ୍ତି ଏଇ ଭିଡ଼ ଜାପାନୀଙ୍କ ନିର୍ଦ୍ଦେଶରେ ହିଁ ସେଠାରେ ଏକତ୍ରିତ ହୋଇଅଛି ବୋଲି । ଯଥା ସମୟରେ ନେତାଜୀ ଆସି ପହଂଚନ୍ତି । ତାଙ୍କୁ ବଡ଼ କଷ୍ଟରେ ଭିଡ଼ ଭିତର ଦେଇ ମଂଚ ଉପରକୁ ନିଅନ୍ତି ଜାପାନୀ ଅଧିକାରୀମାନେ । ବିଭିନ୍ନ ବିଷୟ ଉପରେ ତାଙ୍କ ସହ ଆଲୋଚନା କରିବାକୁ ଅନେଇ ବସିଥିବା ଲିଗ୍‌ର ସଦସ୍ୟମାନେ ଭିଡ଼ ଭିତରେ କୋଉଠି ଏମିତି ହଜି ଯାଇଥାନ୍ତି ଯେ ପରସ୍ପରକୁ ବି ଭେଟିବା ସମ୍ଭବ ହୋଇ ପାରେନି ସେମାନଙ୍କ ପକ୍ଷରେ । ଘୋର ଅବ୍ୟବସ୍ଥା ଭିତରେ କାହାକୁ ବି କିଛି କଥା ହେବାପାଇଁ ସୁଯୋଗ ମିଳେନି । ଲିଗ୍ ଚେୟାରମେନଙ୍କ ସଂକ୍ଷିପ୍ତ ସ୍ୱାଗତ ଭାଷଣ ତଥା ନେତାଜୀଙ୍କ ସମ୍ବୋଧନ ଉପସ୍ଥିତ ଜନତାଙ୍କ ହୋହଲ୍ଲା ଓ ଛୁଆଙ୍କ କନ୍ଦାକଟା ଭିତରେ କୋଉଠି ଲୀନ ହୋଇଯାଏ । ଲିଗ୍ ମୁଖ୍ୟାଳୟରେ ଲୋକଙ୍କ ଭିଡ଼ ଏକତ୍ରିତ କରିବା ଥିଲା ଚତୁର ଜାପାନୀଙ୍କ ଏକ ଚାଲ୍ । ରାତି ଦୁଇଟା ବେଳକୁ ଗଭୀର ନିଦ୍ରାରେ ଶୋଇଥିବା ପୁରୁଷ, ମହିଳା ଓ ଛୁଆଙ୍କୁ ନିଦରୁ ଉଠାଇ କିଛି କାରଣ ବିଷୟରେ ନଜଣାଇ, ତାଙ୍କୁ ଆଣି ହଲ୍ ଭିତରେ ଖୁନ୍ଦି ଖୁନ୍ଦି ଭ□ କରିଦିଆଯାଏ । ଏହାଦ୍ୱାରା ଲିଗ୍‌ର ଯୋଜନାକୁ ପଣ୍ଡ କରିବା ଥିଲା ସେମାନଙ୍କ ଲକ୍ଷ୍ୟ । ଏଥି ସହିତ ନେତାଜୀଙ୍କ ଅସାମାନ୍ୟ ଲୋକପ୍ରିୟତା ମଧ୍ୟ ପ୍ରଦର୍ଶିତ କରିବାରେ ସେମାନେ ସଫଳ ହୁଅନ୍ତି । କିନ୍ତୁ ବାସ୍ତବରେ ରାତ୍ରି ଭୋଜନ ପରେ ରାମକୃଷ୍ଣ କେବଳ ଦଶ ବାରଜଣ ଲିଗ୍‌ର ସଦସ୍ୟଙ୍କୁ ହିଁ ମୁଖ୍ୟାଳୟଠାରେ ଉପସ୍ଥିତ ରହିବାକୁ ନିମନ୍ତ୍ରିତ କରିଥାନ୍ତି । ସମ୍ପୂର୍ଣ୍ଣ କାର୍ଯ୍ୟକ୍ରମର ଅବଧି ଥାଏ ପ୍ରାୟ ଅଧଘ[ା । ବଡ଼ କଷ୍ଟରେ ନେତାଜୀଙ୍କୁ ହଲ୍ ଭିତରୁ ବାହାରକୁ ଅଣାଯାଏ । ଲିଗ୍‌ର ସଦସ୍ୟମାନେ କେବଳ ଆଜାଦ୍ ହିନ୍ଦ ସରକାରଙ୍କୁ ଶୀଘ୍ର ଶାସନଭାର ସମ୍ଭାଳିବାର ଅନୁରୋଧ ହିଁ କରି ପାରନ୍ତି । ତାଙ୍କ ଏଇ ପ୍ରସ୍ତାବକୁ ନେତାଜୀ ଯଥାଶୀଘ୍ର ଲାଗୁ କରିବାର ଆଶ୍ୱାସନା ଦେଇ ଦ୍ୱୀପରୁ ପ୍ରସ୍ଥାନ କରନ୍ତି । (କ୍ରମଶଃ)

ସା./ପୋ- ଧର୍ମଶାଳା, ଜି- ସୁବର୍ଣ୍ଣପୁର, ଓଡ଼ିଶା-୭୬୭୦୩୪, (ମୋ) ୯୪୩୭୨୫୩୭୧୫

# ଧ୍ୱନି ପ୍ରତିଧ୍ୱନି

ବାଲେଶ୍ୱର
ରବିବାର, ୦୬ ନଭେମ୍ବର, ୨୦୨୨

ସୁଚୟନ ସୁଚୟନ ସୁଚୟନ ସୁଚୟନ ସୁଚୟନ ସୁଚୟନ
ସୃଜନର ସୁରମ୍ୟ ସମ୍ଭାର

email : rabibarachayan2015@gmail.com




## ଜୀବନଯାତ୍ରା
### ଡକ୍ଟର ମନୋରଞ୍ଜନ ବିଷୋୟୀ

ଏ ବିଶାଳ ପୃଥିବୀରେ ମନୁଷ୍ୟ ମୁକ୍ତ ଭାବରେ ଜନ୍ମନିଏ । ଜନ୍ମ ପରବର୍ତ୍ତୀ ସମୟ ଠାରୁ ବିଭିନ୍ନ ଭାବରେ ତା'ର ପ୍ରସାରଣର ମାର୍ଗ ଅବରୁଦ୍ଧ ହୋଇଉଠେ । କୁହାଯାଏ ମନୁଷ୍ୟ ଯେଉଁ ବନ୍ଦୀଶାଳାରେ ଅବରୁଦ୍ଧ; ତା'ର ସମସ୍ତ ଦ୍ୱାର ଉନ୍ମୁକ୍ତ ରହିଥାଏ । କିନ୍ତୁ ଏଇ ଦ୍ୱାର ଦେଇ ଅନ୍ୟ ଗୋଟିଏ ପରିସରକୁ ଗଲାବେଳେ ତାହା ମନେହୁଏ; ଯେପରି ଅନ୍ୟ ଏକ ବନ୍ଦୀଶାଳାର ପ୍ରବେଶ ଦ୍ୱାର । ବିଭିନ୍ନ ସମୟରେ ବିଭିନ୍ନ ପରିପ୍ରେକ୍ଷୀରେ ବ୍ୟକ୍ତିର ସ୍ୱଚ୍ଛନ୍ଦ ପରିପ୍ରକାଶ ଅବରୁଦ୍ଧ ହୋଇଥିବା ଭଳି ମନେହୁଏ । କିନ୍ତୁ ଏସବୁ ସତ୍ତ୍ୱେ ବଞ୍ଚିବାର ମୋହ ମନୁଷ୍ୟକୁ ଜଡ଼େଇ ରଖେ । ସବୁ ପ୍ରତିକୂଳତା ଭିତରେ ଜିଇଁବାର ଦୁର୍ବାର ବାସନା ଅନାହତ ହୋଇ ରହିଥାଏ । ଯଥାର୍ଥରେ କହିବାକୁ ଗଲେ ମନୁଷ୍ୟ ହେଉଛି ନିଜେ ସବୁ ଦୁଃଖର କାରଣ । ମନୁଷ୍ୟ ସମାଜ ଗଢ଼େ; ନିତି, ନିୟମ ଓ ଆଦର୍ଶର ଦ୍ୱାହି ଦେଇ ଆପଣା ନିମନ୍ତେ ଏକ ଆଦର୍ଶ ତିଆରି କରିଥାଏ । ଦୁର୍ବାର ମନର ଆହ୍ୱାନରେ ଏହାକୁ ଭାଙ୍ଗିବାକୁ ଚେଷ୍ଟା କରେ । ନିଜେ ହିଁ ପାପ ପୁଣ୍ୟର ମଧ୍ୟବିନ୍ଦୁରେ ପେଣ୍ଡୁଲମ୍ ଭଳି ଏପଟ ସେପଟ ହୁଏ । ନିଜର ବିଜ୍ଞତା / ଅଜ୍ଞତା ବିଶ୍ୱ ପ୍ରବାହରୁ କିଛି ବି ପରିବର୍ତ୍ତନ ଆଣିବାର ସମର୍ଥ ହୁଏନାହିଁ ।କାରଣ କାଳ ଓ ସ୍ରୋତ କାହାକୁ ଅପେକ୍ଷା କରେନାହିଁ । ସମୟର ଧାରାରେ ଉତ୍ଥାନ ପତନ ଦେଇ ଗତି କରୁଥିବା ମନୁଷ୍ୟ ତା'ର ଚତୁର୍ଦ୍ଦିଗର ପରିବର୍ତ୍ତନକୁ ଅନୁଭବ କରେ । ଦର୍ଶନ ଓ ତତ୍ତ୍ୱର ନିବିଡ଼ ପରିସରରେ ତାକୁ ପରଖିବାକୁ ଚେଷ୍ଟା କରେ ।

ଏ ପରିପ୍ରେକ୍ଷୀରେ କହିରଖେ ଭାରତୀୟ ଦୃଷ୍ଟିକୋଣରେ ଜୀବନ ହେଉଛି ଏକ ରଙ୍ଗମଞ୍ଚ । ବିଶ୍ୱନିଅନ୍ତାଙ୍କ ନିର୍ଦ୍ଦେଶରେ ସମସ୍ତଙ୍କୁ ଏଠାରେ ଆପଣା ଆପଣାର ଅଭିନୟ ପ୍ରଦର୍ଶନ କରିବାକୁ ପଡ଼ିଥାଏ । ଏହି ରଙ୍ଗମଞ୍ଚରେ ବିଭିନ୍ନ ଭୂମିକାରେ ଅଭିନୟ କଲାବେଳେ ଅନେକ ସମୟରେ ନିଜର ସ୍ଥିତି ଭୁଲିଯାଏ ମନୁଷ୍ୟ । ଗଭୀର ତନ୍ମୟତାରେ ଆପେ ହିଁ ଘାରି ହୁଏ । ଏ ମୋହରୁ ମୁକ୍ତି ପାଇବା ହିଁ ହେଉଛି ଜୀବନର ଲକ୍ଷ୍ୟ । କିନ୍ତୁ ଏଠାରେ କହିରଖେ ସନାତନ ଆର୍ଯ୍ୟ ପରମ୍ପରାରେ ମନୁଷ୍ୟ ଜନ୍ମ ଓ ମୃତ୍ୟୁକୁ ଜୀବନର ଆରମ୍ଭ ଓ ଶେଷ ଭାବରେ ଗ୍ରହଣ କରିନାହିଁ । ପୁଣି ସେ ଜିଉଁଥିବା ଜୀବନ ତା'ର ସବୁକିଛି ନୁହେଁ । ସେ ସମକାଳରେ କେବଳ ବଞ୍ଚେ ନାହିଁ । ଅତୀତର କର୍ମଫଳ ଯେମିତି ଅନୁରଣିତ ହେଉଥାଏ ସମଗ୍ର ଜୀବନ । ପୁଣି ଆଗାମୀ ଜନ୍ମ ନିମନ୍ତେ କିଛି ସଞ୍ଚିତ କରି ରଖିବାର ବ୍ୟଗ୍ରତା ତାକୁ ଉଦ୍‌ଗ୍ରୀମ କରେ; ସତରେ କ'ଣ ପୁନର୍ଜନ୍ମ ସତ୍ୟ ? ପୁଣି ଅତୀତର କର୍ମଫଳ ନେଇ ବାକିଥିବା ଜୀବନ କାଟିବାକୁ ପଡ଼େ । ଏହିପରି ଏକ ଆବେଗର ସମାହାର ହେଉଛି ମନୁଷ୍ୟ ଜୀବନ । ତେଣୁ ତ କୁହାଯାଏ ଜୀବନର ଗତି ବଡ଼ ବୈଚିତ୍ର୍ୟମୟ । ଏହି ସତ୍ୟକୁ ବୁଝିବା ପାଇଁ ଯୁଗେ ଯୁଗେ ମାନବ ଖୋଜିଛି ବିଭିନ୍ନ ପଥ । କିନ୍ତୁ ଜୀବନର ସୀମିତ ପରିଧି ଭିତରେ ହୁଏତ ସମ୍ଭବ ହୋଇପାରିନାହିଁ ଏହାର ସମାଧାନ ।

ପରିଶେଷରେ କେବଳ ଏତିକି କହିବି ମାନବ ଜୀବନ ହେଉଛି ଏକ ଅନ୍ୱେଷା । ଏ ଅନ୍ୱେଷାର ଧାରା ଗଡ଼ିଆସିଛି ଅବାରିତ ଭାବରେ କାଳ କାଳ ଧରି । ବିଶ୍ୱ ପ୍ରଦକ୍ଷଣ ପରେ ଅନ୍ତରୀକ୍ଷ ଯାତ୍ରା ସାରି ସତେ ଯେମିତି ମନେ ହୋଇଛି ସବୁ ଅନ୍ୱେଷା ବୃଥା । ଏ ପିଣ୍ଡ ହିଁ ତ ବ୍ରହ୍ମାଣ୍ଡ । ଏଇଠି ନିତ୍ୟ ବୃନ୍ଦାବନ । ସୋଽହଂର ସ୍ୱର ନିନାଦିତ ହୁଏ ସଚରାଚର । ଜଗତ ରହେ ମନର ମୂଳରେ । ତେଣୁ ତ ଦୃଶ୍ୟମାନ ଜଗତ ହେଉଛି ମନର ଏକ ରୂପାନ୍ତରଣ । ଚିତ୍ତବୃତ୍ତିର ପ୍ରତିଫଳନ ନେଇ ଦିଗ୍‌ବିଦିଗ ଖେଳିଯାଏ ଭାବନାର ତରଙ୍ଗ । ସବୁ ସ୍ୱପ୍ନ, ସବୁ ବିଶ୍ୱାସ, ସବୁ ଆଶ୍ୱାସନା, ସବୁ ପ୍ରାପ୍ତି ଓ ଅପ୍ରାପ୍ତି ବେଦନା ତିଆରି ହୁଏ ଆପେ ଆପେ ଏବଂ ନିଶ୍ଚିହ୍ନ ମଧ୍ୟ ହୁଏ ।


♥ ସ୍ନାତକୋତ୍ତର ଓଡ଼ିଆ ବିଭାଗ, ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ
(ମୋ) ୮୮୯୫୧୪୧୭୨୭


## ପ୍ରଗତି ପଥରେ ଆଧୁନିକ ଓଡ଼ିଶା
### ଦୀନବଂଧୁ ବେଜ

ପ୍ରାଚୀନ କାଳରେ ଓଡ଼ିଶା ତାର ଐତିହ୍ୟ ପରମ୍ପରା ବେପାର ବାଣିଜ୍ୟ ପାଇଁ ଦେଶ ବିଦେଶରେ ଖ୍ୟାତ ଥିଲା, ଓଡ଼ିଶାର ସାଧବ ପୁଅମାନେ ଯାହାଜରେ ଓଡ଼ିଶାରୁ ଉତ୍ପାଦିତ ବିଭିନ୍ନ ଦ୍ରବ୍ୟ ଯେପରି ଟସର ଲୁଗା, ପାଟ ଶାଢୀ, ସୁଗନ୍ଧି ଦ୍ରବ୍ୟ ଶୁଷ୍କ ଫଳ ଓ ମସଲା ଇତ୍ୟାଦି ସେଠାରେ ବ୍ୟବସାୟ କରି ଭଲ ମୁଦ୍ରା ନେଇ ଘରକୁ ପ୍ରତ୍ୟାବର୍ତ୍ତନ କରୁଥିଲେ । ଓଡ଼ିଶାରେ ରାଜା କପିଳେନ୍ଦ୍ରଦେବ, ନରସିଂହ ଦେବ, ପୁରୁଷୋତ୍ତମ ଦେବ ପ୍ରଭୂତିଙ୍କ ଶାସସକାଳକୁ ସୁବର୍ଣ୍ଣ ଯୁଗ କୁହା ଯାଉଥିଲା ।

ସେହି କାଳକୁ ଉତ୍କର୍ଷ ଓଡିଶା କୁହା ଯାଉଥିଲା ।

ମାତ୍ର ଆଧୁନିକ ଓଡ଼ିଶା କଥା ଉଠିଲେ ରବିନ୍ଦ୍ରନାଥଙ୍କ ରଚିତ ଜାତୀୟ ସଂଗୀତରେ ଜନଗଣ ମନ ଅଧିନାୟକ ରେ ଉତ୍କଳ ନାମ ସଗର୍ବେ ଉଚ୍ଚାରିତ ହୁଏ । ସ୍ୱଚ୍ଛତାରେ ନିଜକୁ ଦେଶର ଏକ ନମ୍ବର ଦାବି କରି ଓଡ଼ିଶା ଦୁନିଆକୁ ଆଶ୍ଚର୍ଯ୍ୟ ଚକିତ କରି ଦେଇଛି । ଦେଖିବାକୁ ଗଲେ ଆୟତନ ଦୃଷ୍ଟିରୁ ୮ ନମ୍ବର ଥିବା ଓଡିଶାର ବଙ୍ଗୋପ ସାଗର ଉପକୂଳର ଦୈର୍ଘ୍ୟ ୮୫ କିଲୋମିଟର ଏବଂ ଏହା ପଡୋଶୀ ରାଜ୍ୟ ଝାଡଖଣ୍ଡ, ପଶ୍ଚିମବଙ୍ଗ, ଆନ୍ଧ୍ରପ୍ରଦେଶ, ତେଲେଙ୍ଗାନା, ଛତିଶଗଡ଼ରାଜ୍ୟ ସହ ଲାଗିକରି ରହିଛି । ୧,୫୫,୭୦୭ ବର୍ଗ କିଲୋମିଟର ପରିବ୍ୟାପ୍ତ ଆମ ଓଡ଼ିଶା ରାଜ୍ୟରେ ପାଖାପାଖି ୪.୬୮ କୋଟି ଲୋକ ବସବାସ କରନ୍ତି । ଏହି ରାଜ୍ୟର ସ୍ୱାକ୍ଷର ୭୨.୯ ଶତକଡ଼ା ଯାହା ଭାରତ ବର୍ଷ ଠାରୁ ସାମାନ୍ୟ କମ । ଶିଳ୍ପ କ୍ଷେତ୍ରରେ ଓଡ଼ିଶାରେ ନିଅଁ ପକାଇ ଥିବା ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ଉଦ୍ଦେଶ୍ୟରେ ଏକ କବିତା ପଙ୍‌କ୍ତି ଏଠାରେ ମନେ ପଡ଼େ ।

କହିଲା ଜାତିର କାନେ କାନେ
ଉଠିବୁ ଆଉତୁ କେତେ ଦିନେ ।
ଉତ୍କଳ ଗୌରବ ଉତ୍କଳ ମହିମା
ପଡୁ ନାହିଁକିରେ ତୋର ମନେ ।

ଏକଥା ବିଚାର କଲେ ଦେଖାଯିବ ନବନିର୍ମାଣ କ୍ଷେତ୍ରରେ ଉତ୍କଳ ମୁଣ୍ଡ ଟେକୁଥିଲା ତାହା ସ୍ୱୀକାର କରିବାକୁ ପଡିବ ।

ଯୋଗାଯୋଗ ପାଇଁ ବିସ୍ତିର୍ଣ୍ଣ କୋଷ୍ଟ କେନାଲ ସହିତ ଚାରି ଆଡ଼େ ପକ୍କା ରାସ୍ତା ସହିତ ଡିଜିଟାଲ କ୍ରାନ୍ତି ଆଜି ଦେଶକୁ ଆଗକୁ ବଢ଼ିବାରେ ସାହାଯ୍ୟ କରିଛି । ସୁଦୀର୍ଘ ବେଳାଭୂମି ସାଙ୍ଗକୁ ପରିବହନ ପାଇଁ ରେଲୱେ କ୍ଷେତ୍ରରେ ଓଡ଼ିଶା ବହୁ ଆଗରେ । ଏ କ୍ଷେତ୍ରରେ ବର୍ତ୍ତମାନ ଆମ କ୍ଷେତ୍ର ଓଡ଼ିଶା ବହନ କରୁଥିବା ବିଶିଷ୍ଟ ବନ୍ଦର ମାନ ବିଶେଷ ଭାବରେ ସହାୟକ ହୋଇ ପାରୁଛି । ପାରାଦୀପ, ଧାମରା, ଗୋପାଳପୁର ପରି ବନ୍ଦର ଭିତ୍ତିକ ଶିଳ୍ପାଞ୍ଚଳ ପ୍ରାୟତଃ ପ୍ରସ୍ତୁତ କରାଯାଉଛି ଓଡିଶା ଅର୍ଥନିତୀକୁ ବହୁଗୁଣିତ କରିବାପାଇଁ, ବର୍ତ୍ତମାନ ଆମ ଧାମରା ବନ୍ଦର ଏ କ୍ଷେତ୍ରରେ ପ୍ରମୁଖ ଭୂମିକା ଗ୍ରହଣ କରିବାକୁ ଯାଉଛି । ଯେପରି ଖାଦ୍ୟ ପ୍ରକ୍ରିୟାକରଣ, ଔଷଧ ଶିଳ୍ପ, ବୟନ ଶିଳ୍ପ ରାସାୟନ ଶିଳ୍ପ ପ୍ରଭୂତି ହେବା ପାଇଁ ଅଲଗା ଅଲଗା ଜୋନ ପ୍ରସ୍ତୁତ କରା ଯାଉଛି । ଯେପରି ପରିବେଶ ଉପଯୋଗୀ ହେବ ସେହି ପରି ଭାବେ ଏହି ଶିଳ୍ପାଞ୍ଚଳ ପ୍ରସ୍ତୁତ କରିବା ସହ ବିଭିନ୍ନ ଜୋନରେ ବିଭକ୍ତ କରି ଏହାକୁ ଉନ୍ନତି କରାଯାଉଛି । . ଖାଲି ଆମର ନୁହେଁ ପାରାଦ୍ୱୀପ, ଗୋପାଳପୁର, କଳିଙ୍ଗନଗର, ପରି ଅଂଚଳ ବର୍ତ୍ତମାନ ଏହି ଫୋକସ ଭିତରେ । ସେଥିପାଇଁ ଓଡ଼ିଶାର ଶିଳ୍ପକୁ ପାଦେ ଆଗକୁ ନେବାକୁ ଗଠିତ ହୋଇ ଯାଇଛି ଓ ହବ ।

ଯାହା ରାଜଧାନୀ ଭୁବନେଶ୍ୱର ଅବସ୍ଥିତ । ଏହା ପ୍ରାୟ ୧୫୦ଟି କମ୍ପାନୀ ସମ୍ମିଳିତ ଭାବରେ ଆଗକୁ ବଢିବ ତାଙ୍କୁ ସମସ୍ତ ସହଯୋଗ ଯେପରି ବିଜୁଳି, ପାଣି , ଜମି, କଞ୍ଚାମାଲ , ଓ ଆର୍ଥିକ ସହଯୋଗ ସହ ଗ୍ରାହକ ବ୍ୟବସ୍ଥା ପାଇଁ ଏଠାରେ ଏକ୍ସପଟ ମାନଙ୍କୁ ଉପସ୍ଥାପିତ କରା ଯାଇଛି ।

ଯେପରି ଏକ ପରିସଂସ୍ଥାରେ ସମସ୍ତ ଜୀବ ଏକତ୍ର ସହବସ୍ଥାନ କରନ୍ତି ପରସ୍ପର ମିଳିମିଶି ବେଶ ଆନନ୍ଦରେ କାଳାତିପାତ କରିନ୍ତି ଓଡିଶାର ଏହି ପରିକଳ୍ପନା ଠିକ ସେଇଆ । ସେଇଠି କର୍ପୋରେଟ ଅଫିସ ଏକ ଛାତ ତଳେ ରହି ଆନ୍ତର୍ଜାତୟ ବ୍ୟବସାୟାର ନିଅଁ ପଡ଼ି ପାରିବ । ତତ ସହିତ ଓଡ଼ିଶାରେ ବ୍ୟବସାୟିକ ଛବି ବହୁତ ଦିଗନ୍ତ ପ୍ରସାର ହେବାକୁ ଯାଉଛି ।

କଥାରେ ଅଛି ଏହାର ମାଟି ଛୁଇଁଲେ ସୁନା, ଏହାର ପାଣିଦିଏ ପଇସା ଗଣି ଗଣି ,ଏହାର ପବନ ଟାଣି ଆଣେ ଅନେକ ପର୍ଯ୍ୟଟକ । ଆପଯନ୍ତ ପ୍ରାକୃତିକ ସଂପଦ ଖଣିଖାଦାନ ବିସ୍ତିର୍ଣ୍ଣ ବେଳାଭୂମି ଏପରି କି ସାରା ଦେଶକୁ ୫୦ ପ୍ରତିଶତ ଲୌହ ଖଣିଜ,ଆଲୁମିନିୟମ ସହ ସାରା ଦେଶକୁ ସାମୁଦ୍ରିକ ଖାଦ୍ୟ ଉପାଦନରେ ଓଡିଶା ଏବେ ଆଗରେ । ଏଠିକାର ମାନବ ସମ୍ବଳ ମଧ ପ୍ରଚୁର । ଏହି ସବୁକୁ ବିନିଯୋଗ କରି ଆଗାମୀ ଦିନରେ ଆମ ଓଡିଶା ନିଶ୍ଚିତ ଏକ ନୂଆ ଓଡ଼ିଶା ଦେଖିବାକୁ ଯାଉଛି ଏହା ସଭିଙ୍କୁ ମାନିବାକୁ ପଡିବ ।

ଫଳରେ ଖୁବ ଶିଘ୍ର ବାଣିଜ୍ୟ ବସତେ ଲକ୍ଷ୍ମୀ ଉକ୍ତିର ଯଥାର୍ଥତା ପ୍ରତିପାଦନ ହେବାକୁ ଯାଉଛି ।


♥ ସଂପାଦକ, ଜାତୀୟ କବି ଲେଖକ ସଂଗଠନ
ବାସୁଦେବପୁର, ଭଦ୍ରକ, ଓଡ଼ିଶା


## ସ୍ମୃତି ଶତଦଳ ୨୬୪



## ନୃତ୍ୟ ଏକ ଅନୁପମ କଳା


ଡା. ସରୋଜିନୀ ଷଡଙ୍ଗୀ
♥ ଲିଙ୍କରୋଡ୍, କଟକ-୧୨
ଫୋନ୍-୯୪୩୭୦୫୫୦୦୭


(ପୂର୍ବ ପ୍ରକାଶିତ ଉତ୍ତାରୁ)

ଯେଉଁମାନେ କଳାକାର, ସେମାନେ ସଂଗୀତଜ୍ଞ ହୁଅନ୍ତୁ ଲେଖକ ହୁଅନ୍ତୁ କିମ୍ବା ଚିତ୍ରକର ହୁଅନ୍ତୁ, ନୃତ୍ୟକୁ ଖୁବ୍ ଭଲ ପାଇଥାନ୍ତି । ନୃତ୍ୟର ତାଳ, ଲୟ ଓ ଛାନ୍ଦ ତଥା ନୂପୁରର ମୃଦୁ ମୃଦୁ ନିକ୍ୱଣ କେବଳ ମନ ଓ ହୃଦୟ ନୁହେଁ, ସାରା ପରିବେଶକୁ ଏକ ଚମତ୍କାର ମୁଗ୍ଧତାରେ ଭରି ଦେଇଥାଏ । ନର୍ତ୍ତକ ବା' ନର୍ତ୍ତକୀମାନେ ପ୍ରଭୁଙ୍କର ଆଶୀର୍ବାଦ ନେଇ ଏ ପୃଥିବୀରେ ଜନ୍ମ ଗ୍ରହଣ କରିଥାନ୍ତି ଏବଂ ନୃତ୍ୟର ପ୍ରତ୍ୟେକଟି ମୁଦ୍ରାରେ ଏବଂ ପାଦର ଘୂର୍ଣ୍ଣନରେ ତଥା ଘୁଂଘୁରର ଝଙ୍କାରରେ ସମସ୍ତଙ୍କୁ ମୋହି ନିଅନ୍ତି । ସେ ନୃତ୍ୟ ଓଡିଶୀ ହେଉ କି କଥକ, କଥାକଳୀ ହେଉ ବା' ଭାରତନାଟ୍ୟମ, ସାଧାରଣ ଛଉ ନୃତ୍ୟଟିଏ ହେଉ ବା' ର୍‍ୟାମ୍ପ ହେଉ, କିମ୍ବା ମାଇକେଲ ଜ୍ୟାକସନଙ୍କର ମ୍ୟୁଜିକର ତାଳେ ତାଳେ ଡିସ୍‌କୋ ନୃତ୍ୟ ହେଉ, ନୃତ୍ୟ ହିଁ ସବୁବେଳେ ଚମତ୍କାର ନୃତ୍ୟ ହିଁ ସବୁବେଳେ ଲାସ୍ୟଭରା ଲଳିତ ଅଙ୍ଗଭଙ୍ଗୀର ମୁଗ୍ଧ ରୂପାୟନ । ସଂଗୀତ ସହ ନୃତ୍ୟର ମଧ୍ୟ ମୁଁ ପୂଜାରିଣୀ ଥିଲି ।

ଜୀବନର ପ୍ରତ୍ୟେକଟି ଜିନିଷ, ସ୍ମୃତିର ସ୍ତବକଟିଏ ହୋଇ ମନ ଭିତରେ ରହିଥାଏ ଏବଂ ଏହା କୌଣସି ନା କୌଣସି ସ୍ମୃତି ସହ ଜଡିତ ହୋଇ ରହିଥାଏ । ଗୋଟିଏ ଜିନିଷ ମନେ ପଡିଗଲେ ସଙ୍ଗେ ସଙ୍ଗେ ସ୍ମୃତି ବାଣରେ ଅଗ୍ନିସଂଯୋଗ ହୋଇଯାଏ ଓ ଚାହୁଁ ଚାହୁଁ ଶହ ଶହ ଆତସବାଜି ଜଳି ଉଠେ । ଠିକ୍ ସେମିତି ନାଚ କଥା ମନେ ପଡିଲେ ପିଲାଦିନ ନାଚିବା କଥା ମନେ ପଡିଯାଏ ଏବଂ ତତ୍ ସହିତ ଜଡିତ ପ୍ରତ୍ୟେକ ଦୃଶ୍ୟ ମନେ ପଡିଯାଏ । ପିଲାଦିନେ ପୁଚି, ଡୁଡୁ ଖେଳ ଖେଳୁ ଖେଳୁ କିଛି କିଛି ନାଚ ମୁଁ ଶିଖିଥିଲି କିନ୍ତୁ ସୁନ୍ଦରଗଡରେ ରାଣୀ ଜାନକୀ ରତ୍ନ ଏମ.ଇ.ସ୍କୁଲରେ ପଢିବାବେଳେ ଆମ ସ୍କୁଲର ଆନୁଆଲ ଫଙ୍କସନରେ ଷ୍ଟେଜ୍‌ରେ ସୋଲୋ ଡ୍ୟାନ୍ସ ଓ ଗ୍ରୁପ ଡ୍ୟାନ୍ସ କରିବା ଆରମ୍ଭ କରି ଦେଇଥିଲି ।

**ଜୀବନର ପ୍ରତ୍ୟେକଟି ଜିନିଷ, ସ୍ମୃତିର ସ୍ତବକଟିଏ ହୋଇ ମନ ଭିତରେ ରହିଥାଏ ଏବଂ ଏହା କୌଣସି ନା କୌଣସି ସ୍ମୃତି ସହ ଜଡିତ ହୋଇ ରହିଥାଏ ।**

ସପ୍ତସ ଶ୍ରେଣୀ ପାଶ୍ କଲାପରେ ମୁଁ ବ୍ରହ୍ମପୁର ହିଲପାଟଣା ଗାର୍ଲ ସ୍କୁଲରେ ନାମ ଲେଖାଇଲି କିନ୍ତୁ ଆମ ପାଲୁର ବଙ୍ଗଳା ଘର ପାଖରେ ନୃତ୍ୟର ପ୍ରାଚୀନ ଅନୁଷ୍ଠାନ 'ଗଂଜାମ କଳା ପରିଷଦ' ଥିଲା । ମୁଁ ଜାଣିଥିଲି ଗୁରୁଙ୍କ ପାଖରୁ ନାଚ ନ ଶିଖି ମନକୁ ମନ ଏମିତି ଦେଖି ଦେଖି ନାଚିଲେ ନୃତ୍ୟର ବିଭିନ୍ନ ଦିଗକୁ ଛୁଇଁହେବ ନାହିଁ ବା' ନୃତ୍ୟରେ କିଛି ଉନ୍ନତି ହେବ ନାହିଁ । ତେଣୁ ଭଲ ନାଚିବାକୁ ହେଲେ ରୀତିମତ ଟ୍ରେନିଂ ନେବାକୁ ପଡିବ ଏବଂ ସେଇ ନୃତ୍ୟ ସାଧନା ପାଇଁ ବେଶ୍ କିଛି ସମୟ ଦେବାକୁ ପଡିବ । ତେଣୁ ମୁଁ ନନାଙ୍କୁ ଅନୁରୋଧ କଲି ମୋ ନାଁ ଗଂଜାମ କଳା ପରିଷଦରେ ଥିବା ଡ୍ୟାନ୍ସ ସ୍କୁଲରେ ଲେଖାଇ ଦେବାକୁ ।

ନାଚ ସ୍କୁଲରେ ମୋ ନାଁ ଲେଖା ହୋଇଗଲା । ତା'ପରେ ସ୍କୁଲରୁ ଫେରିବା ପରେ ମୁଁ ପ୍ରସ୍ତୁତ ହୋଇଯାଏଁ ନାଚ ସ୍କୁଲ ଯିବା ପାଇଁ । ପ୍ରତ୍ୟେକ ଦିନ ସଂଧ୍ୟା ୬ରୁ ରାତି ୮ଟା ଯାଏଁ ନାଚର ଟ୍ରେନିଂ ଥାଏ । ପ୍ରାୟ ସମସ୍ତେ ଜାଣନ୍ତି, ଭଲ ଡ୍ୟାନ୍ସ ପାଇଁ ନିଜ ଶରୀରକୁ ଫିଟ ରଖିବା ଖୁବ୍ ଜରୁରୀ । ସେଥିପାଇଁ ବଡିର ମୁଭମେଣ୍ଟ କଲାବେଳେ ଜଏଣ୍ଟ ମାନଙ୍କୁ ଷ୍ଟିଫ ନରଖି ଡ୍ୟାନ୍ସ କରିବା ଜରୁରୀ । ମୋ ନାଚର ପ୍ରଥମ ଷ୍ଟେପ୍ ଗୁଡିକ ଥିଲା –"ତା ଥେଇ ଥେଇ ତାକ୍ , ତା' ଥେଇ ଥେଇ ତାକ୍ ।" ଗଂଜାମ କଳା ପରିଷଦରେ ଆମ ନୃତ୍ୟ ଗୁରୁ ଥିଲେ ସ୍ୱର୍ଗତଃ ଦେବୁ ବୋଷ, ଯିଏ ସୁନ୍ଦର ଭାବରେ ଆମକୁ ନାଚ ଶିଖଉଥିଲେ । ଶେଷରେ "ଦଶାବତାର" ନୃତ୍ୟ କଲାବେଳେ ମୁଁ ଆନନ୍ଦରେ ଉଛୁଳି ଉଠିଥିଲି । କିନ୍ତୁ ନାଚ କ୍ଲାସ ସାରି ଘରକୁ ଫେରିଲା ପରେ ଘରକୁ ଆସି କ୍ଳାନ୍ତ ହୋଇ ପଡୁଥିଲି ଏବଂ ବେଶୀ ସମୟ ପଢିପାରୁନଥିଲି । ବୋଉ ତ' ବ୍ୟସ୍ତ ହୁଏ, ନନା ଦିନେ ସନ୍ଧ୍ୟାରେ ଘରକୁ ଫେରିଲାବେଳକୁ ମୁଁ ନାଚକ୍ଲାସରୁ ଫେରି ପାଠ ପଢୁଥିଲି, କିନ୍ତୁ ଢୁଳେଇ ପଡୁଥିଲି । ହଠାତ୍ ନନା ସିଦ୍ଧାନ୍ତ ନେଇଗଲେ "ନାନା, ଆଉ ସରୋଜିନୀ ନାଚ କ୍ଲାସକୁ ଯିବ ନାହିଁ କି ନାଚ କରିବ ନାହିଁ ।" ମୁଁ ଯେତେ କନ୍ଦା କଟା କଲେ ବି, ନନା ଶୁଣିଲେନି, ବରଂ ମତେ ବୁଝେଇଲେ "ମା' ଲୋ !! ଥରେ ନାଚ କ୍ଲାସରେ ମାସ ମାସ ଧରି ଧା' କରି ଗୋଡ ପକାଇ ଦେଲେ ତୋର ମ୍ୟାଥମ୍ୟାଟିକ୍ସ ମାର୍କ ୧୦୦ରୁ ଖସି ୨୦ରେ ପହଞ୍ଚ ଯିବ, ଆଉ ନାଚ ଶିଖନା, ତୁ ପରା କ୍ଲାସରେ ଫାଷ୍ଟ ହେଉଛୁ, ତୁ ପରା ଡାକ୍ତର ହେବୁ ।" ଏତିକିରେ ମୋ ନୃତ୍ୟ ଶିକ୍ଷାରେ ଯବନିକା ପଡିଗଲା । ପରେ ଯେତେବେଳେ ଗଂଜାମ କଳାପରିଷଦର ବାର୍ଷିକ ଉତ୍ସବରେ ମୋ ସାଙ୍ଗମାନେ ଗୀତ ଗୋବିନ୍ଦର "ଲଳିତ ଲବଙ୍ଗଲତା ପରିଶୀଳନ, କୋମଳ ମଳୟ ସମୀରେ" ର ତାଳେ ତାଳେ ଗୀତ ଗାଇ ନାଚିଲେ, ମୋ ମନ ଭାରିଦୁଃଖ ହୋଇଗଲା । ମୁଁ କହିଲି "ନନା ମୁଁ ତ ଏମିତି ସୁନ୍ଦର ନାଚି ପାରିଥାନ୍ତି, ତୁମେ ଛାଡିଲ ନାହିଁ । ନନା ବୁଝେଇଲେ, ନାଇଁରେ ମା' ତୋ ପାଇଁ ଆହୁରି ବହୁତ କାମ ଠାକୁର ରଖିଛନ୍ତି, ତୁ ସେ ସବୁ କାମ କରିବୁ ।"

ଆଜି ମଧ୍ୟ ନୃତ୍ୟକଳାକୁ ସେତିକି ସମ୍ମାନ ଦେଉଛି ଯେତିକି ପିଲାଦିନେ ଦେଉଥିଲି । ଆଜି ମଧ୍ୟ ନିଖୁଣ ଭାବରେ ଦଶାବତାର ନୃତ୍ୟ କରିପାରିବାର ଆଗ୍ରହ ମୋର ଅଛି ଏବଂ ଏବେ ମଧ୍ୟ ନୃତ୍ୟରତା କୋମଳ କିଶୋରୀଟିଏ ମୋ' ଭିତରେ ବଞ୍ଚିଛି । (କ୍ରମଶଃ)

## ଧାରାବାହିକ ଅନୁବାଦ ଉପନ୍ୟାସ...(ଶେଷଭାଗ)

# ଶୁଖିଲା ପତ୍ର



ମୂଳ ହିନ୍ଦୀ – ଅମରକାନ୍ତ



ଅନୁସୃଜନ– ନମିତା ପାଇକରାୟ

(ଦ୍ୱିତୀୟ ଖଣ୍ଡ)
॥ ତିନି ବନ୍ଧୁ ॥

ଏ ସବୁ ଜନିଷ ଶ୍ରମିକମାନେ ମିଶି କରି ଶ୍ରମ ଓ କୌଶଳରେ କରୁଛନ୍ତି କିନ୍ତୁ ସେମାନେ ପଶୁତୁଲ୍ୟ ଜୀବନ କାହିଁକି ଜୀଉଁଛନ୍ତି ? କାହିଁକି ନା କିଛି ଲୋକଙ୍କ ଲାଭ ପାଇଁ ସେମାନେ ଏମାନଙ୍କୁ ଶୋଷଣ କରୁଛନ୍ତି । ତେଣୁ କେବଳ ରାଜନୈତିକ ସ୍ୱତନ୍ତ୍ରତାରେ କୌଣସି ସମାଧାନ ହୋଇ ପାରିବନି । ସ୍ୱତନ୍ତ୍ରତା ପରେ ଆମେ ଏମିତି ସରକାର ଗଢ଼ିବା ଯେ ଯେମିତି ଧନୀ ଲୋକ ଗରୀବ ଲୋକଙ୍କୁ ଶୋଷଣ କରି ପାରିବେନି । ଆମେ ଏମିତି ସରକାର ଗଢ଼ିବା ଯେମିତି ଧନୀ ଗରିବ ଭିତରେ ଭେଦ ରହିବନି । ଯେଉଁଥିରେ ଧନୀ ରହିବେ ନା ଗରୀବ । ସମସ୍ତେ ଧନୀ ହେବେ ନହେଲେ ସମସ୍ତେ ଗରୀବ । ସମାନତା ରହିବ ଯେମିତି ଆମେ ପୁଞ୍ଜିବାଦ ତଥା ସବୁ ପ୍ରକାର ଦୁର୍ନୀତିକୁ ନଷ୍ଟ କରିଦେବା । ସଂକ୍ଷେପରେ କହିବାକୁ ଗଲେ ଏହାହିଁ ସମାଜବାଦ । ଆମ ପାଇଁ ରାଜନୈତିକ ସ୍ୱତନ୍ତ୍ରତା ଓ ସମାଜବାଦ ଦୁଇଟି ଯାକ ଜରୁରୀ ବୁଝିପାରୁଛନ୍ତି ନା ?

ହଁ ମୁଁ ବହୁତ ପ୍ରଭାବିତ ଥିଲି ତାଙ୍କ କଥା ଶୁଣି । ଠିକ୍ ଅଛି, ସେ ସନ୍ତୁଷ୍ଟତା ସହ କହିଲେ ଆଜି ଏତିକି ଥାଉ । ଏକଥା ଲେକ୍‌ଚରବାଦୀରେ ଆପଣ ବୁଝିପାରିବେନି ।




ଏଥିପାଇଁ ଗଭୀର ଅଧ୍ୟୟନ ଜରୁରୀ । ଆପଣ ମନ ଲଗେଇ ପଢ଼ାପଢ଼ି କରନ୍ତୁ, ଯାହା ବୁଝି ପାରିବେନି ମତେ ପଚାରିବେ ମୁଁ ବୁଝେଇଦେବି । ଧୀରେ ଧୀରେ ସବୁକିଛି ପରିଷ୍କାର ହୋଇଯିବ । ମୁଁ ଆପଣଙ୍କୁ ତିନୋଟି ବହି ଦେଉଛି ତାକୁ ନିଅନ୍ତୁ ଏବଂ ପଢ଼ନ୍ତୁ । ସରିଲା ପରେ ଅନ୍ୟ ବହି ଦେବି ।

ଏତିକି କହି ସେ ଝଟ୍ କରି ଉଠିଗଲେ । ଗୋଟେ କୋଣରେ ଥୁଅ ହୋଇଥିବା ସୁଟ୍‌କେଶ୍ ଖୋଲିଲେ । ସେଥିରୁ ତିନୋଟି ବହି ଆଣି ମୋତେ ଦେଲେ । ବହି ଧରି ମୁଁ ତାଙ୍କୁ ନମସ୍କାର କଲି ଓ ବାହାରକୁ ବାହାରି ଆସିଲି । ବାହାରକୁ ଆସି ସେ ବହି ତିନୋଟିକୁ ଧ୍ୟାନର ସହ ଚାହିଁଲି । ତାଙ୍କ ନାଁ ଆଜି ମନେ ନାହିଁ କିନ୍ତୁ ଦୁଇଟି ବହି ରାହୁଲ ଜୀଙ୍କର ଥିଲା । ତୃତୀୟ ବହିଟି କମ୍ୟୁନିଷ୍ଟ ଯୋଗାଣ ପତ୍ର ଥିଲା ।

ମୋତେ କେମିତି ଅଦ୍‌ଭୁଦ ଅଦ୍‌ଭୁତ ଲାଗୁଥିଲା । ଏକଥା ସତ ଥିଲା କି ଅଖିଳାନନ୍ଦ ବର୍ମାଙ୍କ ସବୁ କଥା ମୋତେ ତର୍କ ସଙ୍ଗତ ଲାଗିଥିଲା । କିନ୍ତୁ ବାହାରକୁ ବାହାରିଲା ପରେ ମୋତେ ଲାଗିଲାକି ମୁଁ ତାଙ୍କୁ ହୃଦଙ୍ଗମ କରିପାରିଲିନି । ତାଙ୍କ କଥା ମୋର ସମସ୍ତ ବ୍ୟକ୍ତିତ୍ୱକୁ ତୁଚ୍ଛ କରି ନେଇଥିଲା । ବସ୍ତୁତ୍ୱ ମୋ ନିଜ ଉପରେ ନିଜକୁ ଲଜ୍ୟା ଆସିଲା । ଦେଶର ସ୍ୱାଧୀନତା ପାଇଁ ବସ୍ତା ଓ ଚିନି ଚୋରୀ କରିବା କେତେ ଲଜ୍ୟାଜନକ ଓ ତୁଚ୍ଛ କଥା ? ମୋତେ ମୋର ପବିତ୍ର ଭାବନା, ନିଜ ଉତ୍ସାହ, ନିଜ ଆଦର୍ଶ ଓ ସତ୍‌ମାର୍ଗରେ ଚାଲିବା ପାଇଁ ମୋର ଶକ୍ତି ଉପରେ ସନ୍ଦେହ ଜାତ ହେଲା । ଯେମିତିକି ଅଖିଳାନନ୍ଦ ବର୍ମା କହିଥିଲେ, କଣ ମୁଁ କ୍ଷଣିକ ଭାବୁକତାରେ ଆସି ଦେଶ ସେବା କାର୍ଯ୍ୟ କରିଥିଲି ? ନାଁ ରୋମାଂଚିତ ନାୟକ ହେବାପାଇଁ ଏ ମାର୍ଗରେ ଆସିଥିଲି ? ମୋତେ ଲାଗିଲା ଏସବୁ କଥା ମୋ ଉପରେ ଲାଗୁ ହୋଇପାରେ । ମୋର ଗୋଟେ ଅନ୍ତର୍ନିହିତ ବ୍ୟକ୍ତିତ୍ୱ ଚାପି ହୋଇଥିଲା । ମୁଁ ଗୋଟେ ରୋମାଂଚିତ ଭାବନାର ପରିକଳ୍ପନା କରି ଦେଶସେବା ମାର୍ଗ ବାଛିଥିଲି । ଏକଥା ଭାବିଲା ମାତ୍ରେ ମୋ ହୃଦୟ ଗୋଟେ ଦୁଃସହ ବେଦନାରେ ଭରିଗଲା । ମନ ଭିତରେ କେଜାଣି କେମିତି ଗୋଟେ ଅସ୍ଥିରତା ଖେଳାଇ ହୋଇଗଲା । ମୋ ଅତୀତ ମୋ ଅତୀତର କାର୍ଯ୍ୟକଳାପ ମନେ ପଡ଼ିଲେ ମୁଁ ମୋ ନିଜକୁ ହାସ୍ୟାସ୍ପଦ ଅନୁଭବ କରୁଥିଲି । ତଥାପି ମୁଁ ଅତୀତର କାର୍ଯ୍ୟକଳାପ ପାଇଁ ମୁଁ ହସି ପାରେନି । ସେହି ବାଟଦେଇ ମୁଁ ଆଗକୁ ବଢ଼ିଥିଲି । ସେ କ୍ଷଣକୁ ମୁଁ ଜୀଇଁସାରି ଆଜି ଏଠାରେ ପହଂଚିଥିଲି । ମୁଁ ଉନ୍ମନା ହୋଇ, ଉତ୍ସାହିତ ହୋଇ କିଛି କାମ କରିଥିଲି । ସେଥିପାଇଁ ପୋଲିସଠାରୁ ମାଡ଼ ମଧ ଖାଇଥିଲି । ତଥାପି ମୁଁ ଦେଶଭକ୍ତ ହୋଇପାରିନଥିଲି । ଯେମିତି କୌଣସି କାରୀଗର, କି କଳାକାର, କି ଲେଖକଙ୍କ ମାସବର୍ଷର ପରିଶ୍ରମ ବେକାର ହୋଇଯାଏ ଏବଂ ତାକୁ ପୁନଶ୍ଚ ନୂଆ କରି ଆରମ୍ଭ କରିବାକୁ ହୁଏ, ମୋର ସାରାଜୀବନ, ମୋ ଆଗରେ ନିଜର ସମସ୍ତ ପରୀକ୍ଷା ଗୁଡ଼ିକରେ ଓ ଅନିଶ୍ଚତା ଗୁଡ଼ିକରେ ଭରା ଥିଲା । ମୋ ଜୀବନକୁ ମୁଁ ଆଉଥରେ ନୂଆ ଆରମ୍ଭ କରିବାର ଥିଲା । ମୁଁ ପ୍ରକୃତରେ ଦେଶଭକ୍ତ ଓ ଜନତାଙ୍କ ସେବକ ହେବାକୁ ଚାହୁଁଥିଲି ।

ମୁଁ ରାସ୍ତାସାରା ଏମିତି ସବୁ ଭାବି ଭାବି ଫେରୁଥିଲି । ମୋ ଭାବନା କେତେକେତେ ନୂଆ ବିଚାରକୁ ଧରି ଫେରୁଥିଲା । ମୁଁ ଯେତେଯେତେ ଭାବିଚାଲିଥିଲି ମୋ ହୃଦୟ ସେତେସେତେ ଦୁଃଖରେ ଗାଢ଼ ହେଉଥିଲା । (ସମାପ୍ତ)


♥ ପ୍ଲଟ ନଂ-୩୫୨, ସେକ୍ଟର-୫, ଲେନ୍-୧, ପ୍ରଥମ ମହଲା, ନୀଳାଦ୍ରୀ ବିହାର, ଚନ୍ଦ୍ରଶେଖରପୁର, ଭୁବନେଶ୍ୱର-୨୧
(ମୋ) ୯୮୬୧୩୮୫୦୪୬


## କାର୍ତ୍ତିକ ପୂର୍ଣ୍ଣିମା ଓ ଭଗବାନ କାର୍ତ୍ତିକ
### ଡାକ୍ତର ଦିଲ୍ଲୀପ କୁମାର ମହାରଣା



ଓଡ଼ିଶାର ଆଚାର ବିଚାର, ଚାଲିଚଳଣି ତଥା ଧର୍ମୀୟ ଭାବନା ସହିତ କାର୍ତ୍ତିକ ପୂର୍ଣ୍ଣିମା ବା ରାସ ପୂର୍ଣ୍ଣିମା ଅଙ୍ଗାଅଙ୍ଗି ଭାବେ ଜଡ଼ିତ । ଉତ୍କଳର ପ୍ରାଚୀନ ଇତିହାସ ସହିତ ଏହା ନିବିଡ଼ ଭାବେ ସମ୍ପୃକ୍ତ । ପ୍ରାଚୀନକାଳରେ କାର୍ତ୍ତିକ ପୂର୍ଣ୍ଣିମାରେ ଉତ୍କଳର ସାଧବ ପୁଅମାନେ ନୌବାଣିଜ୍ୟ ପାଇଁ ଦରିଆ ପାରି ହୋଇ ଜାଭା, ସୁମାତ୍ରା, ବାଲି ଦ୍ୱୀପ ଆଦି ସ୍ଥାନକୁ ଯାଉଥିଲେ । ଏହି ସ୍ମୃତିକୁ ମନେ ପକାଇବା ପାଇଁ କାର୍ତ୍ତିକ ପୂର୍ଣ୍ଣିମା ଅବକାଶରେ କଦଳୀ ପଟୁଆରେ ଡଙ୍ଗା ଭସାଇବାର ପରମ୍ପରା ରହିଛି । ପ୍ରତ୍ୟୁଷରୁ ଉଠି ଆବାଳ ବୃଦ୍ଧବନିତା ନଦୀ, ପୁଷ୍କରିଣୀ, ଜଳାଶୟରେ ଡଙ୍ଗା ଭସାଇଥାନ୍ତି । ଡଙ୍ଗାରେ ଦୀପଜାଳି, ପାନଗୁଆ ଥୋଇଥାଆନ୍ତି । ଏହାପରେ ନଦୀରେ ସ୍ନାନ କରି ଦିଅଁ ଦର୍ଶନ କରିଥାନ୍ତି । ଓଡ଼ିଶାର ଆଦିକବି ଶୂଦ୍ରମୁନି ସାରଳା ଦାସ ରଚିତ ମହାଭାରତର ଆଦି ପର୍ବରେ କାର୍ତ୍ତିକ ମାସର ପବିତ୍ରତା ସମ୍ପର୍କରେ ବର୍ଣ୍ଣନା କରିଛନ୍ତି । କାର୍ତ୍ତିକ ପୂର୍ଣ୍ଣିମାରେ ବ୍ରତ ପାଳନର ପରମ୍ପରା ପ୍ରାଚୀନ କାଳରୁ ପ୍ରଚଳିତ । ଏହି ଦିନ ମହିଳାମାନେ ରାଇ ଦାମୋଦର ବ୍ରତ ଉଦ୍‌ଯାପନ କରିଥାନ୍ତି । ବିଭିନ୍ନ ସ୍ଥାନରେ ରାସ ଉତ୍ସବ ମଧ୍ୟ ଅନୁଷ୍ଠିତ ହୋଇଥାଏ । କାର୍ତ୍ତିକ ପୂର୍ଣ୍ଣିମା ଉପଲକ୍ଷେ ଉତ୍କଳର ଐତିହାସିକ ନଗରୀ କଟକରେ ବାଲିଯାତ୍ରା ଉତ୍ସବ ଆରମ୍ଭ ହୋଇଥାଏ । ଉତ୍କଳର ନୌବାଣିଜ୍ୟ ପରମ୍ପରାକୁ ଉଜ୍ଜିବୀତ କରି ରଖିବା ପାଇଁ ଉତ୍ସବ ଅନୁଷ୍ଠିତ ହୋଇଥାଏ । ଓଡ଼ିଶା ବ୍ୟତୀତ ଭାରତର ଅନ୍ୟ ରାଜ୍ୟ ଗୁଡ଼ିକରେ ମଧ୍ୟ ପରମ୍ପରା ଅନୁଯାୟୀ କାର୍ତ୍ତିକ ପୂର୍ଣ୍ଣିମା ଆୟୋଜିତ ହୋଇଥାଏ । କାର୍ତ୍ତିକ ପୂର୍ଣ୍ଣିମାକୁ ତ୍ରୀପୁରୀ ପୂର୍ଣ୍ଣିମା ମଧ୍ୟ କୁହାଯାଇଥାଏ । ଏହି ଦିନ ମହାଦେବ ତ୍ରୀପୁରାସୁର ନାମକ ଅସୁରର ବଧ କରିଥିଲେ । ଏହି ଦିବସରେ ଶିବ ଏବଂ ବିଷ୍ଣୁଙ୍କୁ ପୂଜା କରିବା ସହ ଦାନଧର୍ମ କଲେ ଅଶେଷ ପୂଣ୍ୟ ଲାଭ ହୋଇଥାଏ ବୋଲି ପୁରାଣରେ ବର୍ଣ୍ଣନା ରହିଛି ।

ମହାଦେବ ଏବଂ ମାତା ପାର୍ବତୀଙ୍କ ଠାରୁ ଜନ୍ମ ନେଇଥିଲେ କୁମାର କାର୍ତ୍ତିକ । କାର୍ତ୍ତିକ ଛଅଟି ମୁଖଯୁକ୍ତ କୁମାର ରୂପେ ଜାତ ହୋଇଥିଲେ । ସେ ଛଅଜଣ ଋଷିପତ୍ନୀଙ୍କ ଦ୍ୱାରା ପାଳିତ ହୋଇଥିଲେ । ଉକ୍ତ ଛଅ ମାତାଙ୍କ ଠାରୁ କାର୍ତ୍ତିକେୟ ସ୍ତନ୍ୟପାନ କରିଥିଲେ । କାର୍ତ୍ତିକେୟ କୁମାର ବ୍ରତଧାରୀ ଥିଲେ । କାର୍ତ୍ତିକଙ୍କ ଅନ୍ୟନାମ ଗଙ୍ଗାପୁତ୍ର, ସ୍କନ୍ଦ, କୁମାର, ଶରଜନ୍ମା, ଦାରଣ, ଷଣ୍ମୁଖ, ଷଡ଼ାନନ, ସେନାନୀ, ତାରକଜିତ୍, ଅଗ୍ନିକୁମାର, ଅଗ୍ନିଭୁ, ଗୁହ ଆଦି । ତାଙ୍କ ବାହନ ହେଉଛି ମୟୂର । କାର୍ତ୍ତିକ ଦେବସେନାଙ୍କ ସେନାପତି ହୋଇ ତାରକାସୁରଙ୍କ ବଧ କରିଥିଲେ । ଦକ୍ଷିଣରେ ଅସୁରଙ୍କ ଉତ୍ପାତ୍ ବୃଦ୍ଧି ପାଇଥିଲା । ଅସୁରଙ୍କ ବିନାଶ କରିବା ସହ ସେଠାରେ ଶାନ୍ତି ପ୍ରତିଷ୍ଠା ପାଇଁ ମହାଦେବ କାର୍ତ୍ତିକେୟଙ୍କୁ ସେଠାକୁ ପଠାଇଥିଲେ । କାର୍ତ୍ତିକେୟ ସମସ୍ତ ଅସୁରଙ୍କୁ ବିନାଶ କରିଥିଲେ । ସେବେଠାରୁ ସେ ଦକ୍ଷିଣରେ ମୁରୁଗାନ୍ ନାମରେ ପ୍ରସିଦ୍ଧ ହୋଇଛନ୍ତି । ବର୍ତ୍ତମାନ ଦକ୍ଷିଣ ଭାରତର ବିଭିନ୍ନ ରାଜ୍ୟରେ କାର୍ତ୍ତିକେୟଙ୍କୁ ବହୁଳ ଭାବେ ପୂଜା କରାଯାଉଛି । କାର୍ତ୍ତିକ ପୂର୍ଣ୍ଣିମା ଅବସରରେ ଆମ ରାଜ୍ୟରେ ମଧ କାର୍ତ୍ତିକ ପୂଜା ବିଭିନ୍ନ ସ୍ଥାନରେ ଅନୁଷ୍ଠିତ ହୋଇଥାଏ । ପୂର୍ଣ୍ଣିମା ପୂର୍ବରୁ ୫ କିମ୍ବା ୭ ଦିନ ଧରି କାର୍ତ୍ତିକ ପୂଜା ଅନୁଷ୍ଠିତ ହୋଇଥାଏ ।


ଶିଖରପୁର ଉପରସାହି, କଟକ
ମୋ: ୮୨୮୦୯୬୩୨୮୩

# ଆଦିବାସୀଙ୍କ ନାମରେ ଜାଲ ଋଣ ଉଠାଣର ତଦନ୍ତ ଓ ବିହିତ ପଦକ୍ଷେପ ଦାବିରେ ଗଣଧାରଣା

ନୀଳଗିରି,୦୫/୧୧ (ନି.ପ୍ର): ନୀଳଗିରି ଲ୍ୟାମ୍ପସର ସଜନାଗଡ଼ ବ୍ରାଂଚର ଆଦିବାସୀମାନଙ୍କୁ ଭୂଆଁ ବୁଲାଇ ଏକ କୋଟି ସତଷଠି ଲକ୍ଷ ଟଙ୍କା ବ୍ୟାଙ୍କ କର୍ମଚାରୀ ସମେତ ଲ୍ୟାମ୍ପ କର୍ମଚାରୀ ଓ କିଛି ଦଲାଲ ଆତ୍ମସାତ କରିଥିବା ନେଇ ଆଜି ନୀଳଗିରିର ପୂର୍ବତନ ବିଧାୟକ ଶ୍ରୀଯୁକ୍ତ ଚିତରଂଜନ ଷଡ଼ଙ୍ଗୀଙ୍କ ନେତୃତ୍ୱରେ କିଛି ମହିଳା ନୀଳଗିରି ଏ.ଆର.ସି.ଏସ. ଆଗରେ ଗଣଧାରଣାରେ ବସିଥିଲେ । ଉକ୍ତ କୃଷି ଋଣ ଜାଲିଆତି ଘଟଣାର ଉଚ୍ଚ ସ୍ତରୀୟ ତଦନ୍ତ କରିବା ସହ ସଂପୃକ୍ତ ଥିବା କର୍ମଚାରୀଙ୍କ ବିରୋଧରେ ଫୌଜଦାରୀ ମୋକଦ୍ଦମା ଦାଏର କରାଯାଉ ବୋଲି ଶ୍ରୀଯୁକ୍ତ ଷଡ଼ଙ୍ଗୀ ସୂଚନା ଦେଇଛନ୍ତି । ସଜନାଗଡ଼ ସେବା ସମବାୟ ସମିତିରେ ଆଦିବାସୀମାନଙ୍କୁ କାଳିଆ ଯୋଜନାର ଟଙ୍କା ପାଇବ ବୋଲି କହି ସେମାନଙ୍କ ଠାରୁ ଆଧାର କାର୍ଡ, ବ୍ୟାଙ୍କ ପାସ ବହି ଆଦି ଆବଶ୍ୟକୀୟ କାଗଜପତ୍ର ବ୍ୟାଙ୍କ ଉଠାଣ ରସିଦରେ ଟିପ ଓ ଦସ୍ତଖତ କରାଇ ନେଇ ଦଲାଲ ମାନେ ସଜନାଗଡ଼ ସମିତିର ସଂପାଦକଙ୍କୁ ପ୍ରଦାନ କରିଥିଲେ । ସଂପାଦକ, ବ୍ୟାଙ୍କ ମ୍ୟାନେଜର, ବ୍ୟାଙ୍କ ଏକାଉଂଟାଟ ଅତି ଚତୁରତାର ସହ ସେମାନଙ୍କ ନାମରେ ଲକ୍ଷ ଲକ୍ଷ ଟଙ୍କା ଚାଷ ଋଣ କରାଇ ଆତ୍ମସାତ କରିଛନ୍ତି । କିଛି ମାସ ପରେ ସେମାନଙ୍କ ନାମରେ ଚାଷ ଋଣ ହୋଇଥିବା ନେଇ ଜାଣିବାକୁ ପାଇଥିଲେ । ଫଳରେ ଶତାଧିକ ଆଦିବାସୀ ମୁଣ୍ଡରେ ହାତ ଦେଇ ବସିଥିବାର ଜଣାପଡ଼ିଛି । ଏ ନେଇ ଶତାଧିକ ମହିଳା ନୀଳଗିରି ଲ୍ୟାମ୍ପସ ର ଏମ.ଡି, ନୀଳଗିରି ଆ.ଆର.ସି.ଏସ. ଏବଂ ନୀଳଗିରି ବ୍ୟାଙ୍କର ଶାଖା ପରିଚାଳକଙ୍କୁ ତାଙ୍କ ନାମରେ ମିଥ୍ୟାରେ ଚାଷ ଋଣ ହୋଇଥିବା ନେଇ ଲିଖିତ ଭାବେ ଅଭିଯୋଗ କରିଥିଲେ । ଉକ୍ତ ଖବର ବିଭିନ୍ନ ଗଣ ମାଧ୍ୟମର ପ୍ରସାରିତ ହେବା ପରେ ଉଚ୍ଚ ପଦସ୍ଥ ଅଧିକାରୀମାନେ ଘଟଣାର ତଦନ୍ତ କରି କୋଅପରେଟିଭ୍ ବ୍ୟାଙ୍କର ଶାଖା ପରିଚାଳକ ବ୍ୟାଙ୍କର ଏକାଉଟାଂଟ ଏବଂ ସଜନାଗଡ଼ ସେବା ସମବାୟ ସମିତିରର ସଂପାଦକଙ୍କୁ ଚାକିରିରୁ ନିଲମ୍ବିତ କରାଇଥିଲେ । ମାତ୍ର ମହିଳାଙ୍କ ମୁଣ୍ଡରେ ଜାଲିଆତି ହୋଇଥିବା ଋଣର ଭାର ବ୍ୟାଙ୍କ ଲୋନ ଖାତାରୁ କଟି ନ ଥିଲା । ଶେଷରେ ନିରୁପାୟ ହୋଇ ଚିତରଂଜନ ଷଡ଼ଙ୍ଗୀଙ୍କ ନେତୃତ୍ୱରେ କିଛି ମହିଳା ନୀଳଗିରି ସି.ଆର.ସି.ଏସ. ଅଫିସ ସାମ୍ନାରେ ଧାରଣାରେ ବସିଥିଲେ । କିଛି ଘଂଟା ପରେ ଧାରଣାସ୍ଥଳକୁ ନୀଳଗିରି ଏ.ଆର.ସି.ଏସ. ଉର୍ମିଳା ଦାସ, ନୀଳଗିରି କୋ-ଅପରେଟିଭ୍ ବ୍ୟାଙ୍କ ଶାଖା ପରିଚାଳକ ଅରୁଣ କୁମାର ମାଇତି ଧାରଣା ସ୍ଥଳରେ ପହଂଚି ଜାଲିଆତି ହୋଇଥିବା ନେଇ ସମ୍ମତି ଜଣାଇଥିବା ବେଳେ ମିଥ୍ୟାରେ ଯେଉଁ ଚାଷୀମାନଙ୍କର ନାମ ଅଛି ଋଣ ଖାତାରୁ ସେମାନଙ୍କ ନାମକୁ କଟାଯିବା ନେଇ ବ୍ୟାଙ୍କ ସେକ୍ରେଟାରୀ ବି.ଆର.ସି.ଏସ.ଙ୍କୁ ଖୁବ୍ ଶୀଘ୍ର ଘଟଣା ବାବଦରେ ଲିଖିତ ଭାବରେ ଜଣାଇବା ବୋଲି ପ୍ରତିଶୃତି ଦେଲା ପରେ ଗଣ ଧାରଣା ପ୍ରତ୍ୟାହୃତ ହୋଇଥିଲା । ଆଇନ ଶୃଙ୍ଖଳାକୁ ଆଖି ଆଗରେ ରଖି ଧାରଣାସ୍ଥଳରେ ପୋଲିସ ମୁତୟନ କରାଯାଇଥିବା ଦେଖିବାକୁ ମିଳିଥିଲା ।

## ସଂସ୍କୃତି ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବଙ୍କ ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟ ପରିଦର୍ଶନ

ଭୁବନେଶ୍ୱର, ୦୫/୧୧ (ନି.ପ୍ର): ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ସତ୍ୟବ୍ରତ ସାହୁ ଶନିବାର ପୂର୍ବାହ୍ଣରେ ଭୁବନେଶ୍ୱର ସନ୍ନିକଟ ମଦନପୁର ସ୍ଥିତ ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟର ବାର୍ଷିକ ଚିତ୍ରକଳା ପ୍ରଦର୍ଶନୀରେ ମୁଖ୍ୟ ଅତିଥି ଭାବେ ଯୋଗଦାନ କରିଥିଲେ। ଏହି ପ୍ରଦର୍ଶନୀରେ ବିଶ୍ୱବିଦ୍ୟାଳୟର ଚିତ୍ରକଳା, ସ୍ଥାପତ୍ୟ ଓ ବିଭିନ୍ନ ବିଭାଗରୁ୨୦୦ରୁ ଊର୍ଦ୍ଧ୍ୱ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ । ଏହି ପରିପ୍ରେକ୍ଷୀରେ ଅତିରିକ୍ତ ମୁଖ୍ୟ ଶାସନ ସଚିବ, ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟରେ ରହିଥିବା ବିଭିନ୍ନ ସମସ୍ୟା ସଂପର୍କରେ ଅବଗତ ହେବା ସହବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷ ଏବଂ ଛାତ୍ରଛାତ୍ରୀମାନଙ୍କ ସହିତ ସେସବୁର ସମାଧାନ ଦିଗରେ ଆଲୋଚନା କରିଥିଲେ। ଏଠାରେ ଇଡକୋ ଦ୍ୱାରା ନିର୍ମିତ ୩ଟି ଏକାଡେମିକ୍ ବ୍ଲକକୁ ପୂର୍ତ୍ତ ବିଭାଗ ଦ୍ୱାରା ଯାଂଚ କରାଯାଇ ଯଥାଶୀଘ୍ର ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷଙ୍କୁ ହସ୍ତାନ୍ତର କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ । ଆସନ୍ତା ଡିସେମ୍ବର ମାସ ୧୫ ତାରିଖ ସୁଦ୍ଧା ବିଶ୍ୱବିଦ୍ୟାଳୟ ସମ୍ମୁଖରେ ଏକ ସ୍ଥାପତ୍ୟ ପାର୍କ ନିର୍ମାଣ କରିବା ପାଇଁ ଅତିରିକ୍ତ ମୁଖ୍ୟ ଶାସନ ସଚିବ ନିର୍ଦ୍ଦେଶ ଦେବା ସହ ବିଶ୍ୱବିଦ୍ୟାଳୟ ପରିସରରେ ଏକ ପ୍ରେକ୍ଷାଳୟ ଏବଂ ଏକ ଆର୍ଟ ଗ୍ୟାଲେରୀ ନିର୍ମାଣ କରିବା ପାଇଁ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷଙ୍କୁ କହିଥିଲେ । ବିଶ୍ୱବିଦ୍ୟାଳୟର ସର୍ବାଙ୍ଗୀନ ବିକାଶ କରି ଏହି ଅନୁଷ୍ଠାନକୁ ଭାଷା, ସାହିତ୍ୟ ଓ ସଂସ୍କୃତି ଶିକ୍ଷାର ଏକ ଉତ୍କର୍ଷ କେନ୍ଦ୍ର ଭାବେ ଗଢି ତୋଳିବାକୁ ଅତିରିକ୍ତ ମୁଖ୍ୟ ଶାସନ ସଚିବ ଶ୍ରୀ ସାହୁ ସମସ୍ତଙ୍କୁ ନିର୍ଦ୍ଦେଶ ଦେଇଥିଲେ । ଏହି ଗସ୍ତ ସମୟରେ ସଂସ୍କୃତି ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ବ୍ୟୋମକେଶ ତ୍ରିପାଠୀ, କୁଳ ସଚିବ ଅନନ୍ତ ବିଜୟ ପଟ୍ଟନାୟକ, ବିଶ୍ୱବିଦ୍ୟାଳୟ ଚିତ୍ରକଳା ବିଭାଗର ମୁଖ୍ୟ ଡ. ଚକ୍ରଧର ବେହେରାଙ୍କ ସମେତ ଅନ୍ୟ ସମସ୍ତ ବିଭାଗର ମୁଖ୍ୟମାନେ ମଧ୍ୟ ଉପସ୍ଥିତ ଥିଲେ ।

## ସୋର ବାରିକ ସେବା ସମିତିର ଏକ ଜରୁରୀ ବୈଠକ




ସୋର,୦୫/୧୧ (ନି.ପ୍ର): ଗୁରୁବାର, ସୋର ବାରିକ ସେବା ସମିତିର ଏକ ଜରୁରୀ ବୈଠକ, ସୋର ଟାଉନ ହଲ ପରିସରରେ, ଶ୍ରୀଯୁକ୍ତ କୁର୍ତ୍ତିବାସ ଚନ୍ଦ୍ର ବେଜଙ୍କ, ସଭାପତିତ୍ୱରେ ମହା ସମାରୋହରେ ଅନୁଷ୍ଠିତ ହୋଇଯାଇଛି । କୌଳିକ ବୃତ୍ତିରେ ଥିବା ବାରିକ(କ୍ଷୋରକାର) ମାନଙ୍କର ଏକତା ଓ ସମନ୍ୱୟ ଲକ୍ଷରେ ଆୟୋଜିତ ବୈଠକରେ ମୁଖ୍ୟ ଅତିଥି ଭାବରେ, ମାନ୍ୟବର ବିଧାୟକ ଶ୍ରୀଯୁକ୍ତ ପର୍ଶୁରାମ ନଡ଼ା ଯୋଗ ଦାନ କରି କାର୍ଯ୍ୟକ୍ରମକୁ ଉଦ୍ ଘାଟନ କରିବା ସହିତ, ଆମମାନଙ୍କୁ ପ୍ରତ୍ୟେକ କ୍ଷେତ୍ରରେ ସହଯୋଗ କରିବେ ବୋଲି, ତାଙ୍କ ବକ୍ତବ୍ୟରେ ଗଭୀର ଭାବରେ ପ୍ରକାଶ କରିଥିଲେ । ମୁଖ୍ୟ ବକ୍ତା ଭାବରେ, ବଣିକ ସଙ୍ଘର ସଭାପତି ସନ୍ତୋଷ କୁମାର ମହାନ୍ତି ଏବଂ ଅନ୍ୟତମ ଅତିଥି ହିସାବରେ, ବାଲେଶ୍ୱର ଜିଲ୍ଲା ବାରିକ ସମିତିର ସମ୍ପାଦକ ଶ୍ରୀଯୁକ୍ତ ଶୁଭ୍ରଲୋଚନ ବାରିକ (ବିମଲ ଭାଇ) ଯୋଗଦାନ କରି ଜିଲ୍ଲାର ସମସ୍ତ ଜାତିଭାଇ ମାନଙ୍କର, ତଥା ସେଲୁନଭାଇ ମାନଙ୍କର, ପାରିବାରିକ ତଥା ଆର୍ଥିକ ସମସ୍ୟା ଉପରେ ଆଲୋକପାତ କରିଥିଲେ । କୋଷାଧ୍ୟକ୍ଷ ଶ୍ରୀଯୁକ୍ତ ହରେକୃଷ୍ଣ ବାରିକଙ୍କ ସହିତ ବାଲେଶ୍ୱର ଟାଉନ ରୁ ୨୪ଜଣ ଜାତିଭାଇ ବିଭିନ୍ନ ଅଞ୍ଚଳରୁ ଆସି ସମ୍ମିଳନୀରେ ଯୋଗଦାନ କରିଥିଲେ ।ପ୍ରାକ୍ତନ ସୋର ଶାଖା ସମ୍ପାଦକ ଶ୍ରୀଯୁକ୍ତ ଭାଗୀରଥି ବାରିକଙ୍କ ସହିତ, କରୁଣାକର ବାରିକ, ଗୌରାଙ୍ଗ ପ୍ରସାଦ ବାରିକ, ନିରଞ୍ଜନ ବାରିକ, ଈଶ୍ୱର ଚନ୍ଦ୍ର ବାରିକ ପ୍ରମୁଖ ସୋର, ମଙ୍ଗଳପୁର, ତୁଡିଗଡିଆ ଇତ୍ୟାଦି ଅଞ୍ଚଳରୁ ବହୁ ସଂଖ୍ୟା ରେ ଯୋଗଦାନ କରିଥିଲେ । ଏହି ଅବସରରେ ବରୀଷ୍ଠ ଜାତି ଭାଇ ମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ସଙ୍ଗଠନର ଏକ ସ୍ଥାୟି ଗୃହ ନିମନ୍ତେ ଗୋଟିଏ ସ୍ଥାନ ଏବଂ ତାସହିତ ଗୃହ ନିର୍ମାଣ ନିମନ୍ତେ ଆର୍ଥିକ ସହାୟତା ଯୋଗାଇ ଦେବା ନିମନ୍ତେ, ମାନ୍ୟବର ବିଧାୟକଙ୍କୁ ଅନୁରୋଧ କରାଯାଇଥିଲା । ସୋର ଶାଖା ସଭାପତି ନୀରଞ୍ଜନ ବାରିକ, ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ । ଶେଷରେ ସମସ୍ତଙ୍କୁ ଧନ୍ୟବାଦ ପ୍ରଦାନ କରିଥିଲେ ସମ୍ପାଦକ ମନୋଜ କୁମାର ବାରିକ ।

## ୭ ଓ ୮ ତାରିଖରେ ଭାରତ ଯୋଡ଼ ଯାତ୍ରା ଭଦ୍ରକ ପରିକ୍ରମା କରିବ




ଭଦ୍ରକ,୦୫/୧୧ (ନି.ପ୍ର): ରାହୁଲ ଗାନ୍ଧୀଙ୍କ ନେତୃତ୍ୱରେ କଂଗ୍ରେସର ଭାରତ ଯୋଡ଼ ଯାତ୍ରା ଦେଶର ହଇଚଇ ସୃଷ୍ଟି କରିଥିବାବେଳେ, ଓଡିଶାରେ ପ୍ରଦେଶ କଂଗ୍ରେସ ସଭାପତି ଶରତ ପଟ୍ଟନାୟକଙ୍କ ନେତୃତ୍ୱରେ ଏହା ଅକ୍ଟୋବର ୩୧ ତାରିଖରୁ ଭୁବନେଶ୍ୱରରୁ ଆରମ୍ଭ ହୋଇ ଯାଜପୁର ଜିଲ୍ଲା ଅତିକ୍ରମ କରିବାକୁ ବସିଛି । ଓଡିଶାରେ ପରିବର୍ତ୍ତନ ଯାତ୍ରା ଭାବରେ ନାମିତ ଏହି ଯାତ୍ରା ଶହେ କିଲୋମିଟର ଅତିକ୍ରମ କରି ସାରିଲାଣି । ଆସନ୍ତା ୭ ତାରିଖ ସକାଳ ୮ଟାରେ ଏହା ଭଦ୍ରକ ଜିଲ୍ଲାର ଆଖୁଆପଦା ନିକଟରେ ପ୍ରବେଶ କରିବ । ସେଠାରେ ଭଦ୍ରକ ଜିଲ୍ଲା ସଭାପତି ସୁବ୍ରତ ଦାସ, ଜିଲ୍ଲା କାର୍ଯ୍ୟକାରୀ ସଭାପତି ନଳିନୀ ମହାନ୍ତିଙ୍କ ସମେତ ଜିଲ୍ଲାର ସମସ୍ତ ନେତୃମଣ୍ଡଳୀ ଶ୍ରୀ ପଟ୍ଟନାୟକ ଓ ଯାତ୍ରୀମାନଙ୍କୁ ସ୍ୱାଗତ କରିବେ । ୭ ତାରିଖ ରାତିରେ ସେମାନେ ଧାମନଗର ଛକ ସ୍ଥିତ ଧରଣୀ ସୁଗାର ମିଲ୍ସରେ ରାତ୍ରୀଯାପନ କରିବେ । ୮ ତାରିଖ ସକାଳ ୮ଟାରେ ପଦଯାତ୍ରା ଆରମ୍ଭ ହେବ । ଏବଂ ଭଦ୍ରକ ନିର୍ବାଚନମଣ୍ଡଳୀ ତରଫରୁ ଯାତ୍ରୀଙ୍କୁ ଆରଡ଼ି ଛକ ନିକଟରେ ସ୍ୱାଗତ କରାଯିବ । ଭଦ୍ରକ କଚେରୀ ବଜାର ଦେଇ ପଦଯାତ୍ରା ଯିବା ପରେ ଜିଲ୍ଲା କଂଗ୍ରେସ କାର୍ଯ୍ୟାଳୟରେ ମଧାହ୍ନ ଭୋଜନ ଆୟୋଜିତ ହେବ । ଅପରାହ୍ନ ୩ଟାରେ ପୁଣି ପଦଯାତ୍ରା ଆରମ୍ଭ ହୋଇ ଚରମ୍ପା ଅତିକ୍ରମ କରିବା ପରେ ରାଣିତାଲ ନିକଟରେ ବାଲେଶ୍ୱର ଜିଲ୍ଲାକୁ ପ୍ରବେଶ କରିବ । ଭଦ୍ରକ ଜିଲ୍ଲାରେ ମେଡିକାଲ କଲେଜ ପ୍ରତିଷ୍ଠା କ୍ଷେତ୍ରରେ ସରକାରଙ୍କ ପ୍ରତାରଣା, ଜିଲ୍ଲାରେ ଆଇନ ଶୃଙ୍ଖଳା ପରିସ୍ଥିତର ଅବନତି, ନିଶା କାରବାର ବୃଦ୍ଧି. ସାଳନ୍ଦୀ ସଂସ୍କାର ଯୋଜନାରେ ବ୍ୟାପକ ହରିଲୁଟ, ବୈତରଣୀରୁ ବାଲି ଚୋରା ଚାଲାଣରେ ଶାସକ ଦଳର ସଂପୃକ୍ତି ବନ୍ୟା ପରିଚାଳନାରେ ଅପାରଗତା, ବେକାରୀ ବୃଦ୍ଧି ପ୍ରମୁଖ ପ୍ରସଙ୍ଗଗୁଡ଼ିକୁ ପଦଯାତ୍ରା ସମୟରେ ପ୍ରାଧାନ୍ୟ ଦିଆଯିବ । ଆଜି ଭଦ୍ରକ ଜିଲ୍ଲା କଂଗ୍ରେସ ପକ୍ଷରୁ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ କଂଗ୍ରେସର ରାଜ୍ୟ ପ୍ରବକ୍ତା ସୁଦର୍ଶନ ଦାସ ଯୋଗଦେଇ ଓଡିଶାରେ ରାଜନୈତିକ ସତ୍ତାର ପରିବର୍ତ୍ତନ ପାଇଁ ଏହି ଯାତ୍ରା ଆୟୋଜିତ ହୋଇଛି ବୋଲି କହିଥିଲେ । ଏହା ସହିତ ସ୍ଥାନୀୟ ସମସ୍ୟାଗୁଡ଼ିକୁ ଲୋକ ଲୋଚନକୁ ଅଣାଯିବ । ବିଜେପି ଓ ବିଜେଡିର ପ୍ରତାରଣା ଓ କୁଶାସନ ବିରୁଦ୍ଧରେ ଜନଜାଗରଣ ସୃଷ୍ଟି କରି କଂଗ୍ରେସକୁ ଓଡିଶାର ବିକଳ୍ପ ଶକ୍ତି ଭାବରେ ଉଭୟ କରାଇବା ହେଉଛି ଏହି ପରବିର୍ତ୍ତନ ଯାତ୍ରାର ଲକ୍ଷ୍ୟ ବୋଲି ଶ୍ରୀ ଦାସ କହିଥିଲେ ।

## ଭଦ୍ରକରେ ନିର୍ବାଚନ ପରବର୍ତ୍ତୀ ହିଂସା : ଖବର ନାହିଁ କହିଲେ ସିଇଓ

ଭୁବନେଶ୍ୱର, ୦୫/୧୧ (ନି.ପ୍ର): ଉପନିର୍ବାଚନ ପରେ ଭଦ୍ରକରେ ରାଜନୈତିକ ହିଂସା ଦେଖିବାକୁ ମିଳିଛି । ଗତକାଲି ରାତିରେ ତିହିଡିର ତଳଗୋପବିନ୍ଧା ପଂଚାୟତ ପାଇକସାହିରେ ୮ ନଂ ୱାର୍ଡରେ ଏକ ପରିବାର ଉପରେ ୩୦ରୁ ଅଧିକ ଲୋକ ଅତର୍କିତ ଭାବେ ଆକ୍ରମଣ କରିଥିବା ଅଭିଯୋଗ ହୋଇଛି । ଏଥିରେ ପରିବାରର ଶଶୀକାନ୍ତ ଜେନା ଓ ତାଙ୍କ ଝିଅ ସଞ୍ଜୀବନୀ ବେହେରା ଗୁରୁତର ହୋଇଛନ୍ତି । ସେହିପରି ଜଣେ ବୃଦ୍ଧ ସାମାନ୍ୟ ଆହତ ହୋଇଛନ୍ତି । ସେମାନଙ୍କୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି । ଧାମନଗର ଉପନିର୍ବାଚନରେ ଭୋଟ ଦେବାକୁ ବାରଣ ସତ୍ୱେ ପରିବାର ସଦସ୍ୟ ଭୋଟ ଦେବାରୁ ଅପରପକ୍ଷ ଏପରି କାଣ୍ଡ ଘଟାଇଥିବା ଅଭିଯୋଗ ହୋଇଛି । ଅନ୍ୟପକ୍ଷରେ ନିର୍ବାଚନ ପରବର୍ତ୍ତୀ ହିଂସା ନେଇ ତାଙ୍କ ପାଖରେ ଖବର ନଥିବା କହିଛନ୍ତି ମୁଖ୍ୟ ନିର୍ବାଚନ ଅଧିକାରୀ ସୁଶିଲ ଲୋହାନୀ । ସେ କହିଛନ୍ତି ଆମ ପାଖରେ କିଛି ଖବର ନାହିଁ, ଏସପିଙ୍କୁ ପଚାରିବି ।

## ବିଶିଷ୍ଟ ଗୀତିକାର ନିମାଇଁ ମହାନ୍ତିଙ୍କ ବିୟୋଗରେ ମୁଖ୍ୟମନ୍ତ୍ରୀଙ୍କ ଶୋକ

ଭୁବନେଶ୍ୱର, ୦୫/୧୧ (ନି.ପ୍ର): ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବିଶିଷ୍ଟ ଗୀତିକାର ନିମାଇଁ ମହାନ୍ତିଙ୍କ ବିୟୋଗରେ ଶୋକ ପ୍ରକାଶ କରିଛନ୍ତି । ସେ ଟ୍ୱିଟ କରି କହିଛନ୍ତି ଯେ - ଓଡ଼ିଶାର ବିଶିଷ୍ଟ ଗୀତିକାର ନିମାଇଁ ମହାନ୍ତିଙ୍କ ଦେହାନ୍ତ ବିଷୟରେ ଜାଣି ମୁଁ ଦୁଃଖିତ । ଅନେକ ଲୋକପ୍ରିୟ ଗୀତ ଜରିଆରେ ଓଡ଼ିଆ ସଙ୍ଗୀତ ଜଗତରେ ସେ ଛାଡ଼ି ଯାଇଥିବା ଛାପ ତାଙ୍କୁ ସର୍ବଦା ସ୍ମରଣୀୟ କରି ରଖିବ । ତାଙ୍କ ଅମର ଆତ୍ମାର ସଦଗତି କାମନା କରିବା ସହ ଶୋକସନ୍ତପ୍ତ ପରିବାର ସଦସ୍ୟଙ୍କ ପ୍ରତି ମୋର ସମବେଦନା ଜଣାଉଛି ।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ ...

## ଆଜି ଧାମନଗର ଉପନିର୍ବାଚନ....

ଏତଦ୍ବ୍ୟତୀତ ଜଣେ କେନ୍ଦ୍ର ସରକାରଙ୍କ କର୍ମଚାରୀଙ୍କୁ ମାଇକ୍ରୋ ପର୍ଯ୍ୟବେକ୍ଷକ ଭାବେ ନିଯୁକ୍ତ କରାଯାଇଛି, ଯିଏକି ପର୍ଯ୍ୟବେକ୍ଷକଙ୍କୁ ମତଗଣନା ସମୟରେ ସହାୟତା କରିବେ । ଭୋଟଗଣନାର ପ୍ରତ୍ୟେକ ରାଉଣ୍ଡର ଫଳାଫଳ ଜନସାଧାରଣଙ୍କୁ ଜଣାଇବା ପାଇଁ ଡାକବାଜି ଯନ୍ତ୍ର ସହ ସ୍ୱତନ୍ତ୍ର ବ୍ୟବସ୍ଥା ପ୍ରଶାସନ ତରଫରୁ କରାଯାଇଛି । ପ୍ରାର୍ଥୀମାନଙ୍କ ଦ୍ୱାରା ମନୋନୀତ ହୋଇଥିବା ଏଜେଂଟମାନେ ଭୋଟଗଣନାର ପ୍ରକ୍ରିୟା ନିରୀକ୍ଷଣ କରିବା ପାଇଁ ସମସ୍ତ ପ୍ରକାରର ବ୍ୟବସ୍ଥା କରାଯାଇଛି। ପ୍ରକାଶ ଥାଉକି ତ୍ରିସ୍ତରୀୟ କଡ଼ା ସୁରକ୍ଷା ବଳୟ ମଧ୍ୟରେ ଷ୍ଟ୍ରଙ୍ଗ୍‌ରୁମ୍ ରେ ପୁଲଡ୍ ଇଭିଏମ୍ ଗୁଡ଼ିକୁ ରଖାଯାଇଛି ବୋଲି ମୁଖ୍ୟ ନିର୍ବାଚନ ଅଧିକାରୀ ଜଣାଇଛନ୍ତି । ଭୋଟଗଣନା କେନ୍ଦ୍ରଠାରେ ଫଳାଫଳ ଜାଣିବା ନିମନ୍ତେ ମାଇକ ଦ୍ୱାରା ପ୍ରଚାର କରାଯିବାର ବ୍ୟବସ୍ଥା କରାଯାଇଛି ଓ ଏ ନିର୍ବାଚନ ଫଳାଫଳ ମଧ୍ୟ ୱେବ୍‌ସାଇଟ୍ ମାଧ୍ୟମରେ ଜନସାଧାରଣ ପାଇପାରିବେ । ସୂଚନାଯୋଗ୍ୟ ଯେ ଧାମନଗର ଉପନିର୍ବାଚନ ପାଇଁ ଗୁରୁବାରଭୋଟ୍ ଗ୍ରହଣ ହୋଇଥିଲା ।ଉପନିର୍ବାଚନରେ ମୋଟ ୬୮.୯୮ ପ୍ରତିଶତ ମତଦାନ ହୋଇଛି । ନିର୍ବାଚନରେ ତିନି ପ୍ରମୁଖ ରାଜନୈତିକ ଦଳ ମଧ୍ୟରୁ ବିଜେପିର ସୂର୍ଯ୍ୟବଂଶୀ ସୂରଜ ସ୍ଥିତପ୍ରଜ୍ଞ, ବିଜେଡିର ଅବନ୍ତୀ ଦାସ, କଂଗ୍ରେସର ବାବା ହରେକୃଷ୍ଣ ସେଠୀ ଓ ସ୍ୱାଧୀନ ପ୍ରାର୍ଥୀ ଭାବେ ରାଜେନ୍ଦ୍ର ଦାସ ଓ ପବିତ୍ରମୋହନ ଦାସ ମଇଦାନରେ ରହିଛନ୍ତି ।

## ହିମାଚଳ ନିର୍ବାଚନ ପାଇଁ ....

ଭୋଟବ୍ୟାଙ୍କ ପାଇଁ କଂଗ୍ରେସ ପର୍ଯ୍ୟଟନ, ପରିବହନ, ଦୁର୍ନୀତିମୁକ୍ତ ରାଜ୍ୟ, କୃଷି, ପଶୁପାଳନ,ବନ ଓ ପରିବେଶ ସଂରକ୍ଷଣ, ଶିଳ୍ପ, ବିଦ୍ୟୁତ, ଗ୍ରାମୀଣ ଓ ସହରୀ ବିକାଶ ସହ ପ୍ରାୟ ସମସ୍ତ ଦିଗକୁ ନଜରରେ ରଖି କଂଗ୍ରେସ କରିଛି ପ୍ରତିଶ୍ରୁତିର ବର୍ଷା । ବିଗତ ୩୦ବର୍ଷ ଧରି ହିମାଚଳବାସୀ ପ୍ରତିଥର ସରକାରରେ ପରିବର୍ତ୍ତନ ଆଣିଛନ୍ତି । ୧୯୮୫ ମସିହାରେ ବୀରଭଦ୍ର ସିଂ ୨ୟ ଥର ପାଇଁ ହିମାଚଳର ମୁଖ୍ୟମନ୍ତ୍ରୀ ହୋଇଥିଲେ । ଏହା ପରେ ପ୍ରତିଥର ସେଠାରେ କେବେ ବିଜେପି ତ ପୁଣି କେବେ କଂଗ୍ରେସ ହାତକୁ ଆସିଛି ଶାସନ ଡୋରି । ତେଣୁ ପୁଣି ଥରେ କ୍ଷମତା ହାତେଇବା ପାଇଁ କଂଗ୍ରେସ ନିଜର ନିର୍ବାଚନୀ ଇସ୍ତାହାରରେ ପ୍ରତି ବର୍ଗଙ୍କୁ ଧ୍ୟାନ ଦେଇଛି ।

## ଆର ପାରିରେ ଗୀତିକାର....

ଜଣେ ସୁନାମ ଧନ୍ୟ କବି ଭାବରେ ତାଙ୍କ ଲିଖିତ କବିତା ସଂକଳନ ମହ ମହ ଅନ୍ଧାର ଭଳି ବହୁ ପୁସ୍ତକ ଓଡିଆ ସାରସ୍ୱତ ଜଗତରେ ବେଶ ପାଠକୀୟ ଅଦୃତି ଲାଭ କରିଛି । ସେ ପେଷାରେ ଜଣେ ଆଇନଜିବୀ ହୋଇଥିବା ବେଳେ, ଗଭର୍ମେଂଟ ପ୍ଲେଡର (ଜି.ପି.) ଭାବରେ ଦୀର୍ଘଦିନ ଧରି ବାରିପଦା ଠାରେ କାର୍ଯ୍ୟରତ ଥିଲେ । ତେବେ ଏଭଳି ଜଣେ ମହାନ ବ୍ୟକ୍ତିତ୍ୱଙ୍କୁ ହରାଇ ସାରା ରାଜ୍ୟରେ ଆଜି ଶୋକର ଛାୟା ଦେଖା ଯାଇଥିବା ବେଳେ, ବହୁ ଗଣ୍ୟମାନ୍ୟ ବ୍ୟକ୍ତି ତାଙ୍କୁ ଶେଷ ଦର୍ଶନ କରି ଶ୍ରଦ୍ଧାଂଜଳି ଅର୍ପଣ କରିଛନ୍ତି । ଏହା ଓଡ଼ିଆ ଚଳଚ୍ଚିତ୍ରର ସଙ୍ଗୀତ କ୍ଷେତ୍ରରେରେ ଏକ ଅପୂରଣୀୟ କ୍ଷତି ହୋଇ ରହିବ ବୋଲି ସିନେ ତଥା ମଂଚ କଳାକାର ଧୀର ବସା, ଅସୀତ ପତି, ବାରିପଦାର ପୂର୍ବତନ ଉପନଗରପାଳ ଜିତେନ୍ଦ୍ର ମହାନ୍ତି ପ୍ରମୁଖ କହିଛନ୍ତି ।

## ଏ ବର୍ଷ ପାଣି ନେଉଥିବା ଚାଷୀଙ୍କୁ ....

ହେକ୍ଟର ଜମିକୁ ଜଳସେଚିତ କରିବା ମଧ୍ୟ କଷ୍ଟକର ହୋଇପଡ଼ିଛି । ସେହିପରି କେନାଲ ସଙ୍କୁଚିତ ହେବା, ନାଳ ଫାଟିଯିବା ଏବଂ ନିର୍ଗମନାଳ ଠିକ୍ ସ୍ଥାନରେ ବସିନଥିବାରୁ ଜଳସେଚନ ପ୍ରଭାବିତ ହୋଇଛି । ଏଭଳି ସ୍ଥିତିରେ ଭାଗବାଣ୍ଟି ପାଣି ଦେବାକୁ ବିଭାଗ ପକ୍ଷରୁ ଚାଷୀଙ୍କ ସହଯୋଗ ଲୋଡିଛି । ଭାଇ-ଭାଇ ମଧ୍ୟରେ ଜମି ଭାଗବଂଟା ହେବା, ପାଳିଓଳି କରି କାମ କରିବା ସମସ୍ତେ ଜାଣିଥିବେ କିମ୍ବା ଦେଖିଥିବେ, ହେଲେ ଚାଷ ପାଇଁ ପାଣିର ଭାଗହେବା ହୁଏତ ଅନେକଙ୍କୁ ଆଶ୍ଚର୍ଯ୍ୟ କରୁଥିବ ।

## ୟୁଟ୍ୟୁବ୍‌ରେ ବେଆଇନ୍ ଅପଲୋଡ ଅଭିଯୋଗରେ ସାଇବର ଥାନାରେ ଦମନ ପ୍ରଯୋଜକ

ଭୁବନେଶ୍ୱର, ୦୫/୧୧ (ନି.ପ୍ର): ରିଲିଜ୍ ହେଉ ହେଉ ଓଡ଼ିଆ ଚଳଚ୍ଚିତ୍ର 'ଦମନ'ର ଅନ୍‌ଲାଇନ୍ ପାଇରେସି ହୋଇଥିବା ଅଭିଯୋଗ ହୋଇଛି । କିଛି ୟୁଟ୍ୟୁବ୍ ଚ୍ୟାନେଲ୍ ରେ ସମ୍ପୂର୍ଣ୍ଣ ଚଳଚ୍ଚିତ୍ରଟି ଅପଲୋଡ ହୋଇଛି ।ଏ ନେଇ 'ଦମନ୍ 'ର ପ୍ରଯୋଜକ ଦୀପେନ୍ଦ୍ର ସାମଲ ଶନିବାର ସାଇବର ଥାନାରେ ଅଭିଯୋଗ କରିଛନ୍ତି । ଜେପି ମୋସନ୍ ପିକ୍‌ଚର ପ୍ରଯୋଜିତ ଓଡ଼ିଆ ଚଳଚ୍ଚିତ୍ର 'ଦମନ'ର ପ୍ରଯୋଜକ ଦୀପେନ୍ଦ୍ର ସାମଲ ଅଭିଯୋଗ କରିଛନ୍ତି ଯେ, କିଛି ୟୁଟ୍ୟୁବ୍ ଚ୍ୟାନେଲରେ ତାଙ୍କର ଫିଲ୍ମକୁ ବେଆଇନ୍ ଭାବେ ଅପଲୋଡ କରାଯାଇଛି । ଚଳଚ୍ଚିତ୍ର ନିର୍ମାତା ସଂସ୍ଥାର ବିନା ଅନୁମତିରେ ଏହି ବେଆଇନ କାମ କରାଯାଇଛି । ଏହି ଚଳଚ୍ଚିତ୍ର ଗତକାଲି ରିଲିଜ ହୋଇଥିଲା ବେଳେ କିଛି ଦୁର୍ବୃତ୍ତ ଫିଲ୍ମ ହଲରେ ବେଆଇନ ଭାବେ ସୁଟିଂ କରି ଏଭଳି କରିଛନ୍ତି । ଫିଲ୍ମ ଅପଲୋଡ଼ କରିଥିବା ୟୁଟ୍ୟୁବ୍ ଚ୍ୟାନେଲକୁ ବ୍ଲକ୍ କରିବା ସହ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ନେବାକୁ ଶ୍ରୀ ସାମଲ ଦାବି କରିଛନ୍ତି । ସୂଚନାଯୋଗ୍ୟ, ଜଣେ ଡାକ୍ତରଙ୍କ ସଂଘର୍ଷ ଓ ସଫଳତାର କାହାଣୀ ଆଧାରିତ ଫିଲ୍ମ ହେଉଛି ଦମନ । କରୋନା କାରଣରୁ ଗତ ଦୁଇ ବର୍ଷ ହେଲା ବଡ଼ ବଜେଟ୍ ର ଓଡ଼ିଆ ସିନେମା ପ୍ରେକ୍ଷାଳୟକୁ ପ୍ରାୟ ଆସି ନ ଥିଲା ବେଳେ ଚଳଚ୍ଚିତ୍ର 'ଦମନ' ଶୁକ୍ରବାର ରିଲିଜ ହୋଇଛି । ରିଲିଜ୍ ପରେ ଫିଲ୍ମ ଟି ଦର୍ଶକ ମହଲରେ ଆଦୃତ ହେଉଥିବା ଦେଖିବାକୁ ମିଳିଛି ।

## ବୟସ୍କ ବ୍ୟକ୍ତିଙ୍କ ବୃକ୍ଷରୋପଣ କାର୍ଯ୍ୟକ୍ରମ



ଉଦଳା, ୦୫/୧୧ (ନି.ପ୍ର): କପ୍ତିପଦା ବ୍ଲକ ଅନ୍ତର୍ଗତ ବଡ଼ଖଲାଡ଼ି ଗ୍ରାମର ମଝିରେ ରହିଛି ଏକ ବଡ଼ ପୋଖରୀ । ପୋଖରୀ ଚାରିପାଖକୁ ଲାଗି ରହିଛି ଅଙ୍ଗନୱାଡ଼ିକେନ୍ଦ୍ର, ପ୍ରାଥମିକ ବିଦ୍ୟାଳୟ ଓ ଶିବ ମନ୍ଦିର । ତେବେ ଏହି ପୋଖରି ଚାରିପଟେ ବୃକ୍ଷ ରୋପଣ କଲେ ଏହା ସୁନ୍ଦର ଦେଖାଯିବା ସହିତ ସମସ୍ତଙ୍କ କାମରେ ଆସିବ । ଏକଥା ଗ୍ରାମର ବୟସ୍କ ବ୍ୟକ୍ତି ଭାଗବତ ଜେନା ଚିନ୍ତା କରି ଆରମ୍ଭ କରିଛନ୍ତି ଉଦ୍ୟମ । ପ୍ରଥମେ ଶ୍ରୀଯୁକ୍ତ ଜେନା ଅନ୍ୟ ବୟସ୍କ ବ୍ୟକ୍ତି ମାନଙ୍କୁ ଡ଼ାକି ସଂଗଠନଟିଏ ଗଢ଼ିଛନ୍ତି ଓ ସମସ୍ତେ ମିଳିମିଶି ଆରମ୍ଭ କରିଛନ୍ତି ବୃକ୍ଷରୋପଣ କାର୍ଯ୍ୟକ୍ରମ । ବେଲ, ଚମ୍ପା, ବଉଳ ଠାରୁ ଆରମ୍ଭ କରି ବିଭିନ୍ନ ପ୍ରକାର ଫୁଲ ଓ ଫଳ ବୃକ୍ଷ ରୋପଣ କରାଯାଉଥିବାର ଜଣାଯାଇଛି । ଏହିକାର୍ଯ୍ୟକ୍ରମରେ ସାମାଜିକ କର୍ମୀ ମନୋମହନ ମିଶ୍ର, ପୂର୍ଣ୍ଣଚନ୍ଦ୍ର ଖ୍ଵାଣୀ, ଚିନ୍ତାମଣୀ ପରିଡ଼ା ଓ ସଞ୍ଜୟ କୁମାର ବେହେରା ପ୍ରମୁଖ ସହଯୋଗ କରୁଥିବାର ଜଣାଯାଇଛି ।

## ପ୍ରଧାନମନ୍ତ୍ରୀ ବନ ଧନ ଯୋଜନା ଦେଇଛି ରୋଜଗାର




ଉଦଳା,୦୫/୧୧ (ନି.ପ୍ର): ଭାରତ ସରକାରଙ୍କ ଆଦିବାସୀ କଲ୍ୟାଣ ବିଭାଗ ଆନୁକୁଲ୍ୟରେ ପ୍ରଧାନମନ୍ତ୍ରୀ ବନ ଧନ ଯୋଜନା ସ୍କିମ ଜରିଆରେ ଉଦଳା ବ୍ଲକ ଅନ୍ତର୍ଗତ ଘୁଣ୍ଟିବଣୀ ଗ୍ରାମଠାରେ ଗଢ଼ି ଉଠିଛି ଦେବକୁଣ୍ଡ ବନ ଧନ ବିକାଶ କେନ୍ଦ୍ର । ଏହି ବିକାଶ କେନ୍ଦ୍ର ଦ୍ୱାରା ଶିମିଳିପାଳ ଜଙ୍ଗଲରୁ ମିଳୁଥିବା ଏକ ଜାତୀୟ ଘାସ ଗଛରୁ ମଶିଣା, ଆସନ, ବ୍ୟାଗ ଠାରୁ ଆରମ୍ଭ କରି ବିଭିନନ ପ୍ରକାର ଘରୋଇ ଉପକରଣ ତିଆରି ହେଉଛି । ଏହିସବୁ ଉପକରଣ ତିଆରି କରିବା ପାଇଁ ଉଦଳା ଆଇ.ଟି.ଡ଼ି.ଏ ତରଫରୁ ସିଲେଇ ମେସିନ ଯୋଗାଇ ଦିଆଯିବା ସହିତ ସ୍ଥାନୀୟ ବାସିନ୍ଦାଙ୍କୁ ଏ ବାବଦରେ ତାଲିମ ପ୍ରଦାନ କରାଯାଇଛି । ବର୍ତ୍ତମାନ ଘୁଣ୍ଟିବଣି ସମେତ ଆଖପାଖ ଗ୍ରାମର ଆଦିବାସୀ ମହିଳା ମାନେ ଏଥିରେ କାମ କରି ସମୟ ବିତାଇବା ସହିତ ବେଶ ଦୁଇପଇସା ରୋଜଗାର କରୁଛନ୍ତି । ଏହି ବିକାଶ କେନ୍ଦ୍ର ଜରିଆରେ ଆଗାମୀ ଦିନରେ ଜଙ୍ଗଲରୁ ବିଭିନ୍ନ ପ୍ରକାର ମଞ୍ଜି ସଂଗ୍ରହ କରି ସେଥିରୁ ତେଲ ବାହାର କରି ତେଲ ବିକ୍ରୟ କରିବା ପାଇଁ ପ୍ରସ୍ତୁତି ପର୍ବ ଚାଲିଥିବାର କଥା ସଂଯୋଜକ ରୁପାଏ ବାସ୍କେ ଜଣାଇଛନ୍ତି ।

## ବକେୟା ଭତ୍ତା ଅର୍ଥ ପାଇଁ ଆଇଜିଙ୍କ ଅଫିସ ଆଗରେ ଗ୍ରାମରକ୍ଷୀଙ୍କ ଧାରଣା

ବାଲେଶ୍ୱର,୦୫/୧୧ (ନି.ପ୍ର): ବିଭିନ୍ନ ଦାବି ନେଇ ବାଲେଶ୍ୱର ଜିଲା ଗ୍ରାମରକ୍ଷୀ ସଂଘ ଶନିବାର ପୂର୍ବାଞ୍ଚଳ ଜୋନ ପୁଲିସ ଆଇଜିଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେଇଥିଲେ । ବିଭାଗୀୟ ପଦସ୍ଥ ଅଧିକାରୀଙ୍କ ଉଦାସୀନତା ଯୋଗୁଁ ଦୀର୍ଘ ୧୦ମାସ ଧରି ସେମାନଙ୍କୁ ଭତ୍ତା ମିଳି ନଥିବା ବେଳେ ବହୁ ଗ୍ରାମରକ୍ଷୀଙ୍କୁ ବିଭାଗ ପକ୍ଷରୁ ନିଲମ୍ବନ କରାଯାଇଥିବା ସେମାନେ ଆରୋପ ଉଠାଇଥିଲେ । ଗ୍ରାମରକ୍ଷୀଙ୍କ ଅଭିଯୋଗ ଅନୁସାରେ ପ୍ରତିମାସ ସେମାନେ ୨୬ ଦିନ ଗାଁ'ରେ ଡ୍ୟୁଟି କରୁଥିବା ବେଳେ ବାକି ୪ ଦିନ ଥାନାରେ କାର୍ଯ୍ୟ କରିଥା'ନ୍ତି । ୱାରେଣ୍ଟିଙ୍କୁ ଚିହ୍ନଟ କରିବା, ସମ୍ପୃକ୍ତ ଅଞ୍ଚଳରେ କିଛି ଗଣ୍ଡଗୋଳ ହେଲେ ପୁଲିସ ଓ ହୋମଗାର୍ଡ଼ଙ୍କୁ ସହଯୋଗ କରିବା, କୌଣସି ମୃତଦେହ ଜବତ ପରେ ପୋଷ୍ଟମର୍ଟମ ନ ସରିବା ପର୍ଯ୍ୟନ୍ତ ତାହାକୁ ଜଗି ରହିବା ଆଦି ପ୍ରତିଟି କ୍ଷେତ୍ରରେ ଗ୍ରାମରକ୍ଷୀ ସକ୍ରିୟ କାର୍ଯ୍ୟ କରିଥା'ନ୍ତି । ତେବେ ଦୀର୍ଘଦିନରୁ ଫେରାର ଥିବା କିମ୍ବା ଜାମିନ ପାଇ ନଥିବା ୱାରେଣ୍ଟିଙ୍କ ଘର ଚିହ୍ନଟ କରିବା ସହ ଗିରଫ କରିବାରେ ପୁଲିସକୁ ସହଯୋଗ କରିବାରେ ଗ୍ରାମରକ୍ଷୀ ସର୍ବାଗ୍ରେ ଥା'ନ୍ତି । ଖାସ ସେଇଥି ପାଇଁ ସେମାନେ ଅଞ୍ଚଳବାସୀଙ୍କ ଆକ୍ରୋଶର ଶିକାର ହୋଇଛନ୍ତି । ପ୍ରତିଟି ସମୟରେ ପୁଲିସକୁ ସହଯୋଗ କରି ଆସୁଥିବା ଗ୍ରାମରକ୍ଷୀଙ୍କୁ ମାସିକ ମାତ୍ର ୧୮ଶହ ଟଙ୍କା ଭତ୍ତା ଆକାରରେ ମିଳିଥାଏ । ତାହା ବି ନିୟମିତ ମିଳୁ ନଥିବା ଅଭିଯୋଗ ଉଠାଇଥିଲେ ଗ୍ରାମରକ୍ଷୀ ସଂଘର କର୍ମକର୍ତ୍ତା । ଦୀର୍ଘ ୧୦ମାସ ଧରି ସେମାନଙ୍କୁ ଭତ୍ତା ମିଳି ନଥିବା ବେଳେ ଗତ ପଞ୍ଚାୟତ ନିର୍ବାଚନରେ ଡ୍ୟୁଟି କରି ନଥିବା ଆଳ ଦେଖାଇ ଅନେକ ଗ୍ରାମରକ୍ଷୀଙ୍କୁ ନିଲମ୍ବନ କରାଯାଇଥିବା ସେମାନେ କହିଛନ୍ତି । ତୁରନ୍ତ ସେମାନଙ୍କୁ ବକେୟା ଭତ୍ତା ପ୍ରଦାନ ସହ ଗ୍ରାମରକ୍ଷୀଙ୍କ ଉପରୁ ନିଲମ୍ବନ ଆଦେଶ ଉଠାଇ ନେବାକୁ ସେମାନେ ଦାବି କରିଛନ୍ତି । ଦୀର୍ଘ ସମୟ ଧାରଣା ଦେବା ପରେ ଗ୍ରାମରକ୍ଷୀ ସଂଘର ସଭାପତି ରସାନନ୍ଦ ଦାସମହାପାତ୍ର ଓ ସମ୍ପାଦକ ତ୍ରିଲୋଚନ ଦାସ ଆଇଜି ହିମାଂଶୁ ଲାଲଙ୍କୁ ସାକ୍ଷାତ ସହ ଦାବିପତ୍ର ପ୍ରଦାନ କରିଥିଲେ । ଖୁବଶୀଘ୍ର ସେମାନଙ୍କ ଭତ୍ତା ପ୍ରଦାନ ଓ ନିଲମ୍ବନ ଉଠାଇନେବା ବାବଦରେ ପଦକ୍ଷେପ ନେବେ ବୋଲି ଆଇଜି ପ୍ରତିଶ୍ରୁତି ଦେବା ପରେ ଗ୍ରାମରକ୍ଷୀମାନେ ଧାରଣାରୁ ନିବୃତ୍ତ ହୋଇଥିଲେ ।

ଧ୍ୱନି ପ୍ରତିଧ୍ୱନି

ପୃଷ୍ଠା

# ଜିଲ୍ଲା ସ୍ତରୀୟ ଶିଶୁ ମହୋତ୍ସବ ସୁରଭି ୨୦୨୨ ଅନୁଷ୍ଠିତ

ଭୁବନେଶ୍ୱର, ୦୫/୧୧ (ନି.ପ୍ର): କେନ୍ଦ୍ରାପଡାରେ ଜିଲ୍ଲା ସ୍ତରୀୟ ଶିଶୁ ମହୋତ୍ସବ ସୁରଭି ୨୦୨୨ ଅନୁଷ୍ଠିତ ହୋଇଯାଇଛି । ଉଦୟନଗର ସ୍ଥିତ ଜିଲ୍ଲା ସଂସ୍କୃତି ଭବନ ପରିସରରେ ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ସୁରମା ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ କେନ୍ଦ୍ରାପଡା ପୌରାଧ୍ୟକ୍ଷା ସରିତା ସାହୁ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ ଡେରାବିଶ ପଂଚାୟତ ସମିତି ଅଧ୍ୟକ୍ଷା ପ୍ରଭାତୀ ମଲିକ, କେନ୍ଦ୍ରାପଡା ମଣ୍ଡଳ ଶିକ୍ଷା ଅଧିକାରୀ ପାବନୀ କୁମାର ରାଉତ, ଡେରାବିଶ ମଣ୍ଡଳ ଶିକ୍ଷା ଅଧିକାରୀ ଶ୍ରୀକାନ୍ତ କୁମାର ବେହେରା ଓ କୈଳାସ ଚନ୍ଦ୍ର ଦଳାଇ ତଥା ସଂଯୋଜିକା କିରଣତୃଷ୍ଣା ସାହୁ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ଜିଲ୍ଲା ମଙ୍ଗଳ ଅଧିକାରୀ ମମତାରାଣୀ ପରିଡା କାର୍ଯ୍ୟକ୍ରମରେ ମୁଖ୍ୟବକ୍ତା ଭାବେ ଯୋଗ ଦେଇ ଏହି ଅଭିନବ କାର୍ଯ୍ୟକ୍ରମ ମାଧ୍ୟମରେ ଛୋଟ ଛୋଟ ଶିଶୁ ମାନଙ୍କ ଅନ୍ତର୍ନିହିତ ଗୁଣ ଓ କଳାର ବିକାଶ ଘଟାଇ ପ୍ରୋତ୍ସାହନ ଦେବା ମୁଖ୍ୟ ଉଦ୍ଦେଶ୍ୟ ବୋଲି ବକ୍ତବ୍ୟ ରଖିଥିଲେ । ସେହିଭଳି ଅପରାହ୍ନରେ ଅନୁଷ୍ଠିତ ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ଉପଖଣ୍ଡ ସୂଚନା ଓ ଲୋକ ସଂପର୍କ ଅଧିକାରୀ ଅଶୋକ ବଳିଆର ସିଂହ ମୁଖ୍ୟ ଅତିଥି ଭାବରେ ଯୋଗ ଦେଇଥିବା ବେଳେ ଜିଲ୍ଲା ସଂସ୍କୃତି ଅଧିକାରୀ ସୋନାଲି ବେହେରା, କେନ୍ଦ୍ରାପଡା ମଣ୍ଡଳ ଶିକ୍ଷା ଅଧିକାରୀ ପାବନୀ କୁମାର ରାଉତ, ପଟ୍ଟାମୁଣ୍ଡାଇ ବ୍ଲକ ଶିକ୍ଷା ଅଧିକାରୀ ହରିହର ଦଳାଇ ଓ ମହାକାଳପଡା ବ୍ଲକ ଶିକ୍ଷା ଅଧିକାରୀ ତନ୍ମୟ ବେହେରା ସମ୍ମାନିତ ଅତିଥି ଭାବେ ଯୋଗ ଦେଇ କୃତୀତ୍ୱ ଅର୍ଜନ କରିଥିବା ଛାତ୍ରଛାତ୍ରୀ ମାନଙ୍କୁ ପୁରସ୍କାର ବିତରଣ କରିଥିଲେ । ଏହି ଅବସରରେ ୯ଟି ବ୍ଲକର ପ୍ରାୟ ୩୦୦ ରୁ ଉର୍ଦ୍ଧ୍ୱ ଛାତ୍ରଛାତ୍ରୀ ଅଂଶ ଗ୍ରହଣ କରି ନୃତ୍ୟ, ସଙ୍ଗୀତ, ବକ୍ତୃତା, କୁଇଜ୍, ଚିତ୍ରାଙ୍କନ ଓ ଶ୍ରୁତଲିଖନ ପ୍ରଭୃତି ପ୍ରତିଯୋଗିତାରେ ଅଂଶ ଗ୍ରହଣ କରିଥିଲେ । ଅନନ୍ତ କୁମାର ପରିଡା ଓ ସେକ ମନସୁର ଅଲ୍ଲୀ, ବଳଦେବ ଜେନା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।

# ରାଜ୍ୟ ସିନିୟର ଚେସ ପ୍ରତିଯୋଗିତା ଉଦ୍‌ଘାଟିତ




ବାଲେଶ୍ୱର,୦୫/୧୧ (ନି.ପ୍ର): ବାଲେଶ୍ୱର କ୍ଲବ, ଲାୟନ୍ସ କ୍ଲବ ଅଫ ବାଲେଶ୍ୱର ସ୍ୟାଣ୍ଡସିଟି ଓ ଜିଲା ଚେସ ଆସୋସିଏସନର ମିଳିତ ସହଯୋଗରେ ତଥା ଜାତୀୟ ଚେସ ସଂଘର ତତ୍ତ୍ୱାବଧାନରେ ୬୨ତମ ଓଡ଼ିଶା ରାଜ୍ୟ ସିନିୟର ଚେସ ପ୍ରତିଯୋଗିତା ଶନିବାର ଉଦ୍‌ଘାଟିତ ହୋଇଯାଇଛି । ବାଲେଶ୍ୱର କ୍ଲବ ପରିସରରେ ଆୟୋଜିତ ପ୍ରତିଯୋଗିତାକୁ ଜିଲ୍ଲାପାଳ ଦତାତ୍ରୟ ଭାଉସାହେବ ଶିନ୍ଦେ ଆନୁଷ୍ଠାନିକ ଭାବେ ଉଦଘାଟନ କରିବା ସହ ଭାଗ ନେଇଥିବା ପ୍ରତିଯୋଗୀଙ୍କୁ ଉତ୍ସାହିତ କରିଥିଲେ। ଶିଳ୍ପପତି ସଂଗ୍ରାମ ଦାସ, ବାଲେଶ୍ୱର କ୍ଲବର ସମ୍ପାଦକ ମୁରାସ ବୋଧନୱାଲା, ଖେଳ ସମ୍ପାଦକ ଅରୁଣ ଖଣ୍ଡେଲୱାଲ, ଉପ-ସଭାପତି ପ୍ରକାଶ ମହାନ୍ତି, ଲାୟନ୍ସ କ୍ଲବ ସ୍ୟାଣ୍ଡସିଟି ସଭାପତି ଶଶିଭୂଷଣ ମିଶ୍ର, ଜିଲ୍ଲା ଚେସ ସଂଘ ସମ୍ପାଦକ ମନୋରଂଜନ ପଣ୍ଡା, ସଂଘର ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ସନ୍ଦୀପ ସାମନ୍ତରାୟ ପ୍ରମୁଖ ଏହି ଉଦ୍‌ଘାଟନୀ ଉତ୍ସବରେ ମଞ୍ଚାସୀନ ଥିଲେ। ଜିଲ୍ଲା ଚେସ ସଂଘର କାର୍ଯ୍ୟକାରୀ ସଭାପତି ପ୍ରଦୀପ୍ତ କୁମାର ପଣ୍ଡାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି ରାଜ୍ୟସ୍ତରୀୟ ପ୍ରତିଯୋଗିତା ପରିଚାଳିତ ହେଉଛି। ଏହି ପ୍ରତିଯୋଗିତାରେ ରାଜ୍ୟର ମୋଟ ୧୦୭ ଜଣ ପ୍ରତିଯୋଗୀ ଅଂଶଗ୍ରହଣ କରିଛନ୍ତି। ତନ୍ମଧ୍ୟରୁ ଉତ୍କଳ ରଞ୍ଜନ ସାହୁ, ସୌମ୍ୟରଂଜନ ମିଶ୍ର, ମନୋଜ ପାଣିଗ୍ରାହୀ, ଦେବାଶିଷ ଚକ୍ରବର୍ତ୍ତୀ, ରାଜେଶ ନାୟକ ପ୍ରମୁଖ ୫ଜଣ ରାଜ୍ୟ ଚମ୍ପିୟନ ଓ ୫୮ ଜଣ ଆନ୍ତର୍ଜାତିକ ଖ୍ୟାତି ସମ୍ପନ୍ନ ଖେଳାଳି ଏଥିରେ ଭାଗ ନେଇଛନ୍ତି।

# ଓଏମଇଏସ୍ କ୍ୟାଡରର ୧୩୦ ଆସିଷ୍ଟାଂଟ ପ୍ରଫେସର ନିଯୁକ୍ତିକୁ ମୁଖ୍ୟମନ୍ତ୍ରୀଙ୍କ ଅନୁମୋଦନ

ଭୁବନେଶ୍ୱର, ୦୫/୧୧ (ନି.ପ୍ର): ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଶନିବାର ୯ଟି ବୋର୍ଡ ସ୍ପେଶାଲିଟି ବିଭାଗରେ ୧୩୦ ଜଣ ଓଡିଶା ମେଡିକାଲ ଶିକ୍ଷା ସେବା ସମ୍ବର୍ଗ (ଓଏମଇଏସ୍ କ୍ୟାଡର)ର ସହକାରୀ ପ୍ରାଧ୍ୟାପକଙ୍କ ନିଯୁକ୍ତି ପାଇଁ ଅନୁମୋଦନ କରିଛନ୍ତି। ଏହି ନିଯୁକ୍ତି ପାଇଁ ଓଡିଶା ଲୋକ ସେବା ଆୟୋଗ ସୁପାରିଶ କରିଥିଲେ । ଏଥିପୂର୍ବରୁ ଗତ ସେପ୍ଟେମ୍ବର ଓ ଅକ୍ଟୋବର ମାସରେ ୭ଟି ବୋର୍ଡ ସ୍ପେଶାଲିଟି ବିଭାଗରେ ୬୫ ଜଣ ଓଏମଇଏସ୍ କ୍ୟାଡର ଆସିଷ୍ଟାଂଟ ପ୍ରଫେସରଙ୍କୁ ନିଯୁକ୍ତି ଦିଆଯାଇଥିଲା। ଏହାଫଳରେ ୨୦୨୨ ବର୍ଷରେ ମୋଟ ୧୬ଟି ବିଭାଗରେ ୧୯୫ ଜଣ ଆସିଷ୍ଟାଂଟ ପ୍ରଫେସର ନିଯୁକ୍ତି ପାଇଛନ୍ତି। ଏହି ବିଭାଗ ଗୁଡିକ ହେଲା ଭେଷଜ, ଶାରୀରିକ ଭେଷଜ ଓ ଥଇଥାନ , ଶରୀର ଗଠନ, ଯକ୍ଷ୍ମା ଓ ଛାତି ରୋଗ, ଚକ୍ଷୁରୋଗ , ଶରୀରତତ୍ତ୍ୱ , ରକ୍ତସଂଚାଳନ ଭେଷଜ, ଶଲ୍ୟ ଚିକିତ୍ସା, ଶିଶୁରୋଗ, ଗୋଷ୍ଠୀ ଭେଷଜ, ପ୍ରସୂତି ଓ ସ୍ତ୍ରୀ ରୋଗ, ନିଦାନ, ଚର୍ମ ଓଯୌନ ରୋଗ, ନିଶ୍ଚେତକ, ଅଣୁଜୀବ ବିଜ୍ଞାନ ଏବଂ ନୀତି ତାତ୍ତ୍ୱିକ ଭେଷଜ ଓ ବିଷ ବିଜ୍ଞାନ।

# 'ଏମଆର ଗୁରୁକୁଳ କ୍ଲାସେସ'ର ବାର୍ଷିକ ଉତ୍ସବ



ବାଲେଶ୍ୱର,୦୫/୧୧ (ନି.ପ୍ର): ବାଲେଶ୍ୱରର ଅନ୍ୟତମ କୋଚିଂ ସେଣ୍ଟର 'ଏମଆର ଗୁରୁକୁଳ କ୍ଲାସେସ'ର ବାର୍ଷିକ ଉତ୍ସବ ସ୍ଥାନୀୟ ଗାନ୍ଧୀସ୍ମୃତି ଭବନ ପରିସରରେ ଶନିବାର ଅନୁଷ୍ଠିତ ହୋଇଯାଇଛି। ସଦର ବିଧାୟକ ସ୍ୱରୂପ କୁମାର ଦାସ ଏଥିରେ ମୁଖ୍ୟଅତିଥି ଭାବେ ଯୋଗଦେଇ ଉତ୍ସବକୁ ଉଦଘାଟନ କରିବା ସହିତ ସଫଳତାର ବିଭିନ୍ନ ଦିଗ ସମ୍ପର୍କରେ ଛାତ୍ରଛାତ୍ରୀଙ୍କୁ ପରାମର୍ଶ ଦେଇଥିଲେ। ଛାତ୍ରଛାତ୍ରୀଙ୍କ ଉଜ୍ଜ୍ୱଳ ଭବିଷ୍ୟତ ଗଠନରେ ପିତାମାତାଙ୍କ ସମେତ ଶିକ୍ଷକ ଶିକ୍ଷୟିତ୍ରୀଙ୍କର ଗୁରୁ ଦାୟିତ୍ୱ ଅଛି ବୋଲି ସେ କହିଥିଲେ। ଏ କ୍ଷେତ୍ରରେ ଗୁରୁକୁଳ କ୍ଲାସେସ ଅନ୍ୟମାନଙ୍କ ପାଇଁ ଉଦାହରଣ ହୋଇଛି ବୋଲି ବିଧାୟକ ଶ୍ରୀ ଦାସ ମତ ପ୍ରକାଶ କରିଥିଲେ। କବି ପ୍ରଶାନ୍ତ ଦାସ ଏଥିରେ ମୁଖ୍ୟବକ୍ତା ଭାବେ ଯୋଗଦେଇ ଶିକ୍ଷା, ଶିକ୍ଷକ ଓ ଶିକ୍ଷାର୍ଥୀଙ୍କ ମଧ୍ୟରେ ଥିବା ମହାନ ସମ୍ପର୍କ ଉପରେ ଆଲୋକପାତ କରିଥିଲେ। ଶିକ୍ଷକ କେବଳ ଶିକ୍ଷାଦାନ କରିଥିବା ବେଳେ ଜଣେ ଗୁରୁ ଶିକ୍ଷା ସହ ଜ୍ଞାନ ପ୍ରଦାନ କରିଥାଏ। ଛାତ୍ରଟିଏ ପ୍ରକୃତ ଶିକ୍ଷା ଗ୍ରହଣ କରିବାରେ ହିଁ ତା'ର ଜ୍ଞାନ ଉଦୟ ହୋଇଥାଏ ବୋଲି ଶ୍ରୀ ଦାସ କହିଥିଲେ। ଚାଟାର୍ଡ୍ ଆକାଉଂଟାଂଟ ବିଶ୍ୱରଂଜନ ପଣ୍ଡା ଓ ବାଲେଶ୍ୱର ପୂର୍ବତନ ପୌର ଉପାଧ୍ୟକ୍ଷ ମନୋଜ ରାଉତ ଏଥିରେ ସମ୍ମାନିତ ଭାବେ ଯୋଗଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ। ଅନୁଷ୍ଠାନର ମୁଖ୍ୟ ସୁଶାନ୍ତ କୁମାର ରାଉତଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ଛାତ୍ରୀ ଶର୍ବାଣୀ ଶ୍ରୀୟାଂଶୁ ଭୋଇ ବାର୍ଷିକ ବିବରଣୀ ପାଠ କରିଥିଲେ। ଏହି ଅବସରରେ ଶ୍ରେଷ୍ଠ ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ସମ୍ବର୍ଦ୍ଧନା ଓ ଶ୍ରେଷ୍ଠ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। ସଭା ପରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

## ଯୁବଗୋଷ୍ଠୀଙ୍କୁ ରୋଜଗାର ଦେବାକୁ ନେଇ ଗମ୍ଭୀର ନୁହନ୍ତି ମୋଦୀ ସରକାର : ଖଡ଼ଗେ

ନୂଆଦିଲ୍ଲୀ, ୦୫/୧୧ : କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖଡ଼ଗେ କହିଛନ୍ତି ଯେ କେନ୍ଦ୍ର ସରକାର ଯୁବକଙ୍କୁ ରୋଜଗାର ଦେବା ମାମଲାକୁ ନେଇ ଗମ୍ଭୀର ନୁହଁନ୍ତି। ଖଡ଼ଗେ ଶନିବାର ଦିନ ଟ୍ୱିଟ୍ କରି କହିଛନ୍ତି ଯେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ସବୁବର୍ଷ ଦୁଇ କୋଟି ଲୋକଙ୍କୁ ସରକାରୀ ଚାକିରୀ ଦେବାକୁ ପ୍ରତିଶ୍ରୁତି ଦେଇଥିଲେ କିନ୍ତୁ ଏହି ସରକାର କେନ୍ଦ୍ର ସରକାରରେ ଖାଲି ପଡ଼ିଥିବା ୧୦ ଲକ୍ଷ ସରକାରୀ ପଦକୁ ଗତ ଆଠବର୍ଷରେ ପୂରଣ କରିବାରେ ବିଫଳ ହୋଇଛନ୍ତି । ଏହି ସରକାରଙ୍କୁ ଯୁବକଙ୍କ ଭବିଷ୍ୟତର କୌଣସି ଚିନ୍ତା ନାହିଁ। ଖଡ଼ଗେ କହିଛନ୍ତି ଯେ ପିଏମ୍ ମୋଦୀ ଦ୍ୱାରା କରିବା ବାଦା ଅନୁଯାୟୀ ଗତ ଆଠ ବର୍ଷରେ ୧୬ କୋଟି ଲୋକଙ୍କୁ ଚାକିରି ମିଳିବା ଥିଲା କିନ୍ତୁ ଏହି ସରକାର ନିଜ ବାଦାକୁ ଭୁଲିଯାଇଛି। ସେ କହିଛନ୍ତି ଯେ ଏହି ଦିନରେ ମେକ୍ ଇନ୍ ଇଣ୍ଡିଆ ଏବଂ ସ୍କିଲ୍ ଇଣ୍ଡିଆ ବିଷୟରେ କଥା ହୋଇନାହିଁ।

# ଅଦ୍ୱିକା କର୍ମଶାଳା ଉଦ୍‌ଯାପିତ



ଭଦ୍ରକ,୦୫/୧୧ (ନି.ପ୍ର): ସ୍ଥାନୀୟ ବାଇପାସ ସ୍ଥିତ ଆସିଆନା ସଭାଗୃହରେ ମହିଳା ଓ ଶିଶୁ ବିକାଶ ବିଭାଗ ଦ୍ୱାରା ପରିଚାଳିତ ଅଦ୍ୱିକା ୨ଦିନିଆ କର୍ମଶାଳା ଅତିରିକ୍ତ ସମାଜ ମଙ୍ଗଳ ଅଧିକାରିଣୀ କୁସୁମା ମହାନ୍ତିଙ୍କ ଦ୍ୱାରା ଉଦ୍‌ଯାପିତ ହୋଇଯାଇଛି। ଏହି ଅବସରରେ ଜିଲ୍ଲା ମହିଳା ସୁରକ୍ଷା ଅଧିକାରିଣୀ ତଥା ପ୍ରୋଗ୍ରାମ ଅଫିସର ଚନ୍ଦ୍ରା ସାହୁ ଓ ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ବିଜୟ କେତନ ସାହୁ ପ୍ରମୁଖ ଯୋଗଦେଇ କର୍ମଶାଳାର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ଉପରେ ବିସ୍ତୃତ ଆଲୋଚନା କରିଥିଲେ। ଚାଇଲ୍ଡ ଲାଇନର ନିର୍ଦ୍ଦେଶିକା ସୋଫିଆ ସେକ୍ ମହିଳା ଓ ଶିଶୁ ମାନଙ୍କର ସୁରକ୍ଷା ଦାୟିତ୍ୱ କିପରି ଭାବେ ନେବାକୁ ହେବ ଆଲୋକପାତ କରିଥିଲେ। ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀଣୀ ଜୟନ୍ତୀ ବେହେରା ଏହି କର୍ମଶାଳାକୁ ଉଦ୍‌ଘାଟନା କରିଥିଲେ। ଏହି କର୍ମଶାଳାରେ ୟୁଏନଏଫପିଏ ର ତାଲିମ ଦାତ୍ରି ନିର୍ମଳା ବେହେରା ଓ ରିତାରାଣୀ ଦାସ ଯୋଗଦେଇ ଉପସ୍ଥିତ ସିଡିପିଓ ଓ ସୁପରଭାଇଜର ମାନଙ୍କୁ ତାଲିମ ଦେଇଥିଲେ। ଏଥିରେ ମୁଖ୍ୟତଃ ଜୀବନ କୈଶଳ, ଯୌନସ୍ୱାସ୍ଥ୍ୟ ଓ ପ୍ରଜନନ ଶିକ୍ଷା ଓ ବ୍ୟବହାର ବିଷୟରେ ସମସ୍ତଙ୍କୁ ତାଲିମ ଦିଆଯାଇଥିଲା। ଜିଲ୍ଲା, ବ୍ଲକ ଓ ପଂଚାୟତ ସ୍ତରରେ ଏହାର ପ୍ରସାର ପାଇଁ ଅଙ୍ଗନୱାଡ଼ି କେନ୍ଦ୍ର ଗୁଡିକୁ ସଶକ୍ତ କରିବା ପାଇଁ ଏହି ପଦକ୍ଷେପ ଏକ ଯୁଗାନ୍ତକାରି ନିଷ୍ପତି ରୂପେ ସର୍ବସମତି ଭାବେ ପ୍ରକାଶ ପାଇଥିଲା। ଏହି କାର୍ଯ୍ୟକ୍ରମକୁ ଏକ୍ସାନଏଡ ର ଜିଲ୍ଲା ସଂଯୋଜକ (ବାଲ୍ୟ ବିବାହ) ଅସିମ୍ ଅମିତାଭ ଦାସ ପରିଚାଳନା କରିବା ସଂଗେ ସଂଗେ କାର୍ଯ୍ୟକ୍ରମକୁ ସଫଳ ରୂପାୟନ ପାଇଁ ନିବେଦନ କରିଥିଲେ।

## ରେଭ୍ ପାର୍ଟି ଉପରେ ରେଡ୍ : ୨ ଗିରଫ

ଭୁବନେଶ୍ୱର, ୦୫/୧୧ (ନି.ପ୍ର): ଭୁବନେଶ୍ୱର ଉପକଣ୍ଠରେ ଥିବା ଏକ ରିସୋର୍ଟରେ ରେଭ୍ ପାର୍ଟି ଚାଲୁଥିବା ବେଳେ ପୋଲିସ୍ ଚଢାଉ କରି ୨ ଜଣଙ୍କୁ ଗିରଫ କରିଛି । ଗିରଫ ଅଭିଯୁକ୍ତ ମାନଙ୍କ ମଧ୍ୟରେ ଜଣେ ଉକ୍ତ ରିସୋର୍ଟର ମାଲିକ ହୋଇଥିବା ବେଳେ ଅନ୍ୟଜଣେ ମ୍ୟାନେଜର। ସେଠାରୁ ପୋଲିସ୍ ୨୦ ଲିଟର ମଦ ଜବତ ହୋଇଥିବା ଜଣାପଡିଛି। ସୂଚନା ଅନୁସାରେ ଚନ୍ଦକା ମେଣ୍ଢାଶାଳ ସ୍ଥିତ ଏକ ଘରୋଇ ରିସର୍ଟରେ ବିଳମ୍ବିତ ରାତି ଯାଏଁ ପାର୍ଟି ଚାଲୁଥିଲା। ନିଶା ସେବନ ଚାଲିଥିବା ଖବର ପାଇ ଚନ୍ଦକା ପୋଲିସ ଚଢାଉ କରିଥିଲା । ପାର୍ଟିରେ ବହୁ ବଡ଼ବଡ଼ିଆ ଥିବା ଜଣାପଡ଼ିଛି । ବିନା ଅନୁମତିରେ ବିଳମ୍ବିତ ରାତି ଯାଏ ଚାଲିଥିଲା ଏହି ପାର୍ଟି ।

# ଟାଉନ ହାଇସ୍କୁଲର ଆନ୍ତଃଶ୍ରେଣୀ କବାଡ଼ି ପ୍ରତିଯୋଗିତା ଉଦ୍‌ଯାପିତ

ବାଲେଶ୍ୱର,୦୫/୧୧ (ନି.ପ୍ର): ଟାଉନ ହାଇସ୍କୁଲରେ ୩ ଦିନ ଧରି ଚାଲିଥିବା ଆନ୍ତଃଶ୍ରେଣୀ କବାଡ଼ି ପ୍ରତିଯୋଗିତା ଶନିବାର ଉଦ୍‌ଯାପିତ ହୋଇଯାଇଛି । ଆୟୋଜିତ ଫାଇନାଲ ମ୍ୟାଚକୁ ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ସୁମତି ରାଉତ, ଆଲୁମିନି ସମ୍ପାଦକ ରବୀନ୍ଦ୍ର କୁମାର ମହାନ୍ତି, ଶିକ୍ଷକ ଦାମୋଦର ପଣ୍ଡା ପ୍ରମୁଖ ଖେଳାଳିଙ୍କ ସହ କରମର୍ଦ୍ଦନ ପୂର୍ବକ ଉଦଘାଟନ କରିଥିଲେ। ଏହି ପ୍ରତିଯୋଗିତା ବିଦ୍ୟାଳୟ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଭାତୃଭାବ ବୃଦ୍ଧି କରିଥାଏ ବୋଲି ଅତିଥିମାନେ କହିଥିଲେ। ବାଳକ ଜୁନିୟର ବିଭାଗ ଫାଇନାଲ ମ୍ୟାଚ ଅଷ୍ଟମ ଶ୍ରେଣୀ କ ଓ ଖ ବିଭାଗ ମଧ୍ୟରେ, ବାଳିକା ଜୁନିୟର ବିଭାଗ ଅଷ୍ଟମ ଶ୍ରେଣୀ କ ଓ ଖ ଏବଂ ସିନିୟର ବିଭାଗ ଫାଇନାଲ ମ୍ୟାଚ ଦଶମ ଶ୍ରେଣୀ କ ଓ ଖ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏଥିରେ ବାଳକ ଜୁନିୟରରେ ଅଷ୍ଟମ ଖ, ବାଳିକା ଜୁନିୟରରେ ଅଷ୍ଟମ କ ଏବଂ ସିନିୟର ବର୍ଗରେ ଦଶମ କ ଚମ୍ପିୟାନ ଘୋଷିତ ହୋଇଥିଲା। ଏହି ମ୍ୟାଚଗୁଡ଼ିକୁ ଖ୍ରୀଷ୍ଟିୟାନ ହାଇସ୍କୁଲର ଖେଳ ଶିକ୍ଷକ ଚିତରଂଜନ ପାଶା, ଟାଉନ ହାଇସ୍କୁଲର ଖେଳ ଶିକ୍ଷୟିତ୍ରୀ କଳ୍ପଲତା ରଥ ପରିଚାଳନା କରିଥିଲେ। ଶିକ୍ଷକ ଅକ୍ଷୟ କୁମାର ପାତ୍ର, ଏସଏମସି ସଭାପତି ପ୍ରଦୀପ କୁମାର ଖୁଂଟିଆଙ୍କ ସମେତ ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଓ କର୍ମଚାରୀ କବାଡ଼ି ପ୍ରତିଯୋଗିତା ପରିଚାଳନାରେ ସକ୍ରିୟ ସହଯୋଗ କରିଥିଲେ।

# ବିଧାୟକଙ୍କ ଦ୍ୱାରା ବିଭିନ୍ନ ପ୍ରକଳ୍ପର ଶିଳାନ୍ୟାସ ଓ ଉଦ୍‌ଘାଟନ ଉତ୍ସବ



ଲଙ୍ଗଳେଶ୍ୱର,୦୫/୧୧ (ନି.ପ୍ର): ବାଲିଆପାଳ ବ୍ଲକ ଅନ୍ତର୍ଗତ ବଳରାମପୁର ପଞ୍ଚାୟତ ର ବିଭିନ୍ନ ପ୍ରକଳ୍ପର ଶିଳାନ୍ୟାସ ଓ ଉଦଘାଟନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ବସ୍ତା ବିଧାୟକ ନିତ୍ୟାନନ୍ଦ ସାହୁ ଯୋଗଦେଇ ସମସ୍ତ ପ୍ରକଳ୍ପର ଶିଳାନ୍ୟାସ ଓ ଉଦଘାଟନ କରିଥିଲେ।ପ୍ରଥମେ ଆଦର୍ଶ ବିଦ୍ୟାଳୟ ର ଛାତ୍ରୀ ନିବାସ ଗୃହ ଶିଳାନ୍ୟାସ କରିବା ସହ ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟ ଶିଳାନ୍ୟାସ କରିଥିଲେ।ପରେ ମିଶନ ଶକ୍ତି ଗୃହ,ଗ୍ରାମ୍ୟ ପାନୀୟଜଳ ପ୍ରକଳ୍ପ,ଓ ଅଙ୍ଗନୱାଡି ଗୃହ ଉଦଘାଟନ କରିଥିଲେ। ଆଗାମୀ ଦିନରେ ଏ ଅଞ୍ଚଳର ବିକାଶ ପାଇଁ ସେ ଗୁରୁତ୍ୱ ଦେବେ ବୋଲି ଉଦଘାଟନୀ ସଭାରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ବିଧାୟକ ଶ୍ରୀ ସାହୁ କହିଥିଲେ।ବିଶିଷ୍ଟ ସମାଜସେବୀ ନିତ୍ୟାନନ୍ଦ ପାଣିଗ୍ରାହୀ ଙ୍କ ପୌରହିତ୍ୟରେ ଅନୁଷ୍ଠିତ ଏହି ସଭାରେ ସମ୍ମାନିତ ଅତିଥି ଭାବେ ବାଲିଆପାଳ ତହସିଲଦାର ଦୀପକ କୁମାର ଦାସ, ବିଡ଼ିଓ ବିନୋଦ କୁମାର ପଣ୍ଡା, ସ୍ଥାନୀୟ ଜିଲ୍ଲା ପରିଷଦ ସଦସ୍ୟା କାଞ୍ଚନ ବାଳା ଜେନା, ସମିତି ସଦସ୍ୟ ମୀନକେତନ ଦାସମହାପାତ୍ର, ପ୍ରମୁଖ ଯୋଗଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ। ଝାଡଶ୍ୱର ମଲ୍ଲିକ ମଞ୍ଚ ସଂଯୋଜନା କରିଥିବା ବେଳେ ସରପଞ୍ଚ ଅରୁଣ କୁମାର ପାଣିଗ୍ରାହୀ ଧନ୍ୟବାଦ ଅର୍ପଣ କରିଥିଲେ ପଞ୍ଚାୟତ କାର୍ଯ୍ୟ ନିର୍ବାହୀ ଅଧିକାରୀ ରାଧିକା ଦଣ୍ଡପାଟ, ଯୁବନେତା ରାମଚନ୍ଦ୍ର ପ୍ରଧାନ ବିଟୁ ଦାସ ମହାପାତ୍ର ଉପସ୍ଥିତ ରହି ପରିଚାଳନା କରିଥିଲେ।

# ଜିଲ୍ଲାସ୍ତରୀୟ ଦୁର୍ନୀତି ନିବାରଣ ସପ୍ତାହ ଉଦ୍‌ଯାପିତ




ବାଲେଶ୍ୱର,୦୫/୧୧ (ନି.ପ୍ର): ଜିଲ୍ଲାସ୍ତରୀୟ ଦୁର୍ନୀତି ନିବାରଣ ସଚେତନତା ସପ୍ତାହ-୨୦୨୨ ଶନିବାର ଉଦଯାପିତ ହୋଇଯାଇଛି। ସ୍ଥାନୀୟ ଜିଲା ପରିଷଦ ସମ୍ମିଳନୀ କକ୍ଷରେ ଆୟୋଜିତ କାର୍ଯ୍ୟକ୍ରମରେ ପୂର୍ବାଞ୍ଚଳ ରେଞ୍ଜ ପୁଲିସ ଆଇଜି ହିମାଂଶୁ ଲାଲ ମୁଖ୍ୟଅତିଥି ଭାବେ ଯୋଗଦେଇ ବ୍ୟାଧି ଭଳି ପ୍ରତିଟି କ୍ଷେତ୍ରରେ ମାଡ଼ିଚାଲିଥିବା ଦୁର୍ନୀତିକୁ ନେଇ ଉଦବେଗ ପ୍ରକାଶ କରିଥିଲେ। ତେବେ ଓଡ଼ିଶାରେ ଦୁର୍ନୀତିର ମାତ୍ରା ହ୍ରାସ କରିବାରେ ରାଜ୍ୟ ସରକାରଙ୍କ ୫-ଟି ଓ ମୋ ସରକାର କାର୍ଯ୍ୟକ୍ରମର ଯଥେଷ୍ଟ ଭୂମିକା ରହିଛି। ପ୍ରତ୍ୟେକ ବର୍ଗର ଜନସାଧାରଣଙ୍କୁ ଏହାର ସୁବିଧା ନେବା ପାଇଁ ଅଧିକ ସଚେତନତାର ଆବଶ୍ୟକତା ରହିଛି ବୋଲି ଆଇଜି ମତ ପ୍ରକାଶ କରିଥିଲେ। ବାଲେଶ୍ୱରର ଆରକ୍ଷୀ ଅଧୀକ୍ଷକ ସୁଧାଂଶୁ ଶେଖର ମିଶ୍ର ଓ ଜିଲା ପରିଷଦ ଅଧ୍ୟକ୍ଷ ନାରାୟଣ ପ୍ରଧାନ ଏଥିରେ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଜନସାଧାରଣଙ୍କ ବିନା ସହଯୋରେ ଦୁର୍ନୀତି ନିବାରରଣ ସମ୍ଭବ ନୁହେଁ ବୋଲି କହିଥିଲେ। ଏଣୁ ଦୁର୍ନୀତିର ମୂଳ ଉତ୍ପୋଟନ ପାଇଁ ସବୁ ମହଲରୁ ଉଦ୍ୟମ ଏକାନ୍ତ ଆବଶ୍ୟକ ବୋଲି ସେମାନେ ମତ ପ୍ରକାଶ କରିଥିଲେ। ଜିଲାପାଳ ଦତାତ୍ରୟ ଭାଉସାହେବ ଶିନ୍ଦେ ଏଥିରେ ଅଧ୍ୟକ୍ଷତା କରିବା ସହିତ ପ୍ରତ୍ୟେକ ପରିବାରରୁ ଦୁର୍ନୀତି ବିରୋଧରେ ସଚେତନା ସୃଷ୍ଟି ପାଇଁ ଆହ୍ୱାନ ଦେଇଥିଲେ। ଜିଲା ପରିଷଦ ମୁଖ୍ୟ ନିର୍ବାହୀ ଅଧିକାରୀ ରବୀନ୍ଦ୍ର କୁମାର ସାହୁ ଓ ବାଲେଶ୍ୱର ଉପ-ଜିଲ୍ଲାପାଳ ଚହ୍ୱାନ କୁନାଲ ମୋତିରାମ ଏଥିରେ ମଞ୍ଚାସୀନ ହୋଇ ବକ୍ତବ୍ୟ ପ୍ରଦାନ କରିଥିଲେ। ଭିଜିଲାନ୍ସ ଏସପି ନରହରି ନାୟକ ଏଥିରେ ସ୍ୱାଗତ ଅଭିଭାଷଣ ଦେଇଥିବା ବେଳେ ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଭବାନୀ ଶଙ୍କର ଭୂୟାଁ ସଭା ପରିଚାଳନା କରିଥିଲେ। ସଂସ୍କୃତି ଅନୁଷ୍ଠାନର ପ୍ରାରମ୍ଭିକ ସଙ୍ଗୀତରୁ ଆରମ୍ଭ ହୋଇଥିଲା ଏହି ସମାପନୀ ସଭା। ଦୁର୍ନୀତି ନିବାରଣ ସଚେତନତା ଉପରେ ବକ୍ତୃତା ପ୍ରତିଯୋଗିତାର କୃତୀ ପ୍ରତିଯୋଗୀ ଅଂଶୁମାନ ପ୍ରଧାନ, ସତ୍ୟମ୍ ଦାସ, ସୁଶ୍ରୀ ଏନ୍. ଉପାସନା ବକ୍ତବ୍ୟ ରଖିଥିଲେ। ଏଥି ସହିତ ବାଲେଶ୍ୱର ବାର୍ ଆସୋସିଏସନ୍ ସଭାପତି ମନୋଜ କୁମାର ନାୟକ, ସିଭିଲ ସୋଶାଇଟିର କର୍ମକର୍ତ୍ତା ଅନ୍ତର୍ଯ୍ୟାମୀ ପ୍ରଧାନ, ଅବସର ପ୍ରାପ୍ତ ସରକାରୀ କର୍ମଚାରୀ ସଂଘ କର୍ମକର୍ତ୍ତା ଇଂ. ବନମାଳି ନାୟକ ମଧ୍ୟ ଦୁର୍ନୀତି ନିବାରଣର ବିଭିନ୍ନ ଦିଗ ଉପରେ ମତାମତ ରଖିଥିଲେ। ପୂର୍ବରୁ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାର କୃତୀ ଛାତ୍ରଛାତ୍ରୀଙ୍କୁ ଏଥିରେ ପୁରସ୍କୃତ କରାଯାଇଥିଲା। ଜିଲ୍ଲା ସଂସ୍କୃତି ବିଭାଗ ପକ୍ଷରୁ ସହରର ଗହଳି ସ୍ଥାନରେ ପଥପ୍ରାନ୍ତ ପାଲା ମାଧ୍ୟମରେ ସଚେତନତା ସୃଷ୍ଟି କରାଯାଇଥିଲା। ସଭାରେ ମିଶନ ଶକ୍ତି, ଅଙ୍ଗନୱାଡ଼ି ଓ ଆଶାକର୍ମୀ, ବିଦ୍ୟାଳୟ ଓ ମହାବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀ, କର୍ମଚାରୀ ଯୋଗ ଦେଇଥିଲେ।

## ପ୍ରଫେସର କିଶୋର କୁମାର ବାସା ହେଲେ ନ୍ୟାସନାଲ ମନୁମେଂଟ ଅଥରିଟିର ଚେୟାରମେନ



ବାରିପଦା,୦୫/୧୧ (ନି.ପ୍ର): ମହାରାଜା ଶ୍ରୀରାମ ଚନ୍ଦ୍ର ଭଂଜ ଦେଓ ବିଶ୍ୱବିଦ୍ୟାଳୟର ବର୍ତ୍ତମାନର କୁଳପତି ପ୍ରଫେସର କିଶୋର କୁମାର ବାସା କେନ୍ଦ୍ର ସରକାରଙ୍କ ଅଧିନସ୍ଥ ଜାତୀୟ ସ୍ମାରକୀ ପ୍ରାଧିକରଣ (ନେସନାଲ ମନୁମେଂଟ ଅଥରିଟି ଅଫ ଇଣ୍ଡିଆ) ର ଚେୟାରମେନ ଭାବରେ ନିଯୁକ୍ତ ହୋଇ ଥିବାର ଜଣାଯାଇଛି । ସେ ଓଡିଶାର ପ୍ରଥମ ସାମାଜିକ ବୈଜ୍ଞାନିକ ଭାବରେ ଏପରି ସମ୍ମାନଜନକ ପଦବୀରେ ଅବସ୍ଥାପିତ ହେବେ । ତେବେ ଏହି ଘୋଷଣା ପରେ ସାରା ଭାରତ ବର୍ଷରୁ ବିଭିନ୍ନ ମହଲରୁ ତାଙ୍କୁ ଅଭିନନ୍ଦନର ସୁଅ ଛୁଟିଛି ।

# ଭଂଜପୁର ଜଗଦ୍ଧାତ୍ରୀ ମେଳା ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ




ବାରିପଦା,୦୫/୧୧ (ନି.ପ୍ର): ସ୍ଥାନୀୟ ଭଂଜପୁର ଜଗଦ୍ଧାତ୍ରୀ ମେଳା ପଡିଆରେ ଉତର ଓଡିଶାର ବଡ଼ ମେଳା ଜଗଦ୍ଧାତ୍ରୀ ମେଳା ପାଇଁ ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ ବୋଲି ମେଳାର କାର୍ଯ୍ୟକାରୀ କମିଟି ଅଧକ୍ଷ ନଗରପାଳ କୃଷ୍ଣନନ୍ଦ ମହାନ୍ତି କୁମାର୍ସ କ୍ଲବ ପରିସରରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ପ୍ରକାଶ କରିଛନ୍ତି । ଚଳିତ ବର୍ଷ ମାଙ୍କର ପୂଜା ୨ତାରିଖ ଠାରୁ ପାରମ୍ପାରିକ ରୀତିରେ ଆରମ୍ଭ ହୋଇଯାଇଛି ବୋଲି ସାଧାରଣ ସମ୍ପାଦକ ଦର୍ପ ନାରାୟଣ ପାଲ ଜଣାଇଛନ୍ତି। ମା'ଙ୍କ ୭୦ ତମ ପୂଜା ଅବସରରେ ଆୟୋଜିତ ୨୮ ତମ ମେଳାରେ ଜିଲ୍ଲା ତଥା ଜିଲ୍ଲା ବାହାରୁ ବିଶେଷ କରି ପଡୋଶୀ ରାଜ୍ୟ ପଶ୍ଚିମବଙ୍ଗ, ଝାରଖଣ୍ଡରୁ ମୋଟ ୩୨୦ ଟି ସରକାରୀ ଓ ବେସରକାରୀ ଷ୍ଟଲ ପ୍ରଦର୍ଶିତ ହେବ ବୋଲି ସାମନ୍ତ ଶେଖର ପାଲ ଜଣାଇଛନ୍ତି ଓ ପ୍ରତ୍ୟେକ ଦିନ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମରେ ଓଡିଶୀ, ଛଉ, ଆଦିବାସୀ, ଝୁମର, ମେଲୋଡି, ରେକର୍ଡ ଡ୍ୟାନ୍ସ ସହ ଜିଲ୍ଲା ବାହାରୁ ମଧ ସାଂସ୍କୃତିକ ଦଳ ମଧ ଅଂଶ ଗ୍ରହଣ କରୁଛନ୍ତି ବୋଲି ସାଂସ୍କୃତିକ ସମ୍ପାଦକ ମାନସ ମହାନ୍ତି ଓ ପ୍ରିତମ ପଣ୍ଡା ଜଣାଇଛନ୍ତି । ଏଥି ସହିତ ବିଦ୍ୟାଳୟ ଓ ମହାବିଦ୍ୟାଳୟ ସ୍ତରୀୟ ଛାତ୍ର ଛାତ୍ରୀଙ୍କ ମଧରେ କୁଇଜ, ଡିବେଟ, ଚିତ୍ରାଙ୍କନ ଓ ଗୀତ ପ୍ରତିଯୋଗିତା ଅନୁଷ୍ଠିତ ହୋଇଛି । ଏ ବର୍ଷର ବିଶେଷ ଆକର୍ଷଣ ହେଉଛି ରାଷ୍ଟ୍ରପତି ଭବନ ସଦୃଶ ତୋରଣ ଓ ପ୍ରତିବର୍ଷ ପରି ଏ ବର୍ଷ ମଧ ମେଳାର ସିଧାପ୍ରସାରଣ ସହ ପ୍ରଶ୍ନ ଉତର, ଚିଠିପତ୍ର, ଆଜିର ଅତିଥି ଓ ଚାୟ ପେ ଚର୍ଚ୍ଚା କାର୍ଯ୍ୟକ୍ରମ ପ୍ରସାରିତ ହେବ ବୋଲି ସୋମନାଥ ସିଂହ ଜଣାଇଛନ୍ତି ।

❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: **ସୃଷ୍ଟିଧର ପରିଡ଼ା**
❒ ସଂପାଦିକା : **ସୈରିନ୍ଧ୍ରୀ ସାହୁ**

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001,
Phone No- (06782) 263704,267078, Fax- (06782) 267078

❒ Managing & Executive Editor : Srustidhar Parida
❒ Editor: Sairindhree Sahoo